

ବାଗେଶ୍ୱରଧାମରେ ବିଷ୍ଣୁଦେବ | ୬

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପବିତ୍ର ମହାଶିବରାତ୍ରୀର ଶୁଭେଚ୍ଛା

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୨୮ Vol. 21 No-328 26 FEBRUARY 2025 WEDNESDAY BHUBANESWAR ବୁଧବାର, ୨୬ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ଓଡ଼ିଶାରେ ମୃଦୁ ଭୂକମ୍ପ ଝଟ୍‌କା

ଭୁବନେଶ୍ୱର, ୨୫।୨ (ଭାସ୍କର ନ୍ୟୁଜ): ମଙ୍ଗଳବାର ଭୋର ୬.୧୦ରେ ଓଡ଼ିଶାର କେତେକ ସ୍ଥାନରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ରାଜଧାନୀ ଭୁବନେଶ୍ୱର ସମେତ ପୁରୀ, ପାରାଦୀପ, ବାରିପଦା, ସମ୍ବଲପୁର, ଅନୁଗୋଳ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ • ପୃଷ୍ଠା ୫ ଦେଖନ୍ତୁ

### ୨୮ରେ ନଡ୍ଡାଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୫।୨ (ଭାସ୍କର ନ୍ୟୁଜ): କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଆସନ୍ତା ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସି ପୁରୀରେ ଜାତୀୟ ସ୍ୱାସ୍ଥ୍ୟମିଶନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏ ନେଇ ରାଜ୍ୟ ବିଜେପି ପ୍ରଭାରୀ ସୂଚନା ଦେଇଛନ୍ତି।

### ମାର୍ଚ୍ଚ ୮ ଓ ୯ରେ ପୋଲିସ ଏସ୍‌ଆଇ ପରୀକ୍ଷା

କଟକ, ୨୫।୨ (ଭାସ୍କର ନ୍ୟୁଜ): ଆସନ୍ତା ମାର୍ଚ୍ଚ ୮ ଓ ୯ ତାରିଖରେ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ପକ୍ଷରୁ ପୋଲିସ ଏସ୍‌ଆଇ ପରୀକ୍ଷା କରାଯିବ। ୯୩୩ ପଦବୀ ପୂରଣ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏସ୍‌ଆଇ ର୍‍ୟାଙ୍କର ଅନ୍ୟସବୁ ପଦବୀ ପାଇଁ ମଧ୍ୟ ପରୀକ୍ଷା ହେବ ବୋଲି ସୂଚନା ମିଳିଛି।

## ଥକି ପଡ଼ିଛି ତୀର୍ଥରାଜ ପ୍ରୟାଗ

# ଶ୍ରଦ୍ଧାଳୁଙ୍କ ଭିଡ଼ରେ ଅଣନିଃଶ୍ୱାସୀ



**ସାରା ପରିବେଶ ଆବର୍ଜନାମୟ**

**ଶୋଇପାରୁ ନାହାନ୍ତି ସ୍ଥାନୀୟ ଲୋକେ**

**ମହାଶିବରାତ୍ରୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

ପ୍ରୟାଗରାଜ, ୨୫।୨: ଅନ୍ତିମ ପର୍ଯ୍ୟାୟରେ ସନାତନ ସଭ୍ୟତା, ସଂସ୍କୃତି ଓ ଶାଶ୍ୱତ ପରମ୍ପରାର ସମାବେଶ ମହାକୁମ୍ଭ। ଦିନ ସରି ସରି ଆସୁଥିବାବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ କିନ୍ତୁ ବଢ଼ିବଢ଼ି ଚାଲିଛି। ମହାକୁମ୍ଭର ଆଧ୍ୟାତ୍ମିକ ଆକର୍ଷଣ ସମସ୍ତଙ୍କୁ ତୀର୍ଥ ନଗରୀକୁ ଟାଣିଆଣୁଛି। ଏହାକୁ ହିନ୍ଦୁଶକ୍ତି ପ୍ରଦର୍ଶନର ସମାବେଶ ବୋଲି ମଧ୍ୟ କୁହାଯାଉଛି। ଧର୍ମ ହେଉଛି ବିଶ୍ୱାସର କଥା ଏବଂ ବିଶ୍ୱାସର ବ୍ୟାପାରରେ ଯୁକ୍ତିର ସ୍ଥାନ ନଥାଏ। ମହାକୁମ୍ଭ ଭାରତର ଅନନ୍ୟ ଅନନ୍ତ ଆଧ୍ୟାତ୍ମିକ ଐତିହ୍ୟକୁ ପରିପ୍ରକାଶ କରେ ଏବଂ ବିଶ୍ୱାସ ଓ ସୌହାର୍ଦ୍ଦ୍ୟର ଉତ୍ସବ ପାଳନ କରେ। ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ସମାବେଶ ଭାବେ ପରିଚୟ ହାସଲ କରିଥିବା ମହାକୁମ୍ଭ ଗତ ଜାନୁଆରୀ ୧୩ ତାରିଖ ପୌଷ ପୂର୍ଣ୍ଣିମାରେ ଆରମ୍ଭ ହୋଇଥିଲା ଏବଂ ଚଳିତମାସ ୨୬ ତାରିଖ ଅର୍ଥାତ୍ ବୁଧବାର ମହାଶିବରାତ୍ରୀ ପର୍ଯ୍ୟନ୍ତ ଏହା ଜାରି ରହିବ । ଏବେସୁଦ୍ଧା ୬୦୦ ମିଲିୟନ ଶ୍ରଦ୍ଧାଳୁ ମହାକୁମ୍ଭରେ ଆସ୍ଥାର ବୁଡ଼ ପକାଇ ସାରିଛନ୍ତି। ତେବେ ମହାଶିବରାତ୍ରୀରେ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆକଳନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନେକ ଅନ୍ତର୍ଜାତୀୟ ନେତାମାନେ ମୋକ୍ଷପ୍ରାପ୍ତି ଉଦ୍ଦେଶ୍ୟରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ୧୪୪ବର୍ଷ ପରେ ଏଭଳି ମହାସଂଯୋଗ ପଡିଥିବାରୁ ଭକ୍ତଙ୍କ ଭିଡ଼ ବଢ଼ିବାରେ ଲାଗିଛି। ପ୍ରୟାଗରାଜ ହେଉଛି ଉତ୍ତରପ୍ରଦେଶର ଅନ୍ୟତମ ଜନସଂଖ୍ୟାର ସହର। ୨୦୧୦-୧୧ ଜନଗଣନା ଅନୁଯାୟୀ ଏହାର ଜନସଂଖ୍ୟା ଥିଲା ୧୫.୫ଲକ୍ଷ । ପ୍ରତି ବର୍ଗ କିଲୋମିଟରରେ ବାସ କରୁଥିଲେ ୧୬ହଜାର ନାଗରିକ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇଛି। ଏଭଳି ଏକ ସ୍ଥିତିରେ ପ୍ରତିଦିନ ୧ କୋଟିରୁ ଅଧିକ ବ୍ୟକ୍ତିଙ୍କ ସମାଗମ ସହରର ଧାରଣ କ୍ଷମତାକୁ ମାଡ଼ିମକଚି ପକାଇବାରେ କୌଣସି ସନ୍ଦେହ ନାହିଁ । ଏବେ ଶ୍ରଦ୍ଧାଳୁଙ୍କ ଭିଡ଼ରେ କ୍ଳାନ୍ତ, କାକୁସ୍ଥ ଓ ଅବସନ୍ନ ହୋଇପଡ଼ିଛି ପ୍ରୟାଗରାଜ । ତ୍ରାହିତ୍ରାହି ଡାକିଲାଣି ସଙ୍ଗମସ୍ଥଳ। ମୋକ୍ଷ ପ୍ରାପ୍ତିପାଇଁ ବୁଡ଼ ପକାଇବାକୁ ଆସୁଥିବା ଲୋକଙ୍କ ଗହଳିରେ ବଦଳିଯାଇଛି ପ୍ରୟାଗରାଜର ପରିବେଶ । • ପୃଷ୍ଠା ୫ ଦେଖନ୍ତୁ

## ରାତି ୧୦ଟାରେ ଉଠିବ ଶ୍ରୀଲିଙ୍ଗରାଜଙ୍କ ମହାଦୀପ

# କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି



ଭୁବନେଶ୍ୱର, ୨୫।୨ (ଭାସ୍କର ନ୍ୟୁଜ): ରାତି ପାହିଲେ ପବିତ୍ର ମହାଶିବରାତ୍ରୀ। ଏ ନେଇ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଥିବାବେଳେ ମହାଶିବରାତ୍ରୀରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି କିପରି ସୁଚାରୁରୂପେ ସମ୍ପାଦନ ହୋଇପାରିବ ସେ ନେଇ ମଙ୍ଗଳବାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୁଧବାର ରାତି ୧୦ଟାରେ ମହାଦୀପ ଉଠିବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ। ସେ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ରହିଲେ ସବୁକିଛି ସୁଚାରୁରୂପେ ସମ୍ପାଦନ ହେବ। ମହାପ୍ରଭୁଙ୍କ ନୀତିକାନ୍ତି ମଧ୍ୟ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯିବ। ଲିଙ୍ଗରାଜଙ୍କ ସମସ୍ତ ନୀତିକାନ୍ତି, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଓ ଠିକ୍ ସମୟରେ ମହାଦୀପ ଉଠିବା ନେଇ ବୈଠକରେ ସହମତ ହୋଇଥିବା କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଅନ୍ୟପକ୍ଷରେ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଡିସିପି ପିନାକ ମିଶ୍ର କହିଛନ୍ତି ଯେ ଟ୍ରାଫିକ ପରିଚାଳନା ଏବଂ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ୩୨ ପ୍ଲାଟୁନ ଫୋର୍ସ ସହ ୫ଜଣ ଏଡିସିପି ପାହ୍ୟାର ଅଧିକାରୀ, ୧୫ଜଣ ଏସିପି ପାହ୍ୟାର ଅଧିକାରୀ, ୨୮ ଇନ୍ସପେକ୍ଟର, ୧୨୨ଜଣ ଏସ୍‌ଆଇ, ଇଏସ୍‌ଆଇଙ୍କ ସମେତ ଶତାଧିକ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ନିୟୋଜିତ • ପୃଷ୍ଠା ୫ ଦେଖନ୍ତୁ

# ଏଣିକି ବର୍ଷକୁ ଦୁଇଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା !

ନୂଆଦିଲ୍ଲୀ, ୨୫।୨: ଆସନ୍ତା ବର୍ଷଠାରୁ ସିବିଏସ୍‌ଇ ପକ୍ଷରୁ ଅନୁଷ୍ଠିତ ହେଉଥିବା ବୋର୍ଡ ପରୀକ୍ଷା ୨ଥର ହେବ ବୋଲି ସୁପାରିସ କରାଯାଇଛି। ବୁଧବାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ ସୁପାରିସ କରାଯାଇଛି। ଏନଇପି ଆଧାରରେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଅଣାଯାଉଥିବା ଶିକ୍ଷାବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ଖୁବ୍‌ଶୀଘ୍ର ଏକ ଚିଠା ନୀତି ପ୍ରସ୍ତୁତ କରାଯିବ। ଏଥିପାଇଁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ମତାମତ ନିଆଯିବ। ମାର୍ଚ୍ଚ ୯ ତାରିଖ ସୁଦ୍ଧା ସେମାନେ ମତାମତ ଦେବାପାଇଁ ନିବେଦନ କରାଯାଇଛି। ମତାମତ ମିଳିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।






ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର






କେନ୍ଦୁଝର(ଭାସ୍କର ନ୍ୟୁଜ୍): ରୋଟାରୀ କ୍ଲବ ତା'ର ୧୨୦ ତମ ଜନ୍ମ ଦିବସ ସାରା ଦେଶ ତଥା ବିଦେଶରେ ପାଳନ କରୁଛି । ଏହିକ୍ରମରେ ୨୩ ଫେବୃଆରୀ ରୋଟାରୀ ଦିବସକୁ ସ୍ମରଣୀୟ କରିବା ପାଇଁ ରୋଟାରୀ କ୍ଲବର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋଟାରୀ କ୍ଲବ କେନ୍ଦୁଝରଗଡ଼ ଓ ହିମା ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ସର୍ଭାଇକାଲ୍ କର୍କଟ ରୋଗର ମାଗଣା ସ୍କ୍ରିନିଂ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ରୋଗର ଭୟାବହତା ବିଷୟରେ ମା'ମାନଙ୍କୁ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡକ୍ଟର ମମତାରାଣୀ ଜେନା ବିସ୍ତୃତ ଭାବେ ବୁଝାଇ ସଚେତନ କରାଇଥିଲେ । ଏହି ମାଗଣା ସ୍କ୍ରିନିଂ କାର୍ଯ୍ୟକ୍ରମରେ ପ୍ରାୟତଃ ୪୦ ଜଣ ମହିଳାଙ୍କ ମାଗଣା ସ୍କ୍ରିନିଂ କରାଯାଇଥିଲା ଇତି ଅବସରରେ ବିଭିନ୍ନ ଗାଁରେ ମଶାରୀ ବଣ୍ଟନ, ଆର୍ଟ ଅଫ୍ ଲିଭିଂ ସ୍କୁଲରେ ପ୍ରାଥମିକ ଚିକିତ୍ସା ବାକ୍ସ ଏବଂ ପାଠ୍ୟ ସାମଗ୍ରୀ ବଣ୍ଟନ । ରୋଟାରୀ ଦିବସରେ ଅସହାୟ ପିଲାମାନଙ୍କୁ ସ୍କୁଲ ବ୍ୟାଗ ଏବଂ ପାଠ୍ୟ ସାମଗ୍ରୀ ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା । ରୋଟାରିଆନ ପ୍ରଶାନ୍ତ ସ୍ୱାଇଁ, ରୋଟାରିଆନ ମହେଶ ଚୌଡା, ରୋଟାରିଆନ ଦୀପକ ନାୟକ, ରୋଟାରିଆନ ବିଜୟ ବେହେରା, ଡାକ୍ତର ମମତା ରାଣୀ ଜେନା, ଡାକ୍ତର ରଶ୍ମି ରଞ୍ଜନ ଭଞ୍ଜ, ଇନର ହ୍ୱିଲ୍ ସଦସ୍ୟ ରୀତା କପୁର, ସସ୍ମିତା ପ୍ରଧାନ, ରୋଟାରିଆନ ଡାକ୍ତର ବିଷ୍ଣୁ ମାଝୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବହୁଚର୍ଚ୍ଚିତ ଜେନାପୁର ମଦମୃତ୍ୟୁ କମିଶନରସ୍ତରୀୟ ତଦନ୍ତ



ଚିକିଟି(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଚିକିଟି ଅବକାରୀ ବଭାଗ ଅଧିନସ୍ତ ଜେନାପୁର ଗ୍ରାମରେ ଗତ ଅଗଷ୍ଟ ୧୯ ତାରିଖରେ ଯେଉଁ ହୃଦୟ ବିଦାରକ ଘଟଣା ଘଟିଥିଲା ତାହା ଇତିହାସ ପୃଷ୍ଠାରେ କେବେ ହେଲେ ଲିଭିବ ନାହିଁ । ପ୍ରକାଶ ଯୋଗ୍ୟ ଯେ ଗତ କିଛି ମାସ ତଳେ ନିକଟସ୍ଥ ମାଉନ୍ଦପୁର ପୋଖରୀ ହୁଡ଼ାରେ ନିର୍ମିତ ବିଷାକ୍ତ ମଦ ପିଇବାକୁ ଜେନାପୁରର ପଚିଶିରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯାଇଥିଲେ । ପିଇ ଆସି ନିଜ ଘରେ ଅସୁସ୍ଥ ଅନୁଭବ କରିଥିଲେ । ଏହି ଅସୁସ୍ଥ ବ୍ୟକ୍ତିମାନଙ୍କୁ ପର୍ଯ୍ୟାୟ କ୍ରମେ ପ୍ରଥମେ ଚିକିଟି ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା କରିବା ପରେ ଗୁରୁତର ମାନଙ୍କୁ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ଜାରି ରଖି ଅନ୍ୟ କିଛି ବ୍ୟକ୍ତି ଧୀରେ ସୁସ୍ଥ ହୋଇଥିବା ମଧ୍ୟ ସୂଚନା ପ୍ରକାଶ ପାଇଥିଲା । ଗୁରୁତର ମାନେ ଦୀର୍ଘ ଦିନ ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସା ପାଇ ପାଇ ନିଜର ସ୍ଥିତିରେ ସୁଧାର ନ ଆଣିପାରି ଶେଷରେ ଜଣେ ପରେ ଜଣେ କିଛି କିଛି ଦିନ ବ୍ୟବଧାନରେ ମୃତ୍ୟୁ ବରଣ କରିଥିଲେ । ଉକ୍ତ ଘଟଣା ଘଟିବା ପରେ ସ୍ଥାନୀୟ ଅବକାରୀ ବିଭାଗ ଓ କେ. ନୂଆଗାଁ ପୋଲିସର ମିଳିତ ଚଢ଼ାଉ ବେଳେ ଏଗାର ଜଣ ଗିରଫ ହୋଇ ଜେଲରେ ଅଛନ୍ତି । ଘଟଣା ଘଟିବା ପରେ ସମସ୍ତ ସାମାଜିକ ସଂଗଠନ, ରାଜନୈତିକ ଦଳ ନିଜର ଦଳ ଧରି ମୃତକଙ୍କ ପରିବାର ନିକଟରେ ପହଞ୍ଚି କିଛି ଆର୍ଥିକ ସାହାର୍ଯ୍ୟ କରି ସମସ୍ତ ମୃତକ ପରିବାର ଙ୍କୁ ପାଶୋରି ଯାଇଛନ୍ତି । ଅନେକ ବାଦ ବିବାଦ ମଧ୍ୟରେ ଶାସକ ଦଳ,ବିରୋଧୀ ଦଳ ମଧ୍ୟରେ କାଦୁଅ ଫିଙ୍ଗା ଫିଙ୍ଗି ହୋଇ ବିଧାନସଭାର କାର୍ଯ୍ୟଦିବସରେ ଗୃହ ମୂଳତବୀ ହେବାରେ ଲାଗିଥିଲା । ଆଜି ଚିକିଟି ଜେନାପୁରରେ ଅବକାରୀ କମିଶନର ନରସିଂହ ଭୋଳଙ୍କ ନେତୃତ୍ୱରେ ସ୍ଥାନୀୟଏସଡ଼ିପିଓ ବିଶ୍ୱାମିତ୍ର ହରପାଲ, ଥାନା ଅଧିକାରୀ କିଶୋର ଚନ୍ଦ୍ର ସାମଲ ଙ୍କ ଉପସ୍ଥିତିରେ ବିଷାକ୍ତମଦ ପିଇ ସୁସ୍ଥ ହେବା ବ୍ୟକ୍ତି ଓ ମୃତକଙ୍କ ପରିବାର ବ୍ୟକ୍ତିମାନଙ୍କୁ ଡାକି ଜେନାପୁର କଲ୍ୟାଣ ମଣ୍ଡପରେ ଘଟଣା ସମ୍ବନ୍ଧରେ ପୁନାଖାନୁପୁଙ୍ଖ ପଚାରି ବୁଝିଥିଲେ । ଏହି ପଚରା ଉଚରା ବେଳେ ସୁସ୍ଥ ହୋଇଥିବା ବ୍ୟକ୍ତି ନିଜର ଅନୁଭୂତି କହିବାକୁ ଯାଇ ମଦରେ କିଛି ଗଛର ମୂଳ ଚେର ପକାଇ ମଦକୁ କଡ଼ା କରାଯାଇ ଥିବା ଏବଂ ମଦ ପିଇବା ସମୟରେ ମଦ ଗୁଡିକ ନୀଳରଙ୍ଗ ହୋଇଥିଲା । ଏ ବିଷୟ ଉକ୍ତ ଚୋରାବେପାରୀଙ୍କୁ ପଚାରିବାରୁ ଏଥିରେ ଗଛର ଚେର ମିଶାଯାଇଛି ବୋଲି ମଧ୍ୟ ବେପାରୀ ଜଣକ ପ୍ରକାଶ କରିଥିଲେ ବୋଲି କିଛି ଲୋକ ପ୍ରକାଶ କରିଥିଲେ । ପରେ ପରେ କମିଶନର ଜଣକ କଣ କଲେ ଆଉ ଲୋକେ ନକଲି ମଦ ପିଇବେ ନାହିଁ ବୋଲି ପଚାରିବାରୁ କମ ଦାମରେ ମଦ ମିଳିବା ଦରକାର ଆଉ ଅଧିକ କଡ଼ା ଥିବା ଦରକାର ବୋଲି ମଧ୍ୟ ପ୍ରକାଶ କରିଥିଲେ । ଏହି କ୍ରମରେ ବାରମ୍ବାର ଏହି ଘଟଣାର କମିଶନର ତଦନ୍ତ କରାଯାଉଥିବା ବେଳେ ଆରଡିସି ସ୍ତରୀୟ ତଦନ୍ତ କେବେ ହେବ ନା ଘଟଣାଟି ଚପାଇ ଦିଆଯିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ଧରାପଡିଲା କବରିବାହାଲ ବ୍ୟାଙ୍କ ଶାଖା ପରିଚାଳକଙ୍କ ଚଞ୍ଚକତା ଓ ଜାଲିଆତି

- ଏକାଧିକ ଜମାକାରୀଙ୍କ ଲକ୍ଷାଧିକ ଟଙ୍କା ଉଠାଉଥିଲେ
- ଅଭିଯୋଗ ପରେ ଟଙ୍କା ଫେରସ୍ତ ପାଇଁ ଲେଖିଲା ମାଜିନାମା

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ ମହୁଲପାଲିଥାନା ଅଧିନସ୍ଥ କବରି ବାହାଲ ଷ୍ଟେଟବ୍ୟାଙ୍କ ଶାଖା ଆମ ବ୍ୟାଙ୍କ ଶାଖା ପରିଚାଳକ ସତ୍ୟନାରାୟଣ ପୃଷେଠ ଏକାଧିକ ଜମାକାରୀଙ୍କ ଜମା ଟଙ୍କା ଜାଲିଆତି କରି ଉଠାଇ ମଉଜ ମଜଲସ କରି ଚାଲିଥିଲେ । ପୁଅ ବାହାଘର ନିମନ୍ତେ ଟଙ୍କା ଆବଶ୍ୟକ ଥିବା ନେଇ ଟଙ୍କା ଉଠାଣ ନିମନ୍ତେ ପାନପୋଷ ବନମାଳି ମାଝୀଙ୍କ ପତ୍ନୀ ଉପାସି ମାଝୀ କବରୀବାହାଲ ଶାଖା ଆମ ବ୍ୟାଙ୍କକୁ ଯାଇଥିଲେ । ବ୍ୟାଙ୍କ ଖାତାରେ ଟଙ୍କାନ ଥିବା ଶୁଣି ମର୍ମାହତ ହୋଇଥିଲେ । ତା.ପରେ କେଶାଇ ବାହାଲ ବ୍ୟାଙ୍କକୁ ଯାଇ ବୁଝିବାରେ ଏସି ନଂ ୧୧୫୦୧୨ ୭୫୧୪୭ ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ । ତାପରେ ଶାଖା ପରିଚାଳକ ସତ୍ୟନାରାୟଣ ପୃଷେଠଙ୍କ ଘରକୁ ଯାଇଥିଲେ ଏବଂ ମୋର ଜମାଟଙ୍କା ଗଲା କୁଆଡ଼େ ବୋଲି କହିଥିଲେ । ଜମାକାରୀଙ୍କ ଦାବୀପରେ ଶାଖା ପରିଚାଳକ କଣ ହୋଇଛି ଦେଖିବା ବୋଲି କହିଥିଲେ ।






ଏହାପରେ ମହୁଲପାଲି ଥାନାକୁ ଯାଇ ଶାଖା ପରିଚାଳକ ସତ୍ୟନାରାୟଣ ପୃଷେଠଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହ, ଟଙ୍କା ଫେରସ୍ତ ପାଇଁ ଥାନା ଅଧିକାରୀଙ୍କୁ ନିବେଦନ କରିଥିଲା ଉପାସି ମାଝୀ । ଏହି ଅଭିଯୋଗ ପରେ ଥାନା ଅଧିକାରୀ ସଦଳବଳେ ସତ୍ୟନାରାୟଣ ପୃଷେଠଙ୍କ ଘରେ ଯାଇ ପହଞ୍ଚିଥିଲେ ପୋଲିସ । ଘରେ ଲୁଚିଥିବା ଶାଖା ପରିଚାଳକ ଶ୍ରୀ ପୃଷେଠଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଟଙ୍କା ଉଠାଣ କଥା ସ୍ୱୀକାର କରିଥିଲା ଏବଂ ୧ମାସ ମଧ୍ୟରେ ଜମାକାରୀଙ୍କୁ ଟଙ୍କା ଭରଣା ପାଇଁ ରାଜିନାମା ଲେଖିଥିବା ଏହି ସୂତ୍ରରୁ ଜଣାଯାଇଛି । ପ୍ରାପ୍ତ ଅଭିଯୋଗମତେ ବ୍ୟାଙ୍କ ଖାତା ସଂସାଧନ କରିବା ଆଳରେ ଜମାକାରୀଙ୍କ ଠାରୁ ବାହାନା କରି ପାସବୁକ ନେଇ ଏପରି ଏକ ଲକ୍ଷ ୧୦ହଜାର ୨ଶହ ଟଙ୍କା ଚଞ୍ଚକତା କରିଥିବା ଶ୍ରୀମତୀ ମାଝୀ ଗୁରୁତର ଅଭିଯୋଗ କରିଛି । କେବଳ ଏତିକିରେ ସିମିତ ନାହିଁ ସେଇ ପାନପୋଷ ଗ୍ରାମର ଅନ୍ୟଜମାକାରୀ ସ୍ୱର୍ଗତ ଜଗନ୍ନାଥ ସାହୁ ପୁତ୍ର ତିଲେଶ୍ୱର ସାହୁ, ମଧୁ ଧାନପତ୍ନୀ ମିନା ଧାନ, ଗୋକୁଳାକଉଡି ପତ୍ନୀ ନଳିନୀ କଉଡି, ମନୋଜ ପିଙ୍ଗ ପତ୍ନୀ ସତ୍ୟତୀପଙ୍ଗ ପ୍ରମୁଖ ସହ ପଞ୍ଚାୟତର ଏକାଧିକ ଜମାକାରୀ ଲକ୍ଷଲକ୍ଷ ଟଙ୍କା ଏପରି ଚଞ୍ଚକତା କରି ଟଙ୍କା ଉଠାଣ କରିବା ମଧ୍ୟ ଅଭିଯୋଗ କରିଛନ୍ତି । ଏପରି ଜାଲିଆତି କଥା ଜମାକାରୀ ଜାଣିବା ପରେ, ଶାଖା ପରିଚାଳକ ଘରକୁ ଯାଇ ତାଗିଦ ପରେ, ୨ଜଣଙ୍କ ଟଙ୍କା ଫେରସ୍ତ କରିଥିବାବେଳେ ଅନ୍ୟମାନଙ୍କୁ ଜମି ବିକି ଟଙ୍କା ଫେରସ୍ତ କରିବାକୁ ପ୍ରତିଶୃତିଦେଇ ଚାଲିଛି । ଆମ ପ୍ରତିନିଧି ଶ୍ରୀ ପୃଷେଠଙ୍କୁ ଫୋନରେ ଯୋଗାଯୋଗ କରି ପଚାରିବାରେ ସ୍ୱୀକାର କରିବାସହ ଜମି ବିକ୍ରିକରି ଜମାକାରୀଙ୍କୁ ତାଙ୍କ ଟଙ୍କା ଫେରସ୍ତ କରିବି ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠେ ଜମିଜମା ଖତିୟାନ ଇଜ୍‌ମାଇଲି ରହିଛି'ତେଣୁ ସେହି ଖତିଆନ ନିଜ ଅଂଶ ତାଙ୍କ ନାମକୁ ଆସିବାପରେ ଯାଇ ଜମି ବିକ୍ରି ହୋଇପାରିବ । ତେଣୁ ତହସିଲଦାର ଓ ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟକୁ ଯାଇ ସେ ଚେଷ୍ଟା ଚଳାଇଛି । ଏକଥା ସାରା ପଞ୍ଚାୟତରେ ଚାଞ୍ଚଲ୍ୟ ଖେଳିଯାଇଛି । ଏଣୁ ଏତେ ବଡ଼ ଘୋଟାଲାରେ ସଂପୃକ୍ତ ପରିଚାଳକଙ୍କ ନାମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିବାକୁ ସବୁ ମହଲରେ ଦୃଢ଼ ଦାବି ହେଉଛି । ସୂଚନାଯୋଗ୍ୟଯେ,୨୮ ନଭେମ୍ବର ୨୦୨୩ରେ ଏହି ଶାଖା, ଆମ ବ୍ୟାଙ୍କ ସେବା ଆରମ୍ଭ ହୋଇଥିଲା । ସେହିଦିନଠାରୁ ଏପର୍ଯ୍ୟନ୍ତ କେତେଟଙ୍କା ଏପରି କରିଛନ୍ତି ତାହା ତଦନ୍ତ ସାପେକ୍ଷ ବାଲି ମଧ୍ୟ ଦାବି ହେଉଛି ।

# ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଚିହ୍ନଟ ଶିବିର




ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରିସରରେ ମଙ୍ଗଳବାର ଏକ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମ ଆଇଓସିଏଲ ରାଜ୍ୟ ମାର୍କେଟିଙ୍ଗ ଡିଭିଜନ ଏବଂ ଆଲମିକୋ ମିଳିତ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ସଂଯୋଜନାରେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଆଇଓସିଏଲର ଡାକ୍ତର ଜିତେନ୍ଦ୍ର କୁମାର ସାହୁ,ଏସଏସଏସଓ ଢେଙ୍କାନାଳର ଖଗେଶ୍ୱର ସେଠୀ ଯୋଗ ଦେଇ ପଞ୍ଜିକୃତ ହୋଇଥିବା ୨୧ଜଣ ବରିଷ୍ଠ ନାଗରିକ ଏବଂ ୧୫୯ଜଣ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିଥିବା ଜଣାପଡିଛି । ବିଭିନ୍ନ ପଂଚାୟତରୁ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ଆସି ଶିବିରରେ ଯୋଗ ଦେଇଥିବା ବେଳେ, ସେମାନଙ୍କୁ ଚିହ୍ନଟ କରାଯାଇ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ ସହାୟକ ଉପକରଣ ଯୋଗାଇ ଦିଆଯିବ । ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା କର୍ମଚାରୀ ପ୍ରଭାସ ସାମନ୍ତରାୟ, ବାନାବର ନାୟକ, ଯୋଗାଣ କର୍ମଚାରୀ ସନ୍ତୋଷୀ ପୃଷ୍ଟି,ଏନଆରଜିଏସ ଆସିଷ୍ଟାଣ୍ଟ ତପନ ସେଠଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ ରଖିଥିଲେ ।

# ପାଠାଗାର ଗୃହ ଉଦ୍‌ଘାଟିତ




କୃଷ୍ଣପ୍ରସାଦ(ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଗୋପାକୁଦା ଗ୍ରାମରେ ଦିବଂଗତ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ସ୍ମୃତି ଏକ ପାଠାଗାରକୁ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଉଦ୍‌ଘାଟନ କରିଛନ୍ତି । ଉଦଘାଟନୀ ଉତ୍ସବରେ ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ ସାସଂଦ ପ୍ରତିନିଧି ହରିହର ଦାସ କନିଷ୍ଠ ଯନ୍ତ୍ରୀ ମନୋଜ ସ୍ୱାଇଁ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ମାନସିଂ ସମେତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ବିଜେପି କର୍ମୀ ଉପସ୍ଥିତ ଥିଲେ । ଗ୍ରାମବାସୀଙ୍କ ତରଫରୁ ବିଧାୟିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ପୁଷ୍ପତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଉଦ୍‌ଘାଟନୀ ମଞ୍ଚରେ ପଥରଗଞ୍ଜ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ ।

# ତୈଳିକ ବୈଶ୍ୟ ସମାଜର ନୂତନ ସଭାପତି ମନୋନୀତ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ପରଜଙ୍ଗ କଲ୍ୟାଣୀ ମଣ୍ଡପରେ ପରଜଙ୍ଗ ତୈଳିକ ବୈଶ୍ୟ ସମାଜର ସମ୍ପାଦକ ସୁବ୍ରତ କୁମାର ସାହୁଙ୍କ ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରଜଙ୍ଗ ତୈଳିକ ସମାଜର ସମସ୍ୟା ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ସମାଜର ସଭାପତି ପ୍ରତାପ ଚନ୍ଦ୍ର ସାହୁଙ୍କର କିଛି ମାସ ତଳେ ଦେହାନ୍ତ ଘଟିଥିବାରୁ ସମାଜର ସଭାପତି ପଦବୀ ପୂରଣ ଉପରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଆଗତ କରାଯାଇ ନୂତନ ସଭାପତି ଭାବେ ଜଣେ ଉଦୀୟମାନ ଯୁବକ ସନ୍ତୋଷ କୁମାର ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ନବ ନିଯୁକ୍ତ ସଭାପତିଙ୍କୁ ସମାଜର ବିନୟ କୁମାର ସାହୁଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜର ଅନ୍ୟ ସମସ୍ତ ସଦସ୍ୟଙ୍କ ମନରେ ଭାବ ଆଦାନ ପ୍ରଦାନ ସହ ଉତ୍ସାହ ଜନ୍ମିଥିଲା ।

# ନିଖିଳ ଓଡିଶା ପାତ୍ର ତନ୍ତୀ ସମାଜର ବାର୍ଷିକ ସମ୍ମିଳନୀ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ନିଖିଳ ଓଡିଶା ପାତ୍ରତନ୍ତୀ ସମାଜ, କେନ୍ଦୁଝରର ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପାତ୍ରତନ୍ତୀ ସମାଜ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ସଭାପତି ବାବାଜୀ ଚରଣ ପାତ୍ର ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ଇନ୍ସୁରାନ୍ସ କମ୍ପାନୀ ମୁଖ୍ୟ ପ୍ରବନ୍ଧକ ତଥା ଚମ୍ପୁଆ ବ୍ଲକ ଉପସଭାପତି ଭବାନୀ ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ବସବାସ କରୁଥିବା ପାତ୍ରତନ୍ତୀ ସମାଜର ଲୋକେ ସଂଗଠିତ ହୋଇ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ସାହିତ୍ୟିକ ଭରତ ଚନ୍ଦ୍ର ପାତ୍ର,ସମ୍ମାନୀତ ଅତିଥି ତଥା ବକ୍ତା ଅବସରପ୍ରାପ୍ତ ଆଇଏଏସ୍ ମାଗୁଣି ଚରଣ ପାତ୍ର,ଚମ୍ପୁଆ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ପାତ୍ର,ଅଲେଖ ଚନ୍ଦ୍ର ପାତ୍ର,ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ,ଅବସରପ୍ରାପ୍ତ ଓଏଏସ୍ କୁମରମଣୀ ତନ୍ତୀ,ରମାକାନ୍ତ ପାତ୍ର,ସଭାପତି, ଦଳିତ ଆଦିବାସୀ ବିକାଶ ସଂସ୍ଥାନ,ଅବସରପ୍ରାପ୍ତ ବରିଷ୍ଠ ପ୍ରବନ୍ଧକ ରେଳସେବା ରଞ୍ଜନ କୁମାର ପାତ୍ର,ପୂର୍ବତନ ସଭାପତି ସମାଜ କରଞ୍ଜିଆ ମୟୁରଭଞ୍ଜ ଦେବାନନ୍ଦ ପାତ୍ର,ବରିଷ୍ଠ ସାମ୍ବାଦିକ ତଥା ସଂପାଦକ, ଜିଲ୍ଲା ପ୍ରେସ୍ କ୍ଲବ ଶରତ ଚନ୍ଦ୍ର ଦାସ, କରଞ୍ଜିଆର ଗାଳ୍ପିକ ମିତ୍ରଭାନୁ ତନ୍ତୀ,ଅରୁପ କୁମାର ପାତ୍ର,ସଂପାଦକ, ପାତ୍ରତନ୍ତୀ ସମାଜ, ମୟୁରଭଞ୍ଜ, ବିଜୟ କୁମାର ପାତ୍ର, ସଭାପତି, ଜାମ୍‌ଦା ବ୍ଲକ ରାଇରଙ୍ଗପୁର, ଗୋପବନ୍ଧୁ ଦାସ, ସଂପାଦକ ଜାମ୍‌ଦା ବ୍ଲକ,ଅଲେଖ ଚନ୍ଦ୍ର ପାତ୍ର, ସଭାପତି, ତେଲକୋଇ ବ୍ଲକ, ଧରଣୀଧର ପାତ୍ର, ସଂପାଦକ, ଘଟଗାଁ ବ୍ଲକ, କାହ୍ନୁଚରଣ ପାତ୍ର, ସଭାପତି, କରଞ୍ଜିଆ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପାତ୍ରତନ୍ତୀ ସମାଜର ଲୋକେ ଅନେକ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ସମାଜ ପାଇଁ ଗୌରବ ବୃଦ୍ଧି କରିଥିବା କହିବା ସହିତ ସମସ୍ତେ ନିଜ ନିଜ ଭିତରେ ସୁସଂପର୍କ ସ୍ଥାପନ ପୂର୍ବକ ପ୍ରତି ସ୍ତରରେ ଏକତା, ଭାଇଚାରାକୁ ଦୃଢୀଭୂତ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ଜିଲ୍ଲା ସମାଜ ସଂଗଠନର ସାଧାରଣ ସଂପାଦକ ଶରତ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ ଓ ସଂଗଠନର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ସଂଗଠନର ଆଭିମୁଖ୍ୟ, ଲକ୍ଷ୍ୟ ଓ ଆଗାମୀ ଦିନର ସାମାଜିକ ବିକାଶ ମୂଳକ କାର୍ଯ୍ୟକ୍ରମ, ତୃଣମୂଳସ୍ତରରେ ସଚେତନତା ପଲ୍ଲୀସଭା ଅନୁଷ୍ଠିତ କରିବା, ଅନ୍ଧବିଶ୍ୱାସ ବିଲୋପ ଓ ଶିକ୍ଷାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ । କେନ୍ଦୁଝର ଜିଲ୍ଲା ସମାଜ ମୁଖ୍ୟାଳୟ ତେଲକୋଇ ବ୍ଲକ, ବାଂଶପାଳ ବ୍ଲକ ଓ ଯୋଡା ବ୍ଲକ, ସିରିଗିଡା, ଦେଉଳଡିହା ଗ୍ରାମ, କେନ୍ଦୁସ୍ଥଳରେ ସରକାରଙ୍କ ଅନୁଦାନରେ ସମାଜ ଭବନ ଗୃହ ନିର୍ମାଣ ହୋଇଥିବାରୁ ଉପସ୍ଥିତ ସମ୍ମିଳନୀରେ ସମସ୍ତେ ଖୁସି ବ୍ୟକ୍ତ କରିବା ସହ ସରକାରଙ୍କୁ ଧନ୍ୟବାଦ ପ୍ରସ୍ତାବ ଅର୍ପଣ କରାଯାଇଥିଲା । ଏହି ଅବସରରେ ବିଗତ ବର୍ଷ ମାଟ୍ରିକ୍ ପରୀକ୍ଷା ରେ ଭଲ ନମ୍ବର ରଖି ଛାତ୍ରଛାତ୍ରୀ ପାତ୍ରତନ୍ତୀ ସମାଜର ଟେକ ରଖିଥିବାରୁ ସମାଜ ତରଫରୁ ସେମାନଙ୍କୁ ଟ୍ରଫି,ପୁଷ୍ପଗୁଚ୍ଛ ଏବଂ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । ଶେଷରେ ସହ ସଂପାଦକ ବସନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧକ୍ଷ ଭାସ୍କର ପାତ୍ର, ଚିନ୍ମୟାନନ୍ଦ ପାତ୍ର, ଅଜୟ ପାତ୍ର,ଲୋକନାଥ ପାତ୍ର,ହଳଧର ପାତ୍ର,ସାମ୍ବାଦିକ ସତ୍ୟବାନ ପାତ୍ର, ମଧୁସୁଦନ ପାତ୍ର, ତରଣୀ ପାତ୍ର, ଗୋପାଳ ଚନ୍ଦ୍ର ପାତ୍ର,ଗୋକୁଳ ଚନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପଞ୍ଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ମେଳା ଉଦ୍‌ଯାପିତ



କନ୍ଧମାଳ(ଭାସ୍କର ନ୍ୟୁଜ୍): ଫୁଲବାଣୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ପଞ୍ଚଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦଯାପିତ ହୋଇଯାଇଛି । ଗତ ୧୨ ତାରିଖରୁ ଆରମ୍ଭ ହୋଇ,ଦୀର୍ଘ ୧୨ ଦିନ ଧରି ଚାଲିଥିବା ଏହି ମେଳାରେ ବିପୁଳ ଜନସମାଗମ ହେବା ସହିତ ବିଭିନ୍ନ ଦିନ ମାନଙ୍କରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ତଥା କନ୍ଧମାଳ ଜିଲ୍ଲାରୁ ଅନେକ ସାରସ୍ୱତ ସାହିତ୍ୟିକ ତଥା ସାରସ୍ୱତ ସାଧକ ଯୋଗ ଦେଇ ତାଙ୍କର ସାହିତ୍ୟର ଭଣ୍ଡାରକୁ ଖୋଲି ଦେଇଥିଲେ ଫୁଲବାଣୀର ସାରସ୍ୱତ ପ୍ରେମୀ ମାନଙ୍କ ନିକଟରେ । ଉତ୍ସବର ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନୀରଦଚନ୍ଦ୍ର କହଁର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡ.ଅରୁପ କୁମାର ଜେନା ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ତୀର୍ଥ ଯାନୀ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ,ମୁଖ୍ୟ ସମ୍ପାଦକ ଡ.କାହ୍ନୁଚରଣ ଶତପଥି ପ୍ରାରମ୍ଭିକ ଭାଷଣ ରଖିଥିଲେ । ଅତିଥି ମାନେ ଅନୁଷ୍ଠାନର ଦୀର୍ଘ ୩୨ ବର୍ଷର କାର୍ଯ୍ୟଶୈଳୀ ଏବଂ ୧୫ ବର୍ଷର ପୁସ୍ତକ ମେଳାର ଆୟୋଜନସହଜ ସାଧ୍ୟ ନୁହେଁ ଯାହା ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ସୂଚାରୁ ରୂପେ ଏବଂ ନିରନ୍ତର ଭାବରେ କରି ଆସୁଛି ଯାହା ସହଜ ସାଧ୍ୟ ନୁହେଁ ବୋଲି ଖୁବ ସୁନ୍ଦର ଭାବରେ ବର୍ଣ୍ଣନା କରିବା ସହିତ ଅନୁଷ୍ଠିତ ଭବ୍ୟ ମେଳାର ଲୋକପ୍ରିୟତାକୁ ପ୍ରଶଂସା କରିଥିଲେ ନିଜ ନିଜର ବକ୍ତବ୍ୟରେ । ଏଥିପୂର୍ବରୁ ଅପରାହ୍ନରେ କୁଇ ଭାଷା ସାହିତ୍ୟ ସମିତି ତରଫରୁ ଏକ କୁଇ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସମିତିର ସଭାପତି ଦିନବନ୍ଧୁ କହଁର ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକ୍ରମର ଅତିଥି ଭାବରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ଡ.କାହ୍ନୁଚରଣ ଶତପଥି, କୁଇସମାଜ ସେବା ସମିତିର ସମ୍ପାଦକ ଇଂ.ଅବନୀ କୁମାର କହଁର, କୁଇ ସମାଜ ସେବା ସମିତି ଫିରିଙ୍ଗିଆର ସଭାପତି ମୁକୁନ୍ଦ କହଁର ପ୍ରମୁଖ ଯୋଗ ଦେଇଥିବା ବେଳେ କବି ସମ୍ମିଳନୀରେ, କୁଇ କବି ଅର୍ଜୁନ କହଁର ଏବଂ ବିଶ୍ୱମ୍ବର କହଁର ସଂଯୋଜନା କରିଥିଲେ । ଏଥିରେ ସମୁଦାୟ ୩୦ ଜଣ କୁଇ କବି ସେମାନଙ୍କର କବିତା ପାଠ କରିଥିଲେ । ପରେ ମେଳେରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ମେଳା ପରିସରରେ ଦୀର୍ଘ ୧୦ ଦିନ ଧରି ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ସୁପରିଚାଳନା ଓ ରକ୍ତ ସଂଗ୍ରହ ପାଇଁ ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଡ.ଜୟଦିପ ଘୋଷ ଏବଂ ତାଙ୍କର କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମେଳାରେ ପୂଜ୍ୟପୂଜା କାର୍ଯ୍ୟକ୍ରମ, ୨୨ ତାରିଖ ଦିନ କାର୍ଯ୍ୟକ୍ରମର ଉଦଘାଟକ ଭାବରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ହରିଶ ବିସି ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ପ୍ରଫେସର ସୁନୀଲ ମିଶ୍ର ଏବଂ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ କିଶୋର ଚନ୍ଦ୍ର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବରେ ପ୍ରତାପଚନ୍ଦ୍ର ମିଶ୍ର ଏବଂ ଅଧ୍ୟାପକ ମଦନସୁନ୍ଦର କ୍ଷେତି ଯୋଗ ଦେଇ "ଉତ୍କଳୀୟ ଅସ୍ମିତାରେ ପୂଜ୍ୟ ପୂଜାର ପରମ୍ପରା" ସମ୍ପର୍କିତ ଆଲୋଚନା ଚକ୍ରରେ ବକ୍ତବ୍ୟ ରଖିଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଫୁଲବାଣୀର ବଦାନ୍ୟ ଭିକ୍ଷୁ ତୁଳା ବେହେରାଙ୍କୁ କନ୍ଧମାଳ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ସହିତ,ବିସ୍ମୟ ଶିଶୁ ପ୍ରତିଭା(୪ ବର୍ଷ) ଚିନ୍ମୟୀ ସୁବୁଦ୍ଧି,ସାରସ୍ୱତ ଯୁଗଳନ୍ଦୀ ଦିପ୍ତୀମୟୀ ରଥ ଏବଂ ପ୍ରହଲ୍ଲାଦ ଲେଙ୍କା,ବିଶିଷ୍ଟ ରକ୍ତଦାତା, ମନୋଜ କୁମାର ମିଶ୍ର, କ୍ଷୀରବ୍ଧି ତନୟା ସିବିଏସି ପରୀକ୍ଷାରେ ଓଡ଼ିଆରେ ୧୦୦ ରୁ ୧୦୦ ମାର୍କ ଆଣିଥିଲେ ।ଏହାକୁ ନେଇ ମଧ୍ୟ ପୁରସ୍କୃତ ହୋଇଥିଲେ । ବିଶିଷ୍ଟ ରକ୍ତଦାତା ପ୍ରୋତ୍ସାହନ କାରୀ ଘୁ.ଉଦୟଗିରିର ନିତ୍ୟସୁନ୍ଦର ଦାସ,ବିଶିଷ୍ଟ ଶିକ୍ଷାବିତ୍ ପ୍ରମିଳା ଦାସ, ନାରୀ ପ୍ରତିଭା ରିନାରାଣୀ ବେହେରା, ବରିଷ୍ଠନାଗରିକ (୧୦୫ ବର୍ଷ)ବିଶି ମଲ୍ଲିକ ଏବଂ ପାରା ଆଥ୍ଲେଟ୍ ସୁନୀଲ କୁମାର ପରିଡାଙ୍କ ସମେତ ବିଭିନ୍ନ ୨୨ ଜଣ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ଏହି ୧୨ ଦିନିଆ କାର୍ଯ୍ୟକ୍ରମରେ, କନ୍ଧମାଳ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ପୋଲିସ ବିଭାଗ, ବିଦ୍ୟୁତ୍ ବିଭାଗ, ପୌରପରିଷଦ, ଅଗ୍ନିଶମ ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସଦ ସମେତ ସମସ୍ତ ବିଭାଗର ସହଯୋଗରେ ଏହି ମେଳା ସଫଳ ହୋଇଛି ବୋଲି ଅନୁଷ୍ଠାନର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

# କୃଷକ ସମ୍ମାନ ଦିବସ ପାଳିତ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ସ୍ଥାନୀୟ କେନ୍ଦୁଝର ଟାଉନ୍ ଅଡିଟୋରିୟମରେ ଜିଲ୍ଲାସ୍ତରୀୟ କୃଷକ ସମ୍ମାନ ଦିବସ କୃଷି ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ଗତକାଲି ସୋମବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ଜିଲ୍ଲାର କୋଣ ଅନୁକୋଣରୁ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେବାକୁ ଆସି ପହଞ୍ଚିଥିଲେ । କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝର ଦ୍ୱାରା ପ୍ରାକୃତିକ କୃଷି ସମ୍ବନ୍ଧୀୟ ଏକ ଛୋଟ ପ୍ରଦର୍ଶନୀର ଆୟୋଜନ କରା ଯାଇଥିଲା । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର ଅଭିଭାଷଣ ଏବଂ ଦେଶବ୍ୟାପି ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧିର ୧୯ତମ କିସ୍ତି ବଣ୍ଟନର ସିଧା ପ୍ରସାରଣ ଆଭାସି ମଞ୍ଚ ମାଧ୍ୟମରେ କରାଯାଇଥିଲା । କୃଷି ଏବଂ କୃଷକ ସଶକ୍ତି କରଣ ବିଭାଗର ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ପର୍ଶୁରାମ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ ସୁକାନ୍ତ କୁମାର ସାହୁ, ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଭାଗିରଥି ସିଂହ ଯୋଗଦେଇ ଚାଷୀମାନଙ୍କ ଉତ୍ସାହ ବର୍ଦ୍ଧନ କରିଥିଲେ ।

# ଲଖନପୁରରେ ଜନ ଅଭିଯୋଗ ଶୁଣାଣି ଶିବିର

ବେଲାପାହାଡ(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଞ୍ଚାୟତ ସମିତିର ସଭାଗୃହରେ ଗତ ସୋମବାର ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଅବୋଲୀ ସୁନିଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଆଇଏଏସ୍ ପ୍ରବେଶନର ସି ସର୍ବାନନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ଡିହିରିଆ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୩୪ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୧୪ଟି ସାମୁହିକ ଅଭିଯୋଗ ଉପରେ ଜିଲାପାଳ ଶୁଣାଣି କରିଥିଲେ । ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା । ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।



କଟକ(ଭାସ୍କର ନ୍ୟୁଜ୍): କଟକ ଟ୍ୟାକ୍ସ ବାର ପକ୍ଷରୁ କେନ୍ଦ୍ରୀୟ ବେଜଟ୍ ୨୦୨୫-୨୬ ଉପେର ଆଜି ସନ୍ଧ୍ୟାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଟକ ଆୟକର ଆପିଲିୟ ଅଧିକରଣର ନ୍ୟାୟିକ ସଦସ୍ୟ ଜର୍ଜ ମାଥାନ ମୁଖ୍ୟ ଅତିଥି ଭାବେ ଯୋଗେଦଇ ତାଙ୍କର ଅଭିଭାଷଣ ରଖିଥିଲେ । ପ୍ରତ୍ୟକ୍ଷ କର ବାବଦରେ କ୍ରିଷ୍ଣାକେହ୍ନୟା ବାଜୋରିଆ ଓ ପେରାକ୍ଷ କର ଉପେର ଚାଟାର୍ଡ଼ ଏକାଉଣ୍ଟାଣ୍ଟ ଲଡୁଗୋପାଳ ସାହା ଉକ୍ତ ବେଜଟ୍‌ରେ ବିଭିନ୍ନ ଧାରାର ପରବର୍ତ୍ତନ ଓ ତାର କରଦାତାମାନଙ୍କ ଉପେର ପ୍ରଭାବ ବିଷୟ ସବିଶେଷ ଆଲୋଚନା କରିଥିଲେ । ପ୍ରଶାନ୍ତ ମିଶ୍ର ସଭାପତିତ୍ୱ କରିଥିବାବେଳେ ସୌମ୍ୟଶିବ ମହାନ୍ତି -ସଂପାଦକ ଧନ୍ୟବାଦ ପ୍ରସ୍ତାବ ରଖିଥଲେ । ଅନ୍ୟମାନଙ୍କ ମଧ୍ୟେର ପ୍ରଦୀପ ପଟ୍ଟନାୟକ, ଅମୂଲ୍ୟ ମେହର, ବିବେକାନନ୍ଦ ମହାନ୍ତି, ନଟବର ପଣ୍ଡା, କାର୍ଯ୍ୟକାରୀ ସଦସ୍ୟମଣ୍ଡଳୀ ଯୋଗ ଦେଇଥଲେ ।

ରଥଯାତ୍ରା ନେଇ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

## ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଲାଗିବ ସିସିଟିଭି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା-୨୦୨୫କୁ ଦୃଷ୍ଟିରେ ରଖି ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ଗୃହ (ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସମେତ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ପୁରୀ ଏବଂ ରାଜ୍ୟ ପୋଲିସ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ବିଶେଷ କରି ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ସମ୍ଭାବ୍ୟ ଜନଗହଳି ଓ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ଏହାର ସୁପରିଚାଳନା ଓ ସୁବ୍ୟବସ୍ଥା ନିମନ୍ତେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା । ପୁରୀ ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ରଥଯାତ୍ରା ସମେତ ଅନ୍ୟ ସମୟରେ ମଧ୍ୟ ବର୍ଷସାରା ବହୁ ସଂଖ୍ୟାରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ବଡଦାଣ୍ଡ ଏବଂ ପୁରୀ ବେଳାଭୂମିରେ ନିୟମିତ ଭାବେ ଭିଡ଼ ଦେଖାଦେଇଥାଏ । ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥାଏ । ତେଣୁ ଟ୍ରାଫିକ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ କରିବା, ଅପରାଧ ରୋକିବା ଓ ଆଇନଶୃଙ୍ଖଳା ପରିଚାଳନା ପାଇଁ ରିୟଲ ଟାଇମ ମନିଟରିଂ ଦୃଷ୍ଟିରୁ ପୁରୀକୁ ସଂଯୋଗ କରୁଥିବା ରାସ୍ତା, ପୁରୀ ସହର, ବଡ଼ଦାଣ୍ଡ ଓ ପୁରୀ ବେଳାଭୂମି ଆଦି ପ୍ରମୁଖ ୩୪୩ ସ୍ଥାନରେ ସିସିଟିଭି ସ୍ଥାପନ ପାଇଁ ପୁଲିସ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଛି । ତନ୍ମଧ୍ୟରେ ଉତ୍ତରା ଛକରୁ ମାଳତୀପାଟପୁର, ପୁରୀ ଗ୍ରୀଡ୍ ଷ୍ଟେସନରୁ କୋଣାର୍କ, ବାଲିଘାଇରୁ ନିମାପଡ଼ା, ମଙ୍ଗଳାଘାଟରୁ ସାତପଡ଼ା, ମାଳତିପାଟପୁରରୁ ମଙ୍ଗଳାଘାଟ, ମଙ୍ଗଳାଘାଟରୁ ବଡଦାଣ୍ଡ, ପୁରୀ ବଡ଼ଦାଣ୍ଡ, ବଡ଼ଦାଣ୍ଡରୁ ସମୁଦ୍ରକୂଳ, ସମୁଦ୍ର କୂଳ, ବଡଦାଣ୍ଡରୁ ଗ୍ରୀଡ୍ ଷ୍ଟେସନ, ପାର୍କିଂ ସ୍ଥଳ, ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ ସହିତ ପୁରୀ ସହରର ଗଳି ଓ ଉପଗଳି ଆଦିରେ ବିଭିନ୍ନ ସ୍ଥାନରେ ଏହି ସମସ୍ତ ସିସିଟିଭି ଲଗାଯିବା ପାଇଁ ପ୍ରସ୍ତାବ ରଖାଯାଇଛି । ଏଥି ପାଇଁ ଭିତ୍ତିଭୂମି ଓ ବୈଷୟିକ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇଥିଲା । ଆମର ସିସିଟିଭି ବ୍ୟବସ୍ଥା ଯେପରି ଜାତୀୟସ୍ତରୀୟ ହେବ ଭିତ୍ତିଭୂମି ପ୍ରସ୍ତୁତି ଓ ବୈଷୟିକ ଜ୍ଞାନ କୌଶଳର ଉପଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ପ୍ରକାଶ ଥାଉକି, ଚଳିତ ବର୍ଷ ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧, ଶ୍ରୀଗୁଣ୍ଡିଚା ଯାତ୍ରା ଜୁନ୍ ୨୭, ବାହୁଡା ଯାତ୍ରା ଜୁଲାଇ ୫ ଓ ସୁନାବେଶ ଜୁଲାଇ ୬ ତାରିଖରେ ଅନୁଷ୍ଠିତ ହେବ । ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ କହିଛନ୍ତି ଯେ, ଲୋକମାନଙ୍କ ଧାର୍ମିକ ଭାବନା ବୃଦ୍ଧି ପାଉଛି । ଆଗାମୀ ରଥଯାତ୍ରାରେ ଗତ ବର୍ଷ ଅପେକ୍ଷା ଅଧିକ ଜନଗହଳି ଆଶା କରାଯାଉଛି । ଏବେଠାରୁ ଯଥେଷ୍ଟ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି ।

## ମହାକୁମ୍ଭରେ ବୁଡପକାଇଲେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାକୁମ୍ଭରେ ବୁଡ ପକାଇଲେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର । ବୁଡ ପକାଇବା ପରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ ମହାକୁମ୍ଭ, ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମର ସମୃଦ୍ଧ ପରମ୍ପରାର ଜୀବନ୍ତ ପ୍ରଣାମ । ଏହା କେବଳ ଯେ ଆତ୍ମାର ଶୁଦ୍ଧତା ପାଇଁ ଏକ ପଥ ତାହା ନୁହେଁ, ବରଂ ବିଭିନ୍ନ ପୃଷ୍ଠଭୂମିରୁ ଲୋକଙ୍କୁ ଏକତ୍ରିତ କରି ବସୁଧୈବ କୁଟୁମ୍ବକମର ଅନନ୍ୟ ବାର୍ତ୍ତା ପ୍ରଦାନ କରୁଥିବା ଏକ ଦିବ୍ୟ ଭବ୍ୟ ମହୋତ୍ସବ ଅଟେ ।

## ଜାଗରଯାତ୍ରା ପାଇଁ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ

କଟକ(ଭାସ୍କର ନ୍ୟୁଜ୍): ବୁଧବାର ଦିନ ପବିତ୍ର ମହାଶିବରାତ୍ରୀରେ ଜାଗରଯାତ୍ରା ପଡୁଥିବାରୁ କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିବ । ଏହାକୁ ଦୃଷ୍ଟିରେ ରଖି କମିସନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି । ସହରର ବିଭିନ୍ନ ଶୈବପୀଠରେ ୧୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ନିୟୋଜିତ ହେବେ । ସହରର ଶୈବପୀଠ ବିଶେଷ କରି ବକ୍ସିବଜାର ଅମରେଶ୍ୱର ମନ୍ଦିର, ନୂଆପଡ଼ା ବାଲିସାହି ଆଖଣ୍ଡଳମଣି ମନ୍ଦିର, ବାଦାମବାଡ଼ି ଉତ୍ତରେଶ୍ୱର ମନ୍ଦିର, ବାଲିଯାତ୍ରା ପଡିଆ ନିକଟସ୍ଥ ଗଡଗଡେଶ୍ୱର ମନ୍ଦିର, ଫ୍ରେଣ୍ଡ୍ସ କଲୋନୀସ୍ଥିତ ଶିବମନ୍ଦିର, ବେଲେଶ୍ୱରଦେବ, ଖାନନଗର ମଣିମନ୍ଦିର, ଫ୍ରେଣ୍ଡ୍ସ କଲୋନୀ ସ୍ଥିତ ସର୍ପେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର ଏବଂ ସର୍ବୋପରି ପରମହଂସ ପୀଠରେ ବ୍ୟାପକ ପୋଲିସ୍ ହେଫାର୍ସ ମୁତୟନ କରାଯିବ ।

## ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କୁ ସ୍ମରଣ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ମରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ଐତିହାସିକ ଓ ଗବେଷକ ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି ।

୬ଷ୍ଠ ଓଡିଶା ଟ୍ରାଭେଲ୍ ବଜାର

## ଓଡିଶା ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବି୨ବି ପ୍ରଦର୍ଶନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଓ ଭବିଷ୍ୟତ ପିଢି ପାଇଁ ଆମର ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ପ୍ରତି ସରକାର ପ୍ରତିବଦ୍ଧ । ଆଗାମୀ ୫୦ ବର୍ଷରେ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ସହ ଓଡିଶାକୁ ଦୁଃସାହସିକ ଓ ଆବିଷ୍କାର କ୍ଷେତ୍ରରେ ଏକ ଶ୍ରେଷ୍ଠ ଗନ୍ତବ୍ୟସ୍ଥଳୀରେ ପରିଣତ କରିବା ନେଇ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟକୁ ବାସ୍ତବ ରୂପ ଦେବା ପାଇଁ ଘରୋଇ କ୍ଷେତ୍ରରୁ ନିବେଶ ଓ ସହଭାଗିତାକୁ ସ୍ୱାଗତ କରୁଛୁ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ମଙ୍ଗଳବାର ହୋଟେଲ ସ୍ୱସ୍ତି ପ୍ରିମିୟମ, ଭୁବନେଶ୍ୱରରେ ୬ଷ୍ଠ ଓଡିଶା ଟ୍ରାଭେଲ ବଜାର (ଓଟିବି) ୨୦୨୫ର ବି୨ବି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀମତି ପରିଡା କହିଛନ୍ତି ଯେ ଓଡିଶା ଆଡ୍‌ଭେଞ୍ଚର ସ୍ପୋର୍ଟସ ପାଇଁ ପ୍ରମୁଖ ଗନ୍ତବ୍ୟସ୍ଥଳୀ ଭାବେ ଉଭା ହୋଇଛି । ଏଠାରେ ସାମୁଦ୍ରିକ ବେଳାଭୂମି, ଘଂଚ ଜଙ୍ଗଲ, ପର୍ବତ, ଜଳପ୍ରପାତ ଆଦି ସମେତ ଆକର୍ଷଣୀୟ ସ୍ଥାନଗୁଡିକର ଏକ ଉତ୍କୃଷ୍ଟ ଶୃଙ୍ଖଳା ରହିଛି । ଏ ସବୁର ବିକାଶ କରି ପରବର୍ତ୍ତୀ ୫୦ ବର୍ଷ ପାଇଁ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୂଳଦୁଆ ପକାଇବା ଆମର ଲକ୍ଷ୍ୟ । ଦୁଃସାହସିକ ପର୍ଯ୍ୟଟନ କେବଳ ରୋମାଂଚ ବିଷୟରେ ନୁହେଁ -ଏହା ଦାୟିତ୍ୱପୂର୍ଣ୍ଣ ଯାତ୍ରା, ପରିବେଶ ପରିଚାଳନା ଏବଂ ସ୍ଥାନୀୟ ସମୁଦାୟପାଇଁ ଅର୍ଥନୈତିକ ସୁଯୋଗ ସମ୍ବନ୍ଧିତ ଅଟେ । ବିବିଧ ପର୍ଯ୍ୟଟନ ଅନୁଭୂତି ପାଇଁ ଭାରତର ପ୍ରୟାସ ସହିତ ଓଡ଼ିଶାର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଛି ଏବଂ ଆମେ ଏହି ଯାତ୍ରାକୁ ସମର୍ଥନ କରିବାକୁ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟ ଏହାର ଉଦ୍ୟୋଗୀ ମନୋଭାବ ସହିତ ଏହାର ଅନ୍ତରରେ ଗଭୀର ଭାବରେ ଜଡ଼ିତ ରହିଛି । ପର୍ଯ୍ୟଟନ କମିଶନର-କମ-ସଚିବ ବଲୱନ୍ତ ସିଂଙ୍କ ଦ୍ୱାରା ଏକ ପ୍ରସଙ୍ଗ-ନିର୍ଦ୍ଧାରଣ ଅଧିବେଶନ ସହିତ କର୍ମଶାଳା ଆରମ୍ଭ ହୋଇଥିଲା । ଶ୍ରୀ ସିଂ କହିଥିଲେ ଯେ ପ୍ରାଚୀନ ଉପକୂଳଠାରୁ ଆରମ୍ଭ କରି ଭବ୍ୟ ପାହାଡ଼ ଓ ନଦୀ ପର୍ଯ୍ୟନ୍ତ ଦୁଃସାହସିକ ପର୍ଯ୍ୟଟନ ପାଇଁ ଓଡ଼ିଶା ଏକ ଉପଯୁକ୍ତ ଦୃଶ୍ୟରେ ଭରପୂର । ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ଓଡ଼ିଶା ଆଡଭେଞ୍ଚର ଟୁରିଜିମ ମାର୍ଗଦର୍ଶିକା ୨୦୨୫ର ଡ୍ରାଫ୍ଟ ଉପସ୍ଥାପନ କରିଥିଲେ । ଆସାମ, ଛତିଶଗଡ, ଦିଲ୍ଲୀ, ଗୋଆ, ଗୁଜରାଟ, ଜମ୍ମୁକଶ୍ମୀର, ଝାଡଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲେଙ୍ଗାନା, ତ୍ରିପୁରା, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡିକରୁ ୧୦୦ରୁ ଅଧିକ କ୍ରେତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଆଇଏସ୍‌ଓ ସାର୍ଟିଫିକେଟ୍ ପାଇଲା ରାଜ୍ୟ ଟିକା ଭଣ୍ଡାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମ ଅଧୀନରେ ଟୀକାର ଗୁଣବତ୍ତାସମ୍ପନ୍ନ ପରିଚାଳନା ପାଇଁ ରାଜ୍ୟ ଟିକା ଭଣ୍ଡାର ଦେଶର ପ୍ରଥମ ଟିକା ଭଣ୍ଡାର ଭାବେ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଛି । ଟିକାର ଉପଯୁକ୍ତ ସଂରକ୍ଷଣ, କୋଲ୍ଡ ଚେନ୍ ପରିଚାଳନା, ଯୋଗାଣ ଶୃଙ୍ଖଳ ପରିଚାଳନା, ଅନ୍‌ଲାଇନ୍ ସଫ୍ଟୱ୍ୟାର ଜରିଆରେ କମ୍ପ୍ୟୁଟରୀକୃତ ରେକର୍ଡ, ପ୍ରତ୍ୟହ ଦୁଇଥର ତାପମାତ୍ରା ପରୀକ୍ଷା ଦ୍ୱାରା ଟିକାର ମାନ ବଜାୟ ରଖିବା ଓ ଶୂନ୍ୟ ଅପଚୟ ପରି ମାନକଗୁଡ଼ିକ ପାଇଁ ରାଜ୍ୟ ଟିକା ଭଣ୍ଡାରକୁ ଏହି ପ୍ରମାଣପତ୍ର ମିଳିଛି । ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରନ୍ତର ପ୍ରୟାସ ଓ ଉତ୍ସର୍ଗୀକୃତ ସେବା ମନୋଭାବ ଯୋଗୁଁ ଏହି ସଫଳତା ମିଳିପାରିଛି । ସଠିକ କୋଲ୍ଡ ଚେନ୍ ବ୍ୟବସ୍ଥା ଏବଂ ଟିକାର ଉପଯୁକ୍ତ ପରିବହନ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ହିତାଧିକାରୀଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଅନୁମୋଦିତ ତାପମାତ୍ରାରେ ଟିକାକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଶାରେ ରାଜ୍ୟ ଟିକାଭଣ୍ଡାର, ୯ ଆଞ୍ଚଳିକ ଏବଂ ୩୨ ଜିଲ୍ଲା ଟିକା ଭଣ୍ଡାର ସମେତ ୧୨୬୩ କୋଲ୍ଡ ଚେନ୍ କେନ୍ଦ୍ର ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟର ୭ ଆଞ୍ଚଳିକ ଏବଂ ୨୨ ଜିଲ୍ଲା ଟିକା ଭଣ୍ଡାର ଆଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇସାରିଛନ୍ତି ।

## ଆୟକର ଫାଇଲ୍ କରିଥିଲେ ବି କଟିବନି ରାସନ୍ କାର୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆୟକର ଫାଇଲ କରିଥିଲେ ବି କଟିବନି ରାସନ କାର୍ଡ । ଫିଜିକାଲ ଭେରିଫିକେସନ କରିବେ ରାଜ୍ୟ ସରକାର । ଏନେଇ ଲିଷ୍ଟ ସହ ଡୋର ଟୁ ଡୋର ବୁଲି ଭେରିଫିକେସନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଫିଜିକାଲ ଭେରିଫିକେସନ ପରେ ନିଷ୍ପତ୍ତି ନିଆଯିବ । ଅଭିଯୋଗ ଆସୁଛି ଯେଉଁମାନେ ଆୟକର ଫାଇଲ କରୁଛନ୍ତି କାର୍ଡ କଟିଯାଉଛି । କିନ୍ତୁ କାହାର କାର୍ଡ କାଟିବନି । ଲିଷ୍ଟ ଯାଇଛି ଅଧିକାରୀଙ୍କ ପାଖକୁ, ସେମାନେ ଡୋର ଟୁ ଡୋର ବୁଲି ଦେଖିବେ । କାହାର ଆୟ କେତେ ତାପରେ କାର୍ଡ କଟିବ । ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି କାହାର କାର୍ଡ କାଟନ୍ତୁ ନାହିଁ କି ଚାଉଳ ବନ୍ଦ କରନ୍ତୁ ନାହିଁ । ପ୍ରକୃତରେ ଯିଏ ଗରିବ ଥିବ କାର୍ଡ ରହିବ । ଧନୀ ଲୋକ ହାତେଇ ଥିଲେ କଟିବ । ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଯଦି କଟିଛି ବିଭାଗକୁ ଜଣାଇବାକୁ ଅପିଲ କରିଛନ୍ତି ମନ୍ତ୍ରୀ । ତଦନ୍ତ କରି ସେମାନଙ୍କୁ ସାମିଲ କରାଯିବ । ଗ୍ରାମାଞ୍ଚଳ ମାସିକ ୧୦ ହଜାର ଏବଂ ସହରାଞ୍ଚଳରେ ୧୫ ହଜାର ଆୟ ଥିଲେ କାର୍ଡ କଟିବାକୁ ନିର୍ଦ୍ଦେଶ ଆସିଛି । ଯେଉଁମାନେ ପ୍ରକୃତରେ ଗରିବ ସେମାନଙ୍କ କାର୍ଡ ରହୁ । ସେଥିପାଇଁ ଫିଜିକାଲ ଭେରିଫିକେସନ ହେବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

## ସଭାପତିଙ୍କ ନେତୃତ୍ୱରେ ସମସ୍ତେ କାର୍ଯ୍ୟ କରିବେ: ପଦ୍ମନାଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତେ କାର୍ଯ୍ୟ କରିବେ । ଏହା କହିଛନ୍ତି ବିଜେଡିର ବରିଷ୍ଠ ନେତା ପଦ୍ମନାଭ ବେହେରା । ସେ କହିଛନ୍ତି ବିଜେଡିର ଭବିଷ୍ୟତ ନେଇ ଆମେ ବରିଷ୍ଠ ନେତୃତ୍ୱ ସଭାପତିଙ୍କୁ କିଛି ପ୍ରସ୍ତାବ ବା ପରାମର୍ଶ ଦେଇଥିଲୁ, ତାକୁ ସେ କିଛିଟା କାର୍ଯ୍ୟକାରୀ କରିଛନ୍ତି ଆଉ ସାଂଗଠନିକ ନିର୍ବାଚନ ଶେଷ ବେଳକୁ କରିବେ ବୋଲି ଆମେ ଆଶାବାଦୀ । କଣ ପରାମର୍ଶ ଦେଇଥିଲୁ ଗଣମାଧ୍ୟମ ଆଗରେ ତ କହି ହେବନି କିନ୍ତୁ ଦଳୀୟ ଶୃଙ୍ଖଳା ଭିତରେ ଯାହା ନିହାତି ଆବଶ୍ୟକ ସେ କଥା କହିଛୁ । ଦଳର ଦ୍ୱିତୀୟ ପିଢ଼ିଙ୍କୁ ନେଇ ସଭାପତି ଯାହା ନିଷ୍ପତ୍ତି ନେବେ ତାକୁ ସମସ୍ତେ ଗ୍ରହଣ କରିବେ । ଦଳର ଦାୟିତ୍ୱ ତାଙ୍କ ଉପରେ ଆମେ ନ୍ୟସ୍ତ କରିଛୁ ତାଙ୍କ ନେତୃତ୍ୱରେ ହିଁ ସଂଗଠନ ସୁଦୃଢ଼ ହେବ । ଯାହାଙ୍କୁ ଦାୟିତ୍ୱ ଦେବେ ସେମାନେ ଦଳ ପାଇଁ କାର୍ଯ୍ୟ କରିବେ । ସଭାପତିଙ୍କ ନେତୃତ୍ୱରେ ସମସ୍ତେ କାର୍ଯ୍ୟ କରିବେ ।

## ହଂସିତା ଅଭିଲିପ୍ସାର ଜାମିନ୍ ଖାରଜ

କଟକ(ଭାସ୍କର ନ୍ୟୁଜ୍): କୋଟି କୋଟି ଟଙ୍କା ଠକେଇ ମାମଲାରେ ହାଇକୋର୍ଟ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ହଂସିତା ଅଭିଲିପ୍ସାର ଜାମିନ ଆବେଦନକୁ ଖାରଜ କରିଛନ୍ତି । ହାଇକୋର୍ଟର ବିଚାରପତି ବିଚାରପତି ଆର୍.କେ. ପଟ୍ଟନାୟକଙ୍କ ତାଙ୍କ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିଛନ୍ତି । ହଂସିତା ତାଙ୍କ ଆବେଦନରେ ୪ ସପ୍ତାହ ନିମନ୍ତେ ଜାମିନ ଆବେଦନ କରିଥିଲେ । ପୂର୍ବରୁ ଠକ ହଂସିତା ଅଭିଲିପ୍ସାଙ୍କ ସ୍ୱାମୀ ମନୋଜ କୁମାର ଆଚାର୍ଯ୍ୟଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଥିଲା । ହାଇକୋର୍ଟର ବିଚାରପତି ଭି.ନରସିଂହଙ୍କ ଇଜିଲାସ ମନୋଜଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ତାଙ୍କ ଆବେଦନକୁ ଖାରଜ କରିଥିଲେ । ଭୁବନେଶ୍ୱର ଇନଫୋସିଟି ଥାନାର ତାଙ୍କ ବିରୋଧରେ ହୋଇଥିବା ଠକେଇ ମାମଲାରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ । ଅଦାଲତ ତାଙ୍କ ଆବେଦନକୁ ଖାରଜ କରିବା ସହ ପରିବର୍ତ୍ତିତ ପୃଷ୍ଠଭୂମିରେ ସେ ପୁଣିଥରେ ଅଦାଲତରେ ଜାମିନ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି । ସୂଚନାଥାଉକି ହଂସିତା ଅଭିଲିପ୍ସାଙ୍କ ଦ୍ୱିତୀୟ ସ୍ୱାମୀ ହେଉଛନ୍ତି କନ୍ଧମାଳର ମନୋଜ ଆଚାର୍ଯ୍ୟ । ଅଭିଲିପ୍ସା-ଅନୀଲଙ୍କ ଠକେଇରେ ପୋଲିସ ମନୋଜଙ୍କୁ ସମନ କରିଥିଲା । ଏହି ଘଟଣାରେ ମନୋଜ ଗିରଫଦାରୀ ଆଶଙ୍କା କରି ଏଡାକୁ ଏଡାଇବାକୁ ଯାଇ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ । ପୂର୍ବରୁ ଆୟକର ବିଭାଗ ମନୋଜଙ୍କ ବାଲିଗୁଡାସ୍ଥିତ ଘରେ ଚଢଉ କରିଥିଲା । ମନୋଜଙ୍କ ବାପାଙ୍କ ନାମରେ ଗୋଟିଏ କମ୍ପାନୀ ଥିବା ଜଣାପଡିଛି ।

## ଓଡ଼ିଶାର ଗୌରବମୟ ଇତିହାସ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ: ସୂର୍ଯ୍ୟବଂଶୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ଭୂମି । ଭାରତର ସ୍ୱାଧୀନତା ସଂଗ୍ରାମ ଓ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠନ କରିବାରେ ଅନେକ ବରପୁତ୍ରମାନଙ୍କର ଅତୁଳନୀୟ ଅବଦାନ ରହିଛି । ସେହି ବରପୁତ୍ରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ । ଓଡ଼ିଶାର ଗୌରବମୟ ଇତିହାସ ଓ ଐତିହ୍ୟ ଯୁବପିଢ଼ିଙ୍କ ପାଇଁ ମାର୍ଗଦର୍ଶକ ହେଉ, ବୋଲି କହିଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ଅଭିଲେଖ ସପ୍ତାହ ପାଳନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ହେଉଛି ଆମ ପରିଚୟ । ଏହା ଆମ ସ୍ୱାଭିମାନ । ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ପରିଚୟ ଦେବା ନିମନ୍ତେ ବହୁ ସାରସ୍ୱତ ସାଧକଙ୍କର ଅବଦାନ ରହିଛି । ଆଗକୁ ଆମ ଭାଷାକୁ ଆମେ ଯେପରି ଡିଜିଟାଲ କ୍ଲାଉଡ଼ରେ ଅନ୍ତର୍ଭୁକ୍ତ କରାଇବା ତାହା ଆମର ଲକ୍ଷ୍ୟ ହେବା ଉଚିତ । ଏଥିସହ ମନ୍ତ୍ରୀ ଶ୍ରୀ ସୂରଜ ଓଡ଼ିଶାର ସାଧିନତା ସଂଗ୍ରାମର ସ୍ୱର୍ଣ୍ଣିମ ଇତିହାସ ଓ ଆମ ସ୍ୱାଧୀନତା ସଂଗ୍ରାମୀଙ୍କର ବଳିଷ୍ଠ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଭିଲେଖ ସପ୍ତାହ ପାଳନ ଉତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମନ୍ତ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ଶ୍ରୀ ସୂରଜ ପ୍ରଦର୍ଶନୀ କକ୍ଷକୁ ବୁଲି ଦେଖିବା ସହ ସମସ୍ତ ଜନସାଧାରଣମାନେ ଆଗାମୀ ଦିନରେ ଏହି ପ୍ରଦର୍ଶନୀ କକ୍ଷ ବୁଲି ଦେଖନ୍ତୁ ବୋଲି ମତପ୍ରକାଶ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଡ଼. ସୁବାଷ ଚନ୍ଦ୍ର ବାରିକ ଓ ସୁଶ୍ରୀ ନିରୁପମା ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ସୋମନାଥ ଶତପଥିଙ୍କ ଜୀବନୀ ସମ୍ବନ୍ଧରେ ଆଲୋଚନା କରିଥିଲେ ।

ଶୁଭେଚ୍ଛା ବାର୍ତ୍ତା



ନିରପେକ୍ଷ, ନିର୍ଭୀକ ଦୈନିକ ସମ୍ବାଦପତ୍ର 'ଓଡ଼ିଶା ଭାସ୍କର'ର ସ୍ୱନକ୍ଷତ୍ର ଅବସରରେ ଖୋର୍ଦ୍ଧା ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛୁ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ସମସ୍ତଙ୍କୁ ସୁଖ, ଶାନ୍ତିରେ ରଖିବା ସହ ସେମାନଙ୍କ ସମୃଦ୍ଧି କାମନା କରୁଛୁ ।

ଆର୍ ଆଣ୍ଡ ବି ଡିଭିଜନ, ଖୋର୍ଦ୍ଧା

ସଡ଼କ ସୁରକ୍ଷା, ଜୀବନ ରକ୍ଷା



N.H Division, Khordha



'ଓଡ଼ିଶା ଭାସ୍କର'ର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାବାସୀ ତଥା ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସମସ୍ତ ଅଧିବାସୀମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

କାଳୁଚରଣ ଖଣ୍ଡେଇତରାୟ
ବରିଷ୍ଠ ସମାଜସେବୀ, ଖୋର୍ଦ୍ଧା

ଶୁଭେଚ୍ଛା ବାର୍ତ୍ତା

'ଓଡ଼ିଶା ଭାସ୍କର'ର ୨୧ତମ ସ୍ୱନକ୍ଷତ୍ର ଅବସରରେ ରାଜ୍ୟର ପ୍ରତ୍ୟେକ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଶା ଭାସ୍କରର ଉତ୍ତରୋତ୍ତର ଉନ୍ନତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ଜଳସେଚନ ବିଭାଗ
ଖୋର୍ଦ୍ଧା



“ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।”

-ସ୍ୱାମୀ ବିବେକାନନ୍ଦ



“ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।”

-ମଧୁସୂଦନ ରାଓ



# ଦିଲ୍ଲୀ ପରେ ପଞ୍ଜାବର ପାଳି ଆପ୍ ସରକାର ପ୍ରତି ବିପଦ ଆଶଙ୍କା

ସଦ୍ୟ ସମାପ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପରାସ୍ତ ହୋଇ କ୍ଷମତାଚ୍ୟୁତ ହେବା ପରେ ପଞ୍ଜାବର ‘ଆପ୍’ ସରକାର ପ୍ରତି ବିପଦ ଘନେଇ ଆସୁଥିବାର ଲକ୍ଷ୍ୟ କରାଯାଉଛି। ଜାତୀୟ ରାଜଧାନୀ ଦିଲ୍ଲୀ ଗତ ୧୨/୧୩ ବର୍ଷ ଧରି ଅରବିନ୍ଦ କେଜରିୱାଲଙ୍କ ‘ଆପ୍’ର ଏକ ଅଭେଦ୍ୟ ଗଡ ରୂପେ ବିବେଚିତ ହୋଇଆସୁଥିଲା। ମାତ୍ର ଏଥର ନିର୍ବାଚନରେ ବିଜେପି ସେହି ଗଡକୁ ଭାଙ୍ଗି ସରକାର ଗଠନ କରିବାକୁ ସକ୍ଷମ ହୋଇଛି। ବର୍ତ୍ତମାନ କେଜରିୱାଲଙ୍କ ଶେଷ ଓ ଏକମାତ୍ର ଗଡ ହେଉଛି ପଞ୍ଜାବ ଏବଂ ସେଠାରେ ଆପ୍ ନେତା ଭଗୱନ୍ତ ସିଂହ ମାନ୍ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ଅଛନ୍ତି। ଦିଲ୍ଲୀ ନିର୍ବାଚନରେ ହାରିବା ପରେ ପଞ୍ଜାବ ଆପ୍ ସରକାରରେ ସବୁ କିଛି ଠିକ୍ ଚାଲିଥିବା ଭଳି ମନେହେଉନାହିଁ। କ୍ଷମତାସୀନ ଆପ୍‌ର ଅନେକ ବିଧାୟକ ଉଭୟ କଂଗ୍ରେସ ଓ ବିଜେପି ସହ ଯୋଗାଯୋଗରେ ରହିଥିବା ନେଇ ଚର୍ଚ୍ଚା ହେଉଛି। ଯଦି ଏହି ଚର୍ଚ୍ଚାରେ ସତ୍ୟତା ଥାଏ ତେବେ ପଞ୍ଜାବରେ ଆପ୍ ସରକାର ଭୁଶୁଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ବରୁ ପଞ୍ଜାବର ଆପ୍ ସରକାର ଦିଲ୍ଲୀ ରିମୋର୍ଟ କଣ୍ଟ୍ରୋଲ ଦ୍ୱାରା ପରିଚାଳିତ ହେଉଥିଲା। ମାତ୍ର ପାର୍ଟି ସୁପ୍ରିମୋ କେଜରିୱାଲ ଦିଲ୍ଲୀରେ ହାରିଯାଇଥିବାରୁ ଏବେ ପଞ୍ଜାବରେ ଦଳୀୟ ଓ ସରକାରୀ କାର୍ଯ୍ୟାଳୟରେ ଅଧିକ ହସ୍ତକ୍ଷେପ କରିବେ ବୋଲି ଆପ୍‌ର ଅନେକ ବିଧାୟକ ଆଶଙ୍କା କରୁଛନ୍ତି। ସେହିପରି ଭଗୱନ୍ତ ସିଂହ ମାନ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ସେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବାକୁ ମଧ୍ୟ ଉଦ୍ୟମ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି, ଯାହାକୁ ଦଳର ଅଧିକାଂଶ ପଞ୍ଜାବ ନେତା ଗ୍ରହଣ କରିପାରୁନାହାନ୍ତି। ତେଣୁ ସେମାନେ ଆପ୍‌ରୁ ଇସ୍ତଫା ଦେବା ପାଇଁ ବିଚାର କରୁଥିବାର ରିପୋର୍ଟ ପ୍ରକାଶ ପାଇଛି। ଏହି ପୃଷ୍ଠଭୂମିରେ ପଞ୍ଜାବ ବିରୋଧୀ ଦଳର ନେତା ତଥା କଂଗ୍ରେସ ବିଧାୟକ ପ୍ରତାପ ସିଂହ ବାଜୱାଙ୍କ ବୟାନ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଶାସକ ଆମ୍ ଆଦ୍‌ମୀ ପାର୍ଟିର ୩୦ ଜଣ ବିଧାୟକ କଂଗ୍ରେସ ଦଳ ସହିତ ସଂପର୍କରେ ରହିଥିବା ନେଇ ବାଜୱା ତାଙ୍କ ପୂର୍ବ ମନ୍ତବ୍ୟକୁ ପୁଣି ଥରେ ଦୋହରାଇଛନ୍ତି। ଏହି ବିଧାୟକମାନେ ନିକଟରେ ତାଙ୍କ ସହ ଆଲୋଚନା କରିଥିବାର ମଧ୍ୟ ସେ ସୂଚନା ଦେଇଛନ୍ତି। କେବଳ କଂଗ୍ରେସ ନୁହେଁ, କେତେକ ଆପ୍ ବିଧାୟକ ବିଜେପି ସହ ମଧ୍ୟ ଯୋଗାଯୋଗରେ ଥିବାର ବାଜୱା କହିଛନ୍ତି। ଯଦି ଆଗାମୀ ଦିନରେ ସରକାର ଭାଙ୍ଗିଯାଏ, ତେବେ ଏଥିପାଇଁ କଂଗ୍ରେସ ଦାୟୀ ହେବ ନାହିଁ ସେ ସ୍ପଷ୍ଟ କରିଛନ୍ତି। ଯଦି ବାଜୱାଙ୍କ ବୟାନବାଜିର ସତ୍ୟତା ଥାଏ, ତେବେ ଯେ କୌଣସି ମୁହୂର୍ତ୍ତରେ ଭଗୱନ୍ତ ସିଂହ ମାନ ସରକାର ଭାଙ୍ଗିଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। କଂଗ୍ରେସ ନେତା ବାଜୱା ଗଣମାଧ୍ୟମକୁ ସାକ୍ଷାତକାର ଦେବାବେଳେ ଆହୁରି ପ୍ରକାଶ କରିଛନ୍ତି ଯେ, କେବଳ ଦଳୀୟ ବିଧାୟକ ନୁହନ୍ତି, ଆପ୍‌ର ଅନେକ ବରିଷ୍ଠ ନେତା ଏପରିକି ମନ୍ତ୍ରୀମାନେ ମଧ୍ୟ କଂଗ୍ରେସ ଓ ଅନ୍ୟ ଦଳ ସହ ସଂପର୍କ ରକ୍ଷା କରିଛନ୍ତି। ମାତ୍ର ପଞ୍ଜାବର ଆପ୍ ସରକାର ଭାଙ୍ଗିଯାଉ ଏହା କଂଗ୍ରେସ ଚାହେଁ ନାହିଁ ବୋଲି ବିରୋଧୀ ଦଳ ନେତା ସ୍ପଷ୍ଟ କରିଥିଲେ। ପଞ୍ଜାବ ବିଧାନସଭାରେ ଏବେ ଆପ୍‌ର ୯୨ ଜଣ ବିଧାୟକ ରହିଥିବା ସ୍ଥଳେ କଂଗ୍ରେସର ୧୮, ବିଜେପିର ୨ ଓ ଶିରୋମଣି ଅକାଳି ଦଳର ୩ ଜଣ ବିଧାୟକ ଅଛନ୍ତି। ତେଣୁ ସୁଦୃଢ଼ ସ୍ଥିତିରେ ଥିବା ଆପ୍ ସରକାର ହଠାତ୍ ଭୁଶୁଡ଼ିଯିବା ଏତେଟା ସହଜସାଧ୍ୟ ହୋଇନପାରେ। ମାତ୍ର ଦଳୀୟ ବ୍ୟାପାର ପରିଚାଳନା ଠିକ୍ ଭାବରେ ନହେଲେ ଏବଂ ସରକାର ବିଭିନ୍ନ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇପଡିଲେ, ଏକ ବଡଧରଣର ବିସ୍ଫୋରଣ ଯେ ନଘଟିବ, ତାହା କହି ହେବ ନାହିଁ। ବର୍ତ୍ତମାନ ଜାତୀୟ ଦଳର ମାନ୍ୟତା ହାସଲ କରିଥିବା ଆମ୍ ଆଦମୀ ପାର୍ଟି ପାଇଁ ପଞ୍ଜାବ ଗଡକୁ ରକ୍ଷା କରିବା ଯେ ଏକ ବଡ ଆହ୍ୱାନ ରୂପେ ଦେଖାଦେଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ।

# ଶ୍ରୀକ୍ଷେତ୍ରରେ ଶ୍ରୀଲୋକନାଥଙ୍କ ଜାଗର ଯାତ୍ରା



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨ , ମୋ-୮୦୧୮୮୭୫୩୩୫

ଶ୍ରୀକ୍ଷେତ୍ର ପୁରୀ ମୁଖ୍ୟତଃ ଏକ ବୈଷ୍ଣବକ୍ଷେତ୍ର ହେଲେହେଁ ଏହା ଶୈବ, ବୈଷ୍ଣବ ଓ ଶାକ୍ତ ଧର୍ମ ମିଳନର ସ୍ଥଳ । ଯେହେତୁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ପ୍ରତୀକ ଶ୍ରୀବଳଭଦ୍ର ,ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଏଠାରେ ଏକତ୍ର ଅବସ୍ଥାନ କରି ଅଛନ୍ତି, ସେଥିପାଇଁ ସବୁକ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ ହେତୁ ଏହା ଶ୍ରୀକ୍ଷେତ୍ର । ପୁରୀରେ ଅବସ୍ଥିତ ଶହ ଶହ ଶିବ ମନ୍ଦିର ମଧ୍ୟରୁ ପାଞ୍ଚ ମହାଦେବ ଶ୍ରୀଲୋକନାଥ ,ଶ୍ରୀଯମେଶ୍ୱର ,ଶ୍ରୀ ମାର୍କଣ୍ଡେଶ୍ୱର ,ଶ୍ରୀକପାଳମୋଚନ ଓ ଶ୍ରୀ ଲୋକନାଥ ଦେବ ଶ୍ରୀମନ୍ଦିର ଓ ଏହାର ପର୍ବ ପର୍ବାଣୀ ସହ ବିଶେଷ ଭାବେ ସଂପୃକ୍ତ । ଏହି ପାଞ୍ଚମହାଦେବ ବା ‘ପଞ୍ଚୁପାଣ୍ଡବ’ ପ୍ରତ୍ୟକ୍ଷ ଭାବେ ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ଓ ଶୀତଳ ଷଷ୍ଠୀ ଯାତ୍ରା ସହ ସଂପୃକ୍ତ ରହୁଥିଲେହେଁ ପୃଥକ ପୃଥକ ଭାବେ ଦୋଳଯାତ୍ରା ସମେତ ଅନେକ ଯାତ୍ରାରେ ଅପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥାଆନ୍ତି ।

ପୁରୀର ସର୍ବ ପୁରାତନ ଓ ପ୍ରସିଦ୍ଧ ଶିବ ମନ୍ଦିର ହେଉଛି ଶ୍ରୀଲୋକନାଥ ମନ୍ଦିର । କିମ୍ବଦନ୍ତୀ ଅନୁସାରେ ଭଗବାନ ଶ୍ରୀରାମଚନ୍ଦ୍ର ତ୍ରେତୟା ଯୁଗରେ ଏଠାରେ ଶ୍ରୀଲୋକନାଥ ଦେବଙ୍କ ଶିବଲିଙ୍ଗକୁ ସ୍ଥାପନ କରିଥିଲେ । ଏଥିରେ ଦୁଇଟି ମତବାଦ ରହିଛି । ଉଲ୍ଲେଖ ଅଛି ସେ ଯୁଗରେ ଲଙ୍କାର ରାଜା ଶିବଭକ୍ତ ରାବଣ ପ୍ରତ୍ୟହ ଶ୍ରୀକ୍ଷେତ୍ର ସମୁଦ୍ର ତଟକୁ ଆସି ସେଠାରେ ଥିବା ଏକ ନିର୍ଦ୍ଦିଷ୍ଟ ଦେବସ୍ଥଳୀରେ ଶିବଲିଙ୍ଗକୁ ପୂଜା କରୁଥିଲେ । ପୂଜାପରେ ସେ ଶିବଙ୍କୁ ଯାହା ସ୍ପର୍ଶ କରାଏ ତାହା ସୁନା ପାଲଟି ଯାଏ । ସେ ସୁନା ନେଇଯାଏ ମାତ୍ର ଶିବଲିଙ୍ଗକୁ ବାଲି ଭିତରେ ଲୁଚାଇ ରଖି ଚାଲିଯାଏ । ଦିନେ ସେ ଭାବିଲା ପ୍ରତିଦିନ ଏତେ ଦୂରରୁ ଏଠାକୁ ଆସି ଶିବପୂଜା କରିବା ପରିବର୍ତ୍ତେ ଏହି ଶିବଲିଙ୍ଗକୁ ସବୁଦିନ ପାଇଁ ଲଙ୍କାଗଡକୁ ନେଇଗଲେ ଭଲ ହେବ। ଏକଥା ବିଷ୍ଣୁ ଜାଣି ଭାବିଲେ ଶିବଙ୍କୁ ଲଙ୍କାପୁରୀ ନେଇଗଲେ ରାବଣ ଅଧିକ ପରାକ୍ରମୀ ହୋଇ ଅତ୍ୟାଚାରୀ ହୋଇଯିବ । ସେଥିପାଇଁ ସେ ଗୋଟିଏ ଗୋପାଳ ବାଳକ ରୂପରେ ଉକ୍ତ ସମୁଦ୍ର ତଟରେ ଏକ ଗାଈ ଗୋଠ ଧରି ରାବଣକୁ ଅପେକ୍ଷା କରି ରହିଲେ । କିଛିସମୟ ପରେ ରାବଣ ସେଠାକୁ ଆସିଲା ଓ ଶିବଲିଙ୍ଗକୁ ହାତରେ ଉଠାଇ ଅଗ୍ରସର ହେଲା । ବିଷ୍ଣୁ ମାୟା କଲେ । ରାବଣକୁ ପରିସ୍ରା ଲାଗିବାରୁ ଶିବଲିଙ୍ଗକୁ ତଳେ ନରଖି ପାଖରେ ବୁଲୁଥିବା ଗାଈଆଳ ଟୋକା ରୂପ ଧାରଣ କରିଥିବା ଭଗବାନ ବିଷ୍ଣୁଙ୍କୁ ଦେଖି ଶିବଲିଙ୍ଗକୁ ତା’ ହାତରେ ଧରାଇ ଦେଲା ଓ ତଳେ ନ ଥୋଇବା ପାଇଁ ତାଗିଦ କରି ପରିସ୍ରା କରିବା ପାଇଁ ଚାଲିଗଲା । ଏହାର ସୁଯୋଗ ନେଇ ଭଗବାନ ବିଷ୍ଣୁ ତତ୍‌କ୍ଷଣାତ୍ ଉକ୍ତ ଶିବଲିଙ୍ଗକୁ ବାଲିରେ ଥୋଇଦେଇ ଅଦୃଶ୍ୟ ହୋଇଗଲେ । ରାବଣ ଫେରିଆସି ଶିବଲିଙ୍ଗ ଜଳମଗ୍ନ ହୋଇଥିବା ଦେଖି ବହୁତ ଖୋଜି ନପାଇବାରୁ ନିରାଶ ହୋଇ ଲଙ୍କା ବାହୁଡିଗଲା ।

ଅନ୍ୟତ୍ର ବର୍ଣ୍ଣିତ ଅଛି ତ୍ରେତେୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କା ଯାତ୍ରାକାଳରେ ଶଙ୍ଖ କ୍ଷେତ୍ରକୁ ଆସିଥିଲେ ଏବଂ ନିକଟସ୍ଥ ଏକ ଶବର ପଲ୍ଲୀରେ ବିଶ୍ରାମ ନେଇଥିଲେ । ସେ ପ୍ରତ୍ୟହ ଶିବପୂଜା ନ କଲେ ଜଳସ୍ପର୍ଶ କରନ୍ତି ନାହିଁ । ମାତ୍ର ସେଠାରେ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଶିବ ମନ୍ଦିର ନଥିବାରୁ ଶ୍ରୀରାମଚନ୍ଦ୍ର ଶବରମାନେ ଦେଇଥିବା ଗୋଟିଏ ‘ଲାଉକୁ ଶିବଲିଙ୍ଗ’ ଜ୍ଞାନ କରି ପୂଜା କରିଥିଲେ ଏବଂ ଉକ୍ତ ଲାଉକୁ ‘ମହାରୁଦ୍ରାଭିଷେକ’ କରାଇ ସେହି ସ୍ଥାନରେ ପ୍ରତିଷ୍ଠା କରିଥିଲେ । ରାମଚନ୍ଦ୍ରଙ୍କ ‘ଆଲବୁ’ ବା ଲାଉର ଉପାସନା କାଳରେ ସ୍ୱୟଂ ଗଙ୍ଗା ବାହାରି ଆସି ଉକ୍ତ ଶିବଲିଙ୍ଗକୁ ମହାସ୍ନାନ କରାଇଥିଲେ । ଶ୍ରୀଲୋକନାଥଙ୍କ ପ୍ରାଚୀନ ନାମ ଆଲବୁକେଶ୍ୱର । ଉକ୍ତ ଦିବସଟି ଥିଲା ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ଯାହାକି ‘ପଙ୍କ ଉଦ୍ଧାର ବା ପଙ୍କଉଝଲା ଏକାଦଶୀ’ ନାମରେ ଖ୍ୟାତ । ପରବର୍ତ୍ତୀ ସମୟରେ ଏହି ଶିବଲିଙ୍ଗଙ୍କ ନାମ ଅପଭ୍ରଂଶ ହୋଇ ‘ଲୋକନାଥ’ ନାମରେ ବିଶ୍ୱ ବିଖ୍ୟାତ ହୋଇଯାଇଥିଲା ।

ଏହି ଶିବଲିଙ୍ଗ ସବୁ ସମୟରେ ଜଳରେ ସମାଧି ନେଇଥାଆନ୍ତି । ସେଥିପାଇଁ ମହାଶିବ ରାତ୍ରି ବା ‘ଜାଗର ଯାତ୍ରା’ର ଚାରିଦିନ ପୂର୍ବରୁ ଏକାଦଶୀ ଦିନ ସୂର୍ଯ୍ୟୋଦୟ ପରେ ଲୋକନାଥଙ୍କର ସମସ୍ତ ସେବକ ଓ ଅନେକ ଭକ୍ତ ଅତି ଶୁଦ୍ଧପୂତ ଭାବରେ ସ୍ନାନକରି ମିଳିତ ଭାବେ ମନ୍ଦିର ଗମ୍ଭିରା ଭିତରେ ପ୍ରବେଶ କରନ୍ତି ଓ ସେଠାରୁ ଗରା ପରେ ଗରା ଜଳ ନିଷ୍କାସନ କରି ଜଳମଗ୍ନ ଲୋକନାଥଙ୍କୁ ଉଦ୍ଧାର କରନ୍ତି । ବର୍ଷ ମଧ୍ୟରେ କେବଳ ଏହି ଗୋଟିଏ ଦିନ ପ୍ରାୟ ଅର୍ଦ୍ଧରାତ୍ରରେ ସେବକ ଓ ଅପେକ୍ଷାରତ ଭକ୍ତମାନେ ‘ମୂଳବିଗ୍ରହ’ଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥାଆନ୍ତି କାରଣ ପରବର୍ତ୍ତୀ ଦିନମାନଙ୍କରେ ଶ୍ରୀଲୋକନାଥ ଦେବ ପୁନଃ ଜଳମଗ୍ନ ହୋଇ ଯାଇଥାଆନ୍ତି ।

ଶିବରାତ୍ରି ଦିନ ଶ୍ରୀଲୋକନାଥ ମନ୍ଦିର ଠାରେ ବିଖ୍ୟାତ ‘ହରି-ହର ଭେଟ’ ଅନୁଷ୍ଠିତ ହୋଇଥାଏ । ପୂର୍ବ ଦିବସରୁ ଶ୍ରୀମନ୍ଦିର ଭଣ୍ଡାର ଘରେ ଥିବା ଶ୍ରୀଲୋକନାଥଙ୍କ ବିଜେ ପ୍ରତିମା ନୀତି ସଂପାଦନ ପାଇଁ ଲୋକନାଥ ମନ୍ଦିର ଯାତ୍ରା କରି ଥାଆନ୍ତି । ସେ ଶ୍ରୀମନ୍ଦିରର ଭଣ୍ଡାର ରକ୍ଷକ ଥିବାରୁ ତାଙ୍କୁ ଖୋଜାପଡେ । ସେଥିପାଇଁ ମହାପ୍ରଭୁଙ୍କ ପ୍ରତିନିଧି ଶ୍ରୀମଦନ ମୋହନ ଦେବ (ଚଳନ୍ତି ପ୍ରତିମା)ଶ୍ରୀଲୋକନାଥଙ୍କୁ ଠାବକରି ସଙ୍ଖୋଳିବା ନିମନ୍ତେ ଶ୍ରୀଲୋକନାଥ ମନ୍ଦିରକୁ ଯାତ୍ରା କରି ଥାଆନ୍ତି । ସେଠାରେ ପ୍ରସିଦ୍ଧ ‘ହରି-ହର ଭେଟ’ ହୋଇଥାଏ ।ଏହିଦିନ ଶ୍ରୀଲୋକନାଥ ମନ୍ଦିର ସମେତ ଶ୍ରୀକ୍ଷେତ୍ରର ସମସ୍ତ ଶିବ ମନ୍ଦିରରେ ଭକ୍ତମାନେ ନିଜ ନିଜର ମନୋକାମନା ପୂରଣ ପାଇଁ ରାତ୍ରିରେ ଦୀପଜାଳି ‘ଉଜାଗର’ ରହନ୍ତି । ଏହି ଅବସରରେ ଲୋକନାଥ ମନ୍ଦିର ନିକଟରେ ଦୁଇଦିନିଆ ବିରାଟ ଜାଗର ମେଳା ଅନୁଷ୍ଠିତ ହୋଇଥାଏ ।

# ମହାମୃତ୍ୟୁଞ୍ଜୟୀ ଶିବ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ,
ମୋବାଇଲ୍-୯୪୩୭୦୫୧୯୫୭

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋତିର୍ଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରିରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

# ଶିବ ଧର୍ମ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋତିର୍ଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ



ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ଓଡ଼ିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଦିନ ଯେଉଁ ପର୍ବ ପାଳିତ ହୁଏ, ତାହା ମହାଶିବରାତ୍ରି ପର୍ବ ଭାବରେ ସର୍ବଜନ ବିଦିତ । ଏହିଦିନ ଶିବ ବ୍ରତ ପାଳନ କରି ମନୁଷ୍ୟ ତ୍ରିତାପରୁ ମୁକ୍ତିଲାଭ କରେ ଓ ଶିବ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି । ଶିବରାତ୍ରି ବ୍ରତର ଉପବାସ, ଜାଗରଣ ଓ ଶିବପୂଜା ପ୍ରଧାନ । ବ୍ରତର ଅର୍ଥ ବେଦବୋଧିତ ଇଷ୍ଟ ପ୍ରାପ୍ତି ନିମିତ୍ତ କର୍ମ । ଦାର୍ଶନିକମାନେ ଅଭ୍ୟୁଦୟ ଓ ନିଃଶ୍ରେୟସ କର୍ମକୁ ବ୍ରତ କୁହନ୍ତି । ବ୍ରତ ଅର୍ଥ ନିୟମ । ପୁରାଣରେ ବ୍ରତ - ଧର୍ମ ଅଟେ । ଯେଉଁ କର୍ମ ଦ୍ୱାରା ଭଗବାନଙ୍କର ସାନିଧ୍ୟଲାଭ ହୋଇଥାଏ, ତାକୁ ବ୍ରତ କୁହାଯାଏ । ଉପବାସ ଜୀବାତ୍ମାର ଶିବଙ୍କ ସମୀପରେ ବାସ କରିବାକୁ ଉପବାସ କୁହାଯାଏ । ଦେବୀ ପୁରାଣରେ ଉଲ୍ଲେଖ ଅଛି, ଭଗବାନ ଶିବଙ୍କର ଧ୍ୟାନ, ଜପ, ତାଙ୍କର ସ୍ନାନ (ଅଭିଷେକ) ଓ ତାଙ୍କର ମହିମା ଶ୍ରବଣ କୀର୍ତ୍ତନ କରି କାଳଯାପନ କରିବା ଉପବାସ କରୁଥିବା ବ୍ୟକ୍ତିର କର୍ତ୍ତବ୍ୟ । ବ୍ରତୀ ନିମିତ୍ତ ସମସ୍ତ ପ୍ରକାର ବିଷୟ ଭୋଗର ବର୍ଜନ ଅତ୍ୟନ୍ତ ପ୍ରୟୋଜନ। କେବଳ ଅନଶନ କରିବାକୁ ଉପବାସ କୁହାଯାଏନା। ଜାଗରଣ-ମୁମୁକ୍ଷୁ ଜୀବାତ୍ମା ନିମିତ୍ତ ଜାଗରଣର ଆବଶ୍ୟକ ଅଛି । ‘ଯାନିଶା ସର୍ବଭୂତାନାଂ ତସ୍ୟାଂ ଜାଗ୍ରତୀ ସଂଯମୀ’ ବିଷୟାସକ୍ତ ସଂସାରୀ ଲୋକଙ୍କ ପାଇଁ ଯେ ରାତ୍ରୀ, ସେହି ସମୟରେ ସଂଯମୀ ବ୍ୟକ୍ତି ଜାଗ୍ରତ ରୁହେ । ତେଣୁ ଶିବରାତ୍ରିରେ ଜାଗରଣ ରହିବା ଆବଶ୍ୟକ । ଶିବପୂଜାର ଅର୍ଥ, ପୁଷ୍ପ, ଚନ୍ଦନ, ବିଲ୍ୱପତ୍ର ଅର୍ପଣ କରିବା ସଙ୍ଗେ ସଙ୍ଗେ ଶିବନାମର ଜପଧ୍ୟାନ କରିବା ଦ୍ୱାରା ଚିତ୍ତ ବୃତ୍ତି ନିରୋଧ ହୋଇ ଜୀବ ପରମାତ୍ମା ଶିବଙ୍କ ସହିତ ମିଳନ ହେବା । ଏହା ହିଁ ବାସ୍ତବିକ୍ ଶିବପୂଜା । ମନୁଷ୍ୟର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ସହିତ ମନ, ଅହଙ୍କାର ଚିତ୍ତ ଓ ବୁଦ୍ଧିକୁ ନିରୋଧ କରି ଶିବରାତ୍ରି ପାଳନ କରିବା ବାସ୍ତବ ଶିବରାତ୍ରି ଅଟେ । କର୍ମଯୋଗ କିମ୍ବା ଜ୍ଞାନଯୋଗ ଦ୍ୱାରା ହେଉ ଭକ୍ତିର ସମ୍ମିଶ୍ରଣ ଦୁଇଙ୍କ ମଧ୍ୟରେ ରହିବା ଜ୍ଞାନ ପ୍ରଧାନ । ଜ୍ଞାନପ୍ରଧାନ ଭକ୍ତି ଅଥବା କର୍ମପ୍ରଧାନ ଭକ୍ତି ଦ୍ୱାରା ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ବ୍ରତ ପାଳନ କଲେ ମୁକ୍ତିମିଳେ । ସମସ୍ତ ମନୁଷ୍ୟଙ୍କ ନିମିତ୍ତ ମହାଶିବରାତ୍ରି ବ୍ରତ କଲ୍ୟାଣକାରୀ ଅଟେ । ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ । ସନାତନ ଧର୍ମରେ ବ୍ରତ ସହିତ ମନୁଷ୍ୟର ଆଧ୍ୟାତ୍ମିକ ବିକାଶ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ରହିଅଛି । ତେଣୁ - ‘‘ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଶୂନ୍ୟ ମଧ୍ୟ ନିରାମୟ, ନିରାମୟ ମଧ୍ୟେ ଜ୍ୟୋତିଃ ସଃ ଜ୍ୟୋତି ଭଗବାନୟୋ’’ ହେ ପରମ ଜ୍ୟୋତି ସ୍ୱରୂପ ପରମ ଶିବ ଏ ମର ସଂସାରର ସମସ୍ତ ପ୍ରାଣୀଙ୍କୁ ଅଜ୍ଞାନରୂପୀ ଅନ୍ଧକାରରୁ ଆଲୋକ ଦିଗକୁ ଏବଂ ଅସତ୍ୟରୁ ସତ୍ୟ ଦିଗକୁ ନେଇ ଯାଆନ୍ତୁ । ମହାଶିବରାତ୍ରି ପାଳନ ଅବସରରେ ଏହା ହିଁ କାମନା । ‘‘ଅସତୋମାଂ ସଦ୍‌ଗମୟ, ତମସୋମାଂ ଜ୍ୟୋତିର୍ଗମୟ, ମୃତ୍ୟୁ ମାଂ ଅମୃତୋ ଗମୟ’’।

# ହିନ୍ଦୁଧର୍ମର ପ୍ରାଣର ପ୍ରାଣ ‘ମହାଯୋଗୀ ଶିବ’

ପ୍ରଦୀପ ସେନାପତି
ସାମନ୍ତରାପୁରୁ, ପୁରୁଣା ଭୁବନେଶ୍ୱର-୨
ଖୋର୍ଦ୍ଧା,ମୋ - ୭୮୪୮୮୯୮୪୫୬

ମହାମୃତ୍ୟୁଞ୍ଜୟ ମହାଯୋଗୀ, ମହାଶକ୍ତି ମହାଦେବ, ଶିବ ହିଁ ଓଡ଼ିଆ ଜାତି ଓ ଭାରତୀୟ ହିନ୍ଦୁଧର୍ମର ପ୍ରାତଃ ସ୍ମରଣୀୟ ଆରାଧ୍ୟ ଦେବତା ଓ ପ୍ରାଣର ପ୍ରାଣ ମହାଦେବ ସ୍ୱୟଂ ଭୁ ମହାଶକ୍ତିମାନ “ଶିବ”। ଭାରତୀୟ ଧର୍ମ, ସଂସ୍କୃତି, ଇତିହାସ, ସାହିତ୍ୟ, ଶିଳ୍ପ, ଭାସ୍କର୍ଯ୍ୟ ତଥା ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନର ପ୍ରାଣକେନ୍ଦ୍ର ଶ୍ରୀ ବିଶ୍ୱନାଥ। ଯୁଗ ଯୁଗରୁ ଶ୍ରୀ ଶ୍ରୀ ଶ୍ରୀ ମହାଦେବଙ୍କୁ କେନ୍ଦ୍ରକରି ଭାରତର ଜନଜୀବନରେ ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ ପ୍ରବାହିତ ତଥା ଉନ୍ନତ ରୁଚି ଓ ସଂସ୍କାରବୋଧ ଦ୍ୱାରା ଏହା ଉଜ୍ଜୀବିତ। ଶତାବ୍ଦୀ ଶତାବ୍ଦୀ ଧରି ଏହି ସାଂସ୍କୃତିକ ସ୍ରୋତ ଓଡ଼ିଆ ଜାତିର ଭାରତୀୟ ଜୀବନ ଚର୍ଯ୍ୟାକୁ ସୁନ୍ଦର, ସମୃଦ୍ଧ, ସୃଜନଶୀଳ ଓ ପରିପୂର୍ଣ୍ଣ କରି ଆସିଛି। ଯୁଗେ ଯୁଗେ ଭାରତୀୟ ଜାତି ସର୍ବଶକ୍ତିମାନ ବଳିୟାନ ଶ୍ରୀ ଶିବଙ୍କ ଅଭୟପ୍ରଦ ସୁରକ୍ଷା ବଳୟରେ ରହି ନିଜ ଜୀବନକୁ ଧନ୍ୟ କରିପାରିଛି। ଭାରତୀୟ ହିନ୍ଦୁଜାତି ଜନ୍ମଠାରୁ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଜୀବନର ପ୍ରତିଟି ସ୍ତରରେ ଏହି ମହାନଶକ୍ତିଙ୍କର ସ୍ମରଣ, ମନନ ଓ ଭଜନରେ ମନୋନିବେଶ କରି ପରିଶେଷରେ ତାଙ୍କରି ନିର୍ମାଲ୍ୟ, ଆଶିର୍ବାଦ କଣିକାକୁ ଆଶ୍ରା କରିଥାଏ। ସଂକ୍ଷେପରେ ଉଲ୍ଲେଖ କଲେ “ମହାଦେବ ଶିବ” ଭାରତୀୟଙ୍କ ଜନ ଜୀବନରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ପ୍ରାଣର ପ୍ରାଣ ସ୍ୱରୂପରେ ପ୍ରତିଭାତ। ସମଗ୍ର ବିଶ୍ୱ ଜାଣିଛି, ଭାରତୀୟଙ୍କ ଆଧ୍ୟାତ୍ମିକ ପରିଚୟ ଶୈବପୀଠର ଏନ୍ତୁଡ଼ିଶାଳ ଭାରତ। ଭାରତୀୟ ଜନଜୀବନରେ ଶ୍ରୀ ଶିବଙ୍କୁ କେନ୍ଦ୍ରକରି ଭାବ ଓ ଆତ୍ମୀୟତାର ଅଭୂତପୂର୍ବ ସୌରଭ ସୃଷ୍ଟି ହୋଇଛି। ଏହି ମହାଶକ୍ତି ଶିବଙ୍କ ଠାରେ ଭାରତୀୟଙ୍କର ଅତୁଟ ଭକ୍ତି। ସେ ହିଁ ଆମ ଭାରତୀୟଙ୍କର ଇଷ୍ଟ, ବନ୍ଧୁ, ସହୋଦର, ପିତା, ମାତା, ଗୁରୁ, ମନ, ଆତ୍ମା ଓ ପ୍ରାଣପ୍ରତିଷ୍ଠାତା। ଜୀବକୁ ମୃତ୍ୟୁ ଦେଇ ପୁଣି ଜୀବଦାନ ଦେବାର କ୍ଷମତା ତାଙ୍କରି ଠାରେ ଅଛି। ଜୀବଦ୍ଦଶାରେ ଅନ୍ତତଃ ଥରୁଟିଏ ଶୈବପୀଠ ଯାଇ ବୃଷଭଙ୍କୁ କୁଣ୍ଢାଇ ଧରି ମହାଦେବଙ୍କ ମୁଖାରବିନ୍ଦ ଦର୍ଶନ ନିମିତ୍ତ ସକଳ ଭାରତୀୟ ବ୍ୟାକୁଳ। ଜନ୍ମ, ଜୀବନ କାଳ ଓ ମୃତ୍ୟୁରେ “ଶିବ” ହିଁ ଆମର ଗତି ମୁକ୍ତି ଓ ଭୁକ୍ତିଦାତା। ଭାରତୀୟଙ୍କ ହୃଦୟରେ “ଶିବ”ଙ୍କ ନିମିତ୍ତ ଏକ ଅନ୍ତର୍ମୁଖୀ ଭକ୍ତି ଓ ଶ୍ରଦ୍ଧା ସର୍ବଦା ଜାଗ୍ରତ ରହିଆସିଛି। ତାଙ୍କ କରୁଣା ବିନା ଭବସାଗରରୁ ଉଦ୍ଧାର ପାଇବା ସହଜ ନୁହେଁ। ସକଳ ଭୋଗ, ଐଶ୍ୱର୍ଯ୍ୟ ଓ ଦୁଃଖ ଯାତନାରେ ମହାଶକ୍ତି ଶିବ ହିଁ ଆମର ସାହା ଭରସା। ମହାଶକ୍ତି ଶିବଙ୍କର “ମହାଶିବରାତ୍ରୀ” ବର୍ଷକରେ ଥରୁଟିଏ ଯାତ୍ରାପର୍ବ ଆମମାନଙ୍କ ମଧ୍ୟରେ ସଂପ୍ରୀତି ମାନବିକତା, ଗୋଷ୍ଠୀଗତ ଐକ୍ୟ ଓ ଆଧ୍ୟାତ୍ମିକ ଚେତନାକୁ ସୁଦୃଢ଼ କରିପାରିଛି। ସଂକ୍ଷେପରେ ଉଲ୍ଲେଖ କଲେ ହିନ୍ଦୁମାନଙ୍କ ଜନଜୀବନ, ସାମାଜିକ ପରମ୍ପରା, ରାଜନୀତି ଓ ଆଧ୍ୟାତ୍ମିକ ଚେତନା “ଶ୍ରୀ ଶିବ”ଙ୍କ ଅଦୃଶ୍ୟ ଇଙ୍ଗିତରେ ପରିଚାଳିତ। ଶୈବପୀଠ, ଶୈବକ୍ଷେତ୍ରର ଦେଶ କହିଲେ ଭାରତକୁ ହିଁ ବୁଝାଇଥାଏ। ଏପରିକି, ଭାରତୀୟମାନେ ଶୈବକ୍ଷେତ୍ରର ନାଗରିକ ଭାବରେ ବିଶ୍ୱରେ ମାନ୍ୟତା ପାଇଥାନ୍ତି। ଭାରତୀୟମାନଙ୍କ ଚେତନାରେ “ଶିବ”ଙ୍କୁ କେନ୍ଦ୍ର କରି ଯେଉଁ କାହାଣୀ, କିମ୍ବଦନ୍ତୀ, ଲୋକୋକ୍ତି, ଢଗଢମାଳି ଓ ପ୍ରବଚନ ସୃଷ୍ଟି ହୋଇଛି, ତାହା ବିଶ୍ୱବାସୀଙ୍କୁ ବିସ୍ମୟାଭିଭୂତ କରିଛି। ଭାରତୀୟମାନେ ଯୁଗେ ଯୁଗେ ଶିବଙ୍କୁ କଲ୍ୟାଣକାରକ ଚିନ୍ତା କରି ଆସିଛନ୍ତି। ମହନୀୟତା ହେଉଛି ସକଳ କାର୍ଯ୍ୟ ଆରମ୍ଭରେ ହିନ୍ଦୁମାନେ ତିଥି, ବାର, ନକ୍ଷତ୍ର, ଯୋଗ, ଲଗ୍ନ, ମୁହୂର୍ତ୍ତ ଓ ଜାତକ ବିଚାର ନକରି ସର୍ବମଙ୍ଗଳ ଓଁ “ନମଃ ଶିବାୟଃ” ଉଚ୍ଚାରଣ ପୂର୍ବକ କାର୍ଯ୍ୟ ନିର୍ବାହ କରିଥାନ୍ତି। ଆମମାନଙ୍କ ଅନ୍ତର୍ଦୃଷ୍ଟିରେ ସେ କେବଳ ମନ୍ଦିରରେ ସୀମାବଦ୍ଧ ନୁହଁନ୍ତି, ତାଙ୍କର କୈଳାସ ମାନସରୋବର ପର୍ବତ ମୁଖ୍ୟ ସ୍ଥାନ ଅଟେ। ଆମର ଗ୍ରାମ, ଗୃହର ଭାଗବତ ଟୁଙ୍ଗି, ପ୍ରତିଟି ପରିବାରର ଠାକୁର ଘରେ ପୂଜିତ ହୁଅନ୍ତି। ଆମ୍ଭମାନଙ୍କର ଆରାଧ୍ୟ ଦେବତା ଦେବ ଦେବ ମହାଦେବ, ସେ ଭାରତର ନେତା ଏବଂ ଭାରତର ପ୍ରତ୍ୟକ ସ୍ଥାନରେ, ବୃକ୍ଷରେ ବିରାଜିତ। ‘ଭାରତରେ ନାହିଁ ନେତା ପ୍ରୟୋଜନ,ଭାରତର ନେତା ସ୍ୱୟଂ ଭଗବାନ।ଭାରତର ସବୁ ବୃକ୍ଷ କଳ୍ପବଟ,ପ୍ରଭୁ ମହାଦେବ ସର୍ବତ୍ର ପ୍ରକଟ।’

ଭାରତୀୟଙ୍କ ରାଜନୈତିକ ଜୀବନରେ ମହାପ୍ରଭୁ ବିଶ୍ୱନାଥ ହିଁ ଭାରତର ସାର୍ବଭୌମ ସମ୍ରାଟ। ଭାରତୀୟ ଜାତି ତାଙ୍କୁ ବହୁ ନାମରେ ସମ୍ବୋଧନ କରି କୃତ୍ୟକୃତ୍ୟ ହୋଇଛି। ରାଜକୀୟ ପରିପାଟୀରେ ରାଜସୁଖ ଉପଭୋଗ ନକରି ସାଧାରଣ ଭକ୍ତମାନଙ୍କ ଠାରୁ ସେ ଦୂରେଇ ରୁହନ୍ତି ନାହିଁ। ସେ ସକଳ ଜାତିର ଅତିପ୍ରିୟ, ଅତିଆପଣାର ଗଣଦେବତାର ଆସନ ଅଳଙ୍କୃତ କରିଛନ୍ତି। ତାଙ୍କ ବାହୁଛାୟା ତଳେ ସକଳ ଭାରତୀୟ ସୁରକ୍ଷିତ ଓ ନିର୍ଭର ହୋଇ କୁହନ୍ତି - “ଡ଼ର କାହାକୁ, ଭୟ କାହାକୁ, ଈଶ୍ୱର ଅଛନ୍ତି ଆମ ପାଖକୁ”। ଭାରତୀୟମାନଙ୍କର ଆଜିର ଏହି ପବିତ୍ର “ମହାଶିବରାତ୍ରି” ଯାତ୍ରାପର୍ବ ବିଶ୍ୱର ସର୍ବବୃହତ୍ ଲୋକ କଲ୍ୟାଣକାରୀ ଉପବାସପର୍ବ ମହୋତ୍ସବ। ଭାରତୀୟମାନଙ୍କର ଏହି ଜାତୀୟ ପର୍ବର ସ୍ପର୍ଶରେ ବିଶ୍ୱର ସକଳ ଧର୍ମ, ମତବାଦ ଓ ଦର୍ଶନ ସମନ୍ୱୟର ମହାଭାବରେ ରୂପାନ୍ତରିତ। ଏହି ପର୍ବ ଅବସରରେ କୋଟିକୋଟି, ଅଗଣିତ ଭାରତୀୟ ସ୍ଥାନକାଳ ପାତ୍ର ନିର୍ବିଶେଷରେ ବିଶ୍ୱର କୋଣେ ଅନୁକୋଣେ ଏହି ପାଳନ ପୂର୍ବକ ସାରା ବିଶ୍ୱକୁ ସଂହତି ଓ ସଂପ୍ରୀତିର ମହାମନ୍ତ୍ରରେ ଅନୁରଣିତ କରିଛନ୍ତି। ଆମ୍ଭମାନଙ୍କ ଚେତନାରେ “ବିଶ୍ୱନାଥ”ହେଉଛନ୍ତି ବିଶ୍ୱର ପିତା ଓ ମା’ ପାର୍ବତୀ ହେଉଛନ୍ତି ଜଗତଜନନୀ। ତାଙ୍କରି କ୍ରନ୍ଦନରୁ ମାନସପୁତ୍ର “ବିଘ୍ନରାଜ ଗଣେଶ” ଙ୍କୁ “ମହାଦେବ ଶିବ” ହତ୍ୟା କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଜୀବନଦାନ ଦେଇ ପୁନଃର୍ଜନ୍ମ ଲାଭ କରି ଅଗ୍ରଦେବତା ଭାବରେ ପୂଜିତ ହୋଇଛନ୍ତି। ସ୍ୱର୍ଣ୍ଣ ଲଙ୍କେଶ୍ୱରର ରାଜା “ରାବଣ”ଙ୍କୁ ତାର ତପସ୍ୟାରେ ମୁଗ୍ଧହୋଇ ଅମର ବର ପ୍ରଦାନ କରିଥିଲେ। ତାର କୁକର୍ମର ଫଳ ଭୋଗିବାକୁ ପଡ଼ିଥିଲା। ଭସ୍ମାସୁର ମଧ୍ୟ ଅମର ବର ପାଇ ଅବିଶ୍ୱାସ କରିଥିଲା, ଭକ୍ତି ନଥିଲା, ସେ ଭସ୍ମ ହୋଇଗଲା। ଶୈବ କ୍ଷେତ୍ର ଅଖଣ୍ଡ ଭାରତ ବର୍ଷରେ ବିରାଜିତ ପ୍ରଭୁ “ଶିବ”ଙ୍କର ଲିଳା ବିଚିତ୍ର।

ଭାରତୀୟ ସଂସ୍କୃତି କହିଲେ ଆମେ ବୁଝୁ ବିଶ୍ୱର ନାଥ ପ୍ରଭୁ ଶ୍ରୀ ବିଶ୍ୱନାଥଙ୍କ ଶୈବ ସଂସ୍କୃତି। ଏହା ସମଗ୍ର ବିଶ୍ୱରେ, ଚାରି ଯୁଗରେ ପରିବ୍ୟାପ୍ତ। ଏପରିକି, ଭାରତର ପାରମ୍ପରିକ ଶତ୍ରୁ ଦେଶ ପାକିସ୍ତାନ, ଚାଇନାରେ ମଧ୍ୟ ପାତାଳରୁ ଆର୍ବିର୍ଭାବ ହୋଇଥିବା ଶିବଲିଙ୍ଗ ମନ୍ଦିର ବିରାଜମାନ। ସର୍ବବ୍ୟାପି ମହାଦେବ ହେଉଛନ୍ତି ସୃଷ୍ଟି, ସ୍ଥିତି ଓ ବିଳୟର କାରଣ। ଯୋଗୀ ପୁରୁଷ ସେ। କୋପେ ବର ତ ତପେ ବର। କେତେବେଳେ ରୁଦ୍ର ରୂପରେ ତ କେତେବେଳେ “ହନୁମାନଜୀ ମହାରାଜ”ଙ୍କ ରୂପ ଧାରଣ କରନ୍ତି ଶ୍ରୀ ମହାଦେବ। ତେଣୁ ବିଶ୍ୱର ଶ୍ରେଷ୍ଠକ୍ଷେତ୍ର ଶୈବ୍ୟ ଧାମର ମହାତ୍ମ୍ୟ ଅବର୍ଣ୍ଣନୀୟ। ଏହି ପବିତ୍ର ପୀଠରେ ଶୈବ କ୍ଷେତ୍ର ପାତାଳ ଫୁଟି ଲିଙ୍ଗ ପ୍ରତିଷ୍ଠିତ ଓ ଉପାସିତ। ପତିତ ଜନକ ଉଦ୍ଧାର ପାଇଁ ସେ ବିଷପାନ କରି ନୀଳକଣ୍ଠ ହୋଇଗଲେ। ଏହି ବିଶେଷତ୍ୱ ଆଜି ସାରା ବିଶ୍ୱରେ ଅନୁଭୂତ। ଆଚଣ୍ଡାଳ ବ୍ରାହ୍ମଣ କୈଳାସ ପର୍ବତରେ ଏକାକାର। ‘ବସୁଧୈବ କୁଟୁମ୍ବକମ୍’ , ‘ଓଁ ନମଃ ଶିବାୟ ମହାମୃତ୍ୟୁଞ୍ଜୟ ମନ୍ତ୍ର’ ଉଚ୍ଚାରିତ। ବିଶ୍ୱର କୋଣ ଅନୁକୋଣରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ପବିତ୍ର ଜାଗର ଯାତ୍ରା ଧାର୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ହିନ୍ଦୁ ଧାର୍ମିକ ପୂଜା, ଉପବାସ ପଦ୍ଧତିର ଅନେକ ଧାରା ସହ ଏହି ଉତ୍ସବ ଅନନ୍ୟ ଅଟେ। କାରଣ ଏହି ନୀତି ଲୌକିକ ଆଧାରିତ। ଯାହା ନାସଶୀଳ ଶରୀର ଓ ଅମର ଆତ୍ମାର ଦିବ୍ୟଗାଥା ପରିପୁଷ୍ଟ କରେ। ମୋର କଳକୀ ପୁରାଣରେ ଶ୍ରୀ ଶୈବ ସଂସ୍କୃତି, ମହାପ୍ରଭୁଙ୍କ ରୀତିନୀତି, ବିଶ୍ୱଚେତନା, ସେବାମହାତ୍ମ୍ୟ ଏବଂ ଏହିପରି ଅନେକ ଅଲୌକିକ ଦିଗ ଉପରେ ଆଲୋକପାତ କରାଯାଇଛି।

ସୃଷ୍ଟିର ଆରମ୍ଭରୁ ଭାରତୀୟତା ଶୈବ୍ୟକ୍ଷେତ୍ର ରୂପେ ସର୍ବବାଦୀସମ୍ମତ। ଶୈବକ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ ହୋଇଥିବାରୁ ଏହା ଶୈବ୍ୟକ୍ଷେତ୍ର ଭାବରେ ସୁବିଦିତ। ‘ଶିବ’ ହିଁ ସାଂସାରିକ ପୁରୁଷୋତ୍ତମ। କୈଳାସ ପର୍ବତରେ ଶ୍ରୀ ଶିବଙ୍କର ଅଧିଷ୍ଠାନ ଥିବାରୁ ଏହା ଶୈବକ୍ଷେତ୍ର ରୂପେ ସୁପରିଚିତ। ସୃଷ୍ଟି - ସ୍ଥିତି- ପାଳନର ମୂଳବିନ୍ଦୁ ହେତୁ ଏହା ଦିବ୍ୟ କ୍ଷେତ୍ର ଭାବରେ ସର୍ବଜନବିଦିତ। ତାଙ୍କ ପାଖକୁ ଦର୍ଶନ କରିବା ପାଇଁ କେହି ଯାଇପାରନ୍ତି ନାହିଁ କି ସେ ସେଠାରେ ମଧ୍ୟ ପୂଜା ପାଆନ୍ତି ନାହିଁ।

ଯେ ଚିରନ୍ତନ - ସତ୍ୟ - ଶାଶ୍ୱତ, ସନାତନ - ନିର୍ବିକଳ୍ପ- ନିରାକାର - ପରଂବ୍ରହ୍ମ - ପରମାତ୍ମା , ପରମେଶ୍ୱର, ଯେ ଆଦି - ଅନାଦି- ଅନନ୍ତ- ଅନାମୟ- ଅଲେଖ- ଅରୂପ- ଅବିକାର, ଯେ ସର୍ବଦା ଭକ୍ତର ଅଭୀଷ୍ଟ ପୂରଣ କରନ୍ତି। ମନୋବାଞ୍ଛା ପୂର୍ଣ୍ଣ କରନ୍ତି। ଯେ ମୋତେ ବାଲ୍ୟକାଳରୁ ତାଙ୍କର ଯଶଗାନ ଓ ରଚନା କରିବା ପାଇଁ ଆଶୀର୍ବାଦ କରିଛନ୍ତି, ଯେ ଅଳ୍ପକେ ସନ୍ତୁଷ୍ଟ, ସଂସାରର ରକ୍ଷା ନିମିତ୍ତ ଯେ ସ୍ୱୟଂ ବିଷପାନକରି ଦେବତାମାନଙ୍କୁ ଅମୃତ ଦାନ କରିଛନ୍ତି, ବ୍ରହ୍ମା- ବିଷ୍ଣୁ- ଇନ୍ଦ୍ର ଆଦି ତେତିଶି କୋଟି ଦେବଗଣ , ଲକ୍ଷ୍ମୀ- ସରସ୍ୱତୀ- ଗାୟତ୍ରୀ ଆଦି ଦେବୀଗଣ ଯାହାଙ୍କୁ ସର୍ବଦା ପ୍ରତ୍ୟହ ପ୍ରାର୍ଥନା କରନ୍ତି, ଯାହାଙ୍କ ଶ୍ରୀଚରଣରେ ସେମାନେ ଆଶ୍ରିତ। ପରମେଶ୍ୱର ମଙ୍ଗଳମୟ ଦେବାଧି ଦେବ ମହାଯୋଗୀ ମହାଦେବଙ୍କ ଶ୍ରୀପାଦପଦ୍ମରେ ଏହି “ମହାଯୋଗୀ ଶିବ”ଙ୍କର ସଂକ୍ଷିପ୍ତରେ ବର୍ଣ୍ଣନା କରିଥିବା ଲେଖାଟିକୁ ସମର୍ପଣ କରି ଶତବାର ପ୍ରଣାମ କରୁଛି।

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର






ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ (ବି) ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରସ୍ୱତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି, ଏବିଇଓ ସୁମତି ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବାରୁଆଁ (ବି) ସରପଞ୍ଚ ବୀଣାପାଣି ସାହୁ, ମା ମଙ୍ଗଳା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସିର ଖାଁ , ଅବସରପ୍ରାପ୍ତ ଶିକ୍ଷକ ଦୁଃଶାସନ ପରିଡ଼ା, ଅଶେଷ କୁମାର ସାହୁ, ମାଧବ ଚନ୍ଦ୍ର ବେହେରା ଯୋଗଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷକ ଉତ୍କଳମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ନିମାପଡାରୁ ନକଲି ପରୀକ୍ଷାର୍ଥୀ ଗିରଫ

# ଅଧିକ୍ଷକଙ୍କ କାର୍ଯ୍ୟକୁ ନେଇ ତେଜୁଛି ଅସନ୍ତୋଷ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଶିକ୍ଷା ମଣ୍ଡଳରେ ନକଲି ପରୀକ୍ଷାର୍ଥୀକୁ ନେଇ ଅଡୁଆରେ ଶିକ୍ଷାବିଭାଗ । ନକଲି ପରୀକ୍ଷାର୍ଥୀ ଗୋଟିଏଦିନ ପରୀକ୍ଷା ଦେବା ପରେ ୩ୟ ଦିନ ପରୀକ୍ଷା ବେଳେ ଧରାପଡି ଜେଲ ଯାଇଛି । ଏହି ନକଲି ପରୀକ୍ଷାର୍ଥୀକୁ ନିଜ ଅଡମିଟ୍ କାର୍ଡ ପ୍ରଦାନ କରିଥିବା ବ୍ୟକ୍ତି ବିରୁଦ୍ଧରେ କଣ ପାଇଁ ଆଇନଗତ ପଦକ୍ଷେପରେ ବିଳମ୍ବ ହେଉଛି, ତାହା ଏବେ ସାଧାରଣରେ ଚିନ୍ତା ପ୍ରକଟ କରିଛି । ପରୀକ୍ଷା ପରିଚାଳନାରେ ଏପରି ଢିଲା କାର୍ଯ୍ୟକୁ ନେଇ ଅସନ୍ତୋଷ ବଢିଥିବା ବେଳେ ନିମାପଡାରେ ସଠିକ୍ ଭାବେ ମାଟ୍ରିକ୍ ପରୀକ୍ଷା ପରିଚାଳନା ହୋଇପାରୁନଥିବା ବାରି ହୋଇପଡୁଛି । ପୁରୀ ଜିଲ୍ଲା ଶିକ୍ଷାଧିକାରୀ ବିଭିନ୍ନ ସ୍କୁଲକୁ ଗସ୍ତ କରୁଥିବା ବେଳେ ତାହାର କୌଣସି ପ୍ରଭାବ ଦେଖିବାକୁ ମିଳିନାହିଁ । ଏହି ନକଲି ବିଦ୍ୟାର୍ଥୀ ନହନ୍ତରା ସ୍କୁଲ ସେଣ୍ଟରରେ ପରୀକ୍ଷା ଦେଉଥିବା ବେଳେ ଜିଲ୍ଲା ପରିଚାଳନା କାରଣରୁ ଏପରି ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ସେଣ୍ଟର ଅଧିକ୍ଷକଙ୍କ



ନିର୍ଦ୍ଦେଶରେ ପରୀକ୍ଷା ଚାଲିଥିବା ବେଳେ ଅଧିକ୍ଷକ ପ୍ରଥମ ଦିନ କଣ କରୁଥିଲେ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି । ନିଜକୁ ଦୋଷମୁକ୍ତ କରିବା ପାଇଁ ନକଲି ବିଦ୍ୟାର୍ଥୀ ନାମରେ ଦୁଇଦିନ ପରେ ଅଭିଯୋଗ କରି ନିଜେ ଖସିଯିବା ପାଇଁ ଚେଷ୍ଟା ଚଳାଇଥିବା ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ମିଳିଥିବ ସୂଚନା ଅନୁଯାୟୀ ନିମାପଡା ବ୍ଲକ ନହନ୍ତରା ନୋଡାଲ ହାଇସ୍କୁଲରେ ଜଣେ ନକଲି ବିଦ୍ୟାର୍ଥୀ ଧରାପଡିଛି । ସାକ୍ଷୀଗୋପାଳ ଥାନା ଅଧିନସ୍ଥ ଡାଙ୍ଗୁରା ଗ୍ରାମର ରାଜା ଭୋଇ (୧୯)କୁ ନିମାପଡା ପୋଲିସ୍ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ପରୀକ୍ଷାକେନ୍ଦ୍ର ଅଧିକ୍ଷକ ପୁଷ୍ପାଜଂଳୀ ସେଠୀ ଥାନାରେ ଅଭିଯୋଗ ଦେବା ପରେ ପୋଲିସ୍ ଭାରତୀୟ ନ୍ୟାୟ ସଂହିତା ଦଫା ୪୧୯(୨)/୩୧୮(୪)/ଓଡିଶା ପରୀକ୍ଷା ଆଇନ ଧାରା ୯ରେ ମାମଲା ରୁଜୁ କରି ସଂପୃକ୍ତ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ବେଳେ ତାର ଜାମିନ ନମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ନହନ୍ତରା ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷା ଚାଲୁଥିବା ବେଳେ ସଲଙ୍ଗ ଗ୍ରାମପଂଚାୟତ ମଧୁବନ ଶିକ୍ଷାଶ୍ରମ ସମେତ କେତେକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଠାରେ ପରୀକ୍ଷା ଦେଉଛନ୍ତି । ଗତ ସୋମବାର ଇଂଲିଶ ପରୀକ୍ଷା ଚାଲିଥିବା ବେଳେ ସଲଙ୍ଗ ମଧୁବନ ସ୍କୁଲର ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ର ଶେଖ୍ ମୁସ୍‌ଲିମ୍ ଉଦ୍ଦିନଙ୍କ ପରିବର୍ତ୍ତେ ରାଜା ତାଙ୍କ ଆଡମିଟ୍ କାର୍ଡ ବ୍ୟବହାର କରି ପରୀକ୍ଷା ଦେଉଥିଲେ । ଧରାପଡିବା ପରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀ ଏପରି ଶିକ୍ଷାବ୍ୟବସ୍ଥାର ଚିତ୍ର ନହନ୍ତରା ସ୍କୁଲରେ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଅଧିକ୍ଷକ କଣ ପାଇଁ ଛାତ୍ରଛାତ୍ରୀମାନେ ପରୀକ୍ଷା ହଲରେ ଯିବା ପୂର୍ବରୁ ଆଡମିଟ କାର୍ଡ ଯାଞ୍ଚ କରିନଥିଲେ । ଯାହା ଏବେ ଶିକ୍ଷା ସମାଜ ନିନ୍ଦିତ ହେବାକୁ ଯାଉଛି । ରାଜା ଯେଉଁ ପିଲା ପାଇଁ ପରୀକ୍ଷା ଦେଉଥିଲା, ତାହା ବିରୁଦ୍ଧରେ କଣ ପାଇଁ ଅଧିକ୍ଷକ ଅଭିଯୋଗ ନକରି ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି, ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ସ୍ୱତନ୍ତ୍ର କୋଡ୍‌ରେ ବେପାର

# ବାବା, ସ୍ପେଶାଲ, ଚକ ଓ ରିଜିଲା ନାମରେ ନିଶା କାରବାର

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଦିନକୁ ଦିନ ନିଶା କାରବାର ଡାଞ୍ଚା ବଦଳି ଚାଲିଛି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତ ରେ ପାନ ଦୋକାନ ଠାରୁ ଆରମ୍ଭ କରି ଗ୍ରୋସରୀ ଦୋକାନୀ ପର୍ଯ୍ୟନ୍ତ ସବୁଠି ସହଜରେ ମିଳୁଛି ଗଂଜେଇ ଭର୍ତ୍ତି ସିଗାରେଟ । ନିଶାଡୀ ଆଉ ବ୍ୟବସାୟୀ ଜାଣିବା ପାଇଁ ସ୍ୱତନ୍ତ୍ର କୋଡ୍ ବ୍ୟବହାର କରାଯାଇ ବ୍ୟବସାୟ ହେଉଛି । ଯାହାକି ସମସ୍ତ ଲୋକ ଜାଣିପାରୁନାହାନ୍ତି । କେଉଁଠି ସ୍ପେସାଲ, ବାବା, ରିଜିଲା, ଭୋଗ, ଚକ ନାମରେ ଏହି ସିଗାରେଟ କାରବାର ଚାଲିଥିବା ବେଳେ କୋଡରେ କହିଲେ ଦୋକାନୀ ବୁଝି ନିଶାଡୀଙ୍କୁ ବଢ଼ାଇ ଦେଉଛନ୍ତି । ବିଶେଷ କରି ଯୁବପିଢ଼ି ଏହି ସିଗାରେଟ ନିଶା କବଳରେ ପଡିଛନ୍ତି । ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ପାନ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏହା ସହଜରେ ଉପଲବ୍ଧରେ ମିଳିପାରୁଛି । କିନ୍ତୁ ଅବକାରୀ ବିଭାଗ କିମ୍ବା ପୁଲିସ ଏ ସମ୍ପର୍କରେ କିଛି ଜାଣିନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବ୍ୟବସାୟୀ ଶସ୍ତା ସିଗାରେଟରୁ ପତି ବାହାର କରି ସେଥିରେ ଗଂଜେଇ ଭର୍ତ୍ତି କରି ବିକ୍ରି କରୁଛନ୍ତି । ଏହା ବଜାରରେ ସ୍ପେସାଲ ସିଗାରେଟ ନାମରେ ସମସ୍ତେ ଜାଣୁଛନ୍ତି । ତାହା ସହ ଆଉ ଏକ ପ୍ୟାକେଟରେ ମାଟିଆ ରଙ୍ଗ ମିଳୁଛି ରିଜିଲା ନାମରେ ବିକ୍ରି ହେଉଛି । ବ୍ୟବସାୟୀ ଏହାକୁ ପ୍ରସ୍ତୁତ କରି ଗୋଟାକୁ ୧୦ଟଙ୍କା ରେ ବିକ୍ରି କରୁଛନ୍ତି । ତାହା ସହ ଅଞ୍ଚଳ କିଛି ବଡ଼ ବ୍ୟବସାୟୀ ଗଂଜେଇ ସହ କିଛି ରାସାୟନିକ ମିଶାଇ କଞ୍ଚାମାଲ ପ୍ରସ୍ତୁତ କରିବା ପରେ ଏହାକୁ ଛୋଟ ବେପାରୀଙ୍କୁ ଯୋଗାଇ ଦିଆଯାଉଛି । ଏହା ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି ।



## ଧର୍ମପରାୟଣଙ୍କ ବ୍ୟକ୍ତିଙ୍କ ପରଲୋକ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ବାଲିସାହି (ହରିଦାସପୁର) ଗ୍ରାମର ସମାଜସେବୀ ଶରତ ଚନ୍ଦ୍ର ନାୟକ (୭୬)ଙ୍କର ନିଜ ବାସଭ୍ବନରେ ପରଲୋକ ହୋଇଯାଇଛି । ସେ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ବରିଷ୍ଠ ଅଧିକାରୀ ଭାବେ ସତ୍ୟ ନିଷ୍ଠାପର ଭାବେ କାର୍ଯ୍ୟ କରି ଅବସର ନେଇଥିଲେ । ଗତ କିଛିଦିନ ହେଲା ଅସୁସ୍ଥତା ହେତୁ ବାସଭବନରେ ରହୁଥିଲେ । ସେ ଜଣେ ପରୋପକାରୀ, ମିଷ୍ଟ ଭାସୀ, ଧାର୍ମିକ ବ୍ୟକ୍ତି ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ତାଙ୍କ ବିୟୋଗରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ନିକଟରେ ଝିଅ ମାମା, ଜ୍ୱାଇଁ ସନ୍ତୋଷ, ପୁତୁରା ବୁଲୁ, ପାକୁନା, ମୁନା, ଭଣଜା ବିଗୁଲା, କାବୁଲା, ବାବୁ, ଟୁଲୁ, ବାଙ୍ଗୁଲି, ପରିବାର, ବନ୍ଧୁବର୍ଗ, ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ସ୍ମଶାନରେ ଦାହ କରାଯାଇଥିଲା । ପୁତୁରା ବୁଲୁ ମୁଖାଗ୍ନି ଦେଇଥିଲେ ।

## ଭାରସାମ୍ୟ ହରାଇ ଓଲଟିଲା କାର

ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟରାଜପଥ ଦାନ୍ତିଆମୁହାଁ ପୋଲରେ ମଙ୍ଗଳବାର ଭାରସାମ୍ୟ ହରାଇ ଏକ ଦ୍ରୁତଗାମୀ କାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଜଣୈକା ମହିଳା ଗୁରୁତର ଆହତ ହୋଇଛନ୍ତି । ଘଟଣାରୁ ପ୍ରକାଶ ଜେଏଚ-୦୫ଏପି -୨୪୦୨ନଂ ବିଶିଷ୍ଟ କାର ଯୋଗେ ଦୁଇ ପୁରୁଷ ଏବଂ ଦୁଇ ମହିଳା କଟକ ଡାକ୍ତରଖାନା ଯାଉଥିଲେ । କୌଣସି କାରଣରୁ ଦାନ୍ତିଆମୁହାଁ ପୋଲରେ କାରଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ କାର ଭାଙ୍ଗି ଚୁରମାର ହୋଇଯାଇଥିଲା । ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା ସମେତ ଦୁଇଜଣ ପୁରୁଷ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ଗୁରୁତର ମହିଳାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଇଥିବା ବେଳେ ଖବର ପାଇ ବେତନଟୀ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି ।

## ଭୁବନ ଏନ୍‌ଏସି ଟିମ୍‌ର ସମ୍ପଦ ଓ ମଳ ଉପଚାର କେନ୍ଦ୍ର ପରିଦର୍ଶନ




ଭୁବନ(ଭାସ୍କର ନ୍ୟୁଜ): ସ୍ୱଚ୍ଛ ସର୍ବେକ୍ଷଣ ସାଙ୍କେତିକ ମାପଦଣ୍ଡକୁ ଦୃଷ୍ଟିରେ ରଖି ଗତ ୨୧ ତାରିଖରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ନିଜର କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମନ୍ତେ ଭୁବନେଶ୍ୱର ମହାନଗର ଦ୍ୱାରା ପରିଚାଳିତ ସମ୍ପଦ କେନ୍ଦ୍ର ଓ ମଳ ଉପଚାର କେନ୍ଦ୍ର ପରିଦର୍ଶନ କରିଥିଲେ । ମହାନଗର ଡେପୁଟି କମିଶନର କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଭୁବନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ବିଭିନ୍ନ ସ୍ଥାନକୁ ପରିଦର୍ଶନ ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିଥିଲେ । ଏହି ପରିଦର୍ଶନ ମାଧ୍ୟମରେ ଆହରଣ କରିଥିବା ସମସ୍ତ ଜ୍ଞାନ ଓ ପଦ୍ଧତିକୁ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ଲାଣ୍ଟରେ କେମିତି ଫଳପ୍ରଦ ହେବ ତା ଉପରେ ଗୁରୁତ୍ୱ ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ ସମସ୍ତ ଗୋଷ୍ଠୀର ସଦସ୍ୟା ମାନଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ପରିଦର୍ଶନ ଦଳରେ ନିଜେ କାର୍ଯ୍ୟନିର୍ବାହୀ ଅଧିକାରୀ, ପରିମଳ ବିଶେଷଜ୍ଞ, ଏମ୍‌ଆଇଏସ୍, ପରିମଳ ପରିଦର୍ଶକ ଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ । କାର୍ଯ୍ୟନିର୍ବାହୀ ଭୁବନ ଏନ୍‌ଏସି କିଭଳି ଭାବେ ରାଜ୍ୟ ଓ କେନ୍ଦ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ସେଥିପ୍ରତି ପ୍ରୟାସ ଜାରି ରହିଛି ଏବଂ ସର୍ବସାଧାରଣ ଆମ ଭୁବନକୁ ସ୍ୱଚ୍ଛ ଓ ସୁସ୍ଥ ରଖିବା ପାଇଁ ନିଜ ନିଜର ସକାରାତ୍ମକ ମତ ନିର୍ଦ୍ଧାରିତ ଆପରେ ବହୁଳ ସଂଖ୍ୟାରେ ଦେବା ପାଇଁ ଅନୁରୋଧ କରିଥିଲେ ।

## ନିଆଳି ବ୍ଲକ୍‌ରେ ନୂତନ ବିଡ଼ିଓଙ୍କ ଯୋଗଦାନ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ୨୩ ଗ୍ରାମ ପଞ୍ଚାୟତକୁ ନେଇ ଗଠିତ । ବ୍ଲକରେ ନୂତନ ଭାବେ ଯୋଗ ଦେଇଛନ୍ତି ଧର୍ମ ରଂଜନ ପଣ୍ଡା । ଶ୍ରୀ ପଣ୍ଡା ପୂର୍ବରୁ ଯାଜପୁର ଜିଲ୍ଲା ସଦର ବ୍ଲକରେ ବିଡ଼ିଓ ଭାବେ କାର୍ଯ୍ୟରତ ଥିଲେ । ନିଆଳି ବ୍ଲକ ଶ୍ରୀ ଧର୍ମ ରଂଜନ ପଣ୍ଡା ବିଡ଼ିଓ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ସ୍ଥାନରେ ଶ୍ରୀ ପଣ୍ଡା ଯୋଗ ଦେଇଛନ୍ତି । ଶ୍ରୀ ପଣ୍ଡା ଯୋଗଦେବା ପରେ ତାଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ବିଡ଼ିଓ ପଲ୍ଲବୀ ରାଉତ, ସହକାରୀ ଯନ୍ତ୍ରୀ ରମା ରଞ୍ଜନ ଭୁଇଁଆ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେଉରାଙ୍କ ସମେତ ଅନେକ ବ୍ଲକ କର୍ମଚାରୀ ପୁଷ୍ପ ମାଲ୍ୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଠାରେ ସୂଚନାଥାଉ କି ଶ୍ରୀ ପଣ୍ଡା ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ୍‌ରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

## ଘରୁ ଲୁଟ୍ ଅଭିଯୋଗ: ପୋଲିସ ତଦନ୍ତ ଜାରି

ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଡକାୟତଙ୍କ ଆତଙ୍କ ବେଳକୁ ବେଳ ବଢି ଚାଲିଥିବା ବେଳେ ଗୋଟିକ ପରେ ଗୋଟିଏ ପ୍ରଭାବଶାଳୀଙ୍କ ଘରକୁ ଟାର୍ଗେଟ କରି ଲୁଟ୍ କରିଛନ୍ତି । ଗୁହାଳପଡା କଲୋନୀରେ ଜଣେ ବ୍ୟକ୍ତିଙ୍କ ଘରୁ ଟଙ୍କା ଚୂପା ଲୁଟ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଘରକୁ ଟାର୍ଗେଟ କରି ଚୋରମାନେ ପଶିଥିଲେ ମଧ୍ୟ କୌଣସି ସାମଗ୍ରୀ ଚୋରି କରିପାରିନାହାଁନ୍ତି । ଚୋରି ଯାଇଥିବା ସାମଗ୍ରୀ ସଂପର୍କରେ ଗୃହ ମାଲିକ ଥାନାରେ ଅଭିଯୋଗ କରିଛନ୍ତି । ନିମାପଡା ଥାନା ଗୁହାଳପଡାର ଶେତପର୍ଣ୍ଣା ରାୟ ମହାପାତ୍ରଙ୍କ ଘରର ପଛପଟ ଝରକା ଗ୍ରୀଲ୍ କାଟି ଚୋରମାନେ ଘରେ ପଶି ଗଡରେଜ୍‌ରେ ଥିବା ୪୦ହଜାର ଟଙ୍କା, ଦୁଇଭରି ରୂପାଗହଣା, ଏକ ଦାମୀ ଘଣ୍ଟା ଯାହାର ମୂଲ୍ୟ ୪୦ହଜାର ଟଙ୍କା ଲୁଟି ନେଇ ପଳାଇଛନ୍ତି । ସକାଳୁ ରାୟମହାପାତ୍ର ଏକଥା ଜାଣିପାରି ଥାନାରେ ଅଭିଯୋଗ କରିଛନ୍ତି । ସେହିପରି ଅନ୍ୟ ଦୁଇ ବ୍ୟବସାୟୀଙ୍କ ଘରେ ପଶି ଲୁଟ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହାଁନ୍ତି । ପ୍ରଭାବଶାଳୀଙ୍କ ଘର ଉପରେ ଦୃଷ୍ଟି ରଖି ଚୋରମାନେ ଏପରି ଚୋରି କରୁଥିବା ଘଟଣାକୁ ନେଇ କଲୋନୀବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ତୁରନ୍ତ ଏହି ଚୋରମାନଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି ।

## ବଡ଼ଚଣା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ




ବଡ଼ଚଣା(ଭାସ୍କର ନ୍ୟୁଜ): ବିକଶିତ ଗାଁ ବିକଶିତ ଓଡ଼ିଶା ଆନୁକୂଲ୍ୟରେ ବଡ଼ଚଣା ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ଆଜି ବଡ଼ଚଣା ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷା ମିନତୀ ସେନାପତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ବଡ଼ଚଣା ର ବିକାଶ ପାଇଁ ସମସ୍ତେ ଦଳ ମତ ନିର୍ବିଶେଷରେ କାର୍ଯ୍ୟ କରିବା ସହିତ ଏକ ସନ୍ତୁ ସମୃଦ୍ଧ ବିକଶିତ ବଡ଼ଚଣା ଗଠନ କରିବା ସହିତ ବଡ଼ଚଣା ସାମୁହିକ ବିକାଶ କରିବା ସହିତ ବଡ଼ଚଣା ପ୍ରତ୍ୟେକ ବର୍ଗର ଲୋକଙ୍କର ଆର୍ଥିକ ସାମାଜିକ, ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଗୋଟିଏ ବ୍ଲକ ଗୋଟିଏ ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ଜନପ୍ରତିନିଧିଙ୍କ ମଧ୍ୟରେ ଶୃଙ୍ଖଳା, ଏକତା, ଭାଇଚାରା ଯେତେ ସୁଦୃଢ ହେବ ବଡ଼ଚଣା ସେତେ ବିକଶିତ ହେବ ବୋଲି ବିଧାୟକ ଶ୍ରୀ ନାୟକ କହିବା ସହ ୨୦୨୪/୨୫ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତିକୁ ଆସିଥିବା ୫ କୋଟି ୬୯ ଲକ୍ଷ ୪୨ ହଜାର ୭ ସହ ୨୫ ଟଙ୍କା ଅନୁଦାନକୁ ସ୍ୱଚ୍ଛ ଓ ନିଷ୍ଠା ଭାବରେ ବଡ଼ଚଣା ବିକାଶରେ ବିନିଯୋଗ କରିବା ପାଇଁ ବିଧାୟକ କହିଥିଲେ । ବୈଠକରେ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ସସ୍ମିତା ମହାନ୍ତି, ଜୟଶ୍ରୀ ସାମଲ, ଏସଡିଓ ଅନିଲ କୁମାର୍ ସେଠୀ, ବ୍ଲକ ଶିକ୍ଷା ଅଧିକାରିଣୀ ସବିତା ସାହୁ, ଭାରପ୍ରାପ୍ତ ତହସିଲଦାର୍ ବିରଜା ପ୍ରସାଦ ରାୟ, ସହକାରୀ ଯନ୍ତ୍ରୀ ପାର୍ଥ ସାରଥି ପଣ୍ଡା, ସ୍ୱାସ୍ଥ୍ୟକର୍ମୀ ମନୋରମା ସ୍ୱାଇଁ, ଗ୍ରାମ ପଞ୍ଚାୟତ ଅଧିକାରୀ ମାନସ ରଞ୍ଜନ ଜେନା, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା ସମେତ ୪୩ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଯୋଗ ଦେଇଥିଲେ । ସରପଞ୍ଚ ଯଯାତି କେଶରୀ ରାଉତ, ରମେଶ ଚନ୍ଦ୍ର ପୃଷ୍ଟି, ଜ୍ଞାନରଞ୍ଜନ ସାହୁ, ବେଣୁଧର ବିଶ୍ୱାଳ, କିଶୋର ବେହୁରା, ଜୟନ୍ତୀ ସ୍ୱାଇଁ, ଅଞ୍ଜୁଲତା ସ୍ୱାଇଁ, ସୁଶ୍ରୀ ମିଶ୍ର, ସମିତିସଭ୍ୟ ମଧୁସୂଦନ ବଳ, ଜଗନ୍ନାଥ ମୁଦୁଲି, ବିଚିତ୍ର ଜେନା, ଅକ୍ଷୟ ରାଉତରାୟ ପ୍ରମୁଖ ପୂର୍ବ ସରକାରରେ ବହୁ ପଞ୍ଚାୟତରେ କାର୍ଯ୍ୟ କରି ଏବେସୁଦ୍ଧା ବହୁ ଟଙ୍କା ବାକି ରହିଛି, ସେସବୁକୁ ତୁରନ୍ତ ବିଲ କରାଇବା ସହ ନୂତନ ସରକାରଙ୍କ ଯୋଜନା କାର୍ଯ୍ୟ କରିବାକୁ ପ୍ରସ୍ତାବ ମାନ ଦେଇଥିଲେ । ଏଥିରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ବାଲିମେଲା ଏନ୍‌ଏସିର ନୂତନ ସ୍ମାର୍ଟ ପାର୍କ ନିର୍ମାଣରେ ଦୁର୍ନୀତି ଅଭିଯୋଗ



ବାଲିମେଲା(ଭାସ୍କର ନ୍ୟୁଜ): ବିନା ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀରେ ନିର୍ମାଣ ହେଉଛି କୋଟି କୋଟି ଟଙ୍କାର ପ୍ରକଳ୍ପ । ସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ । ଏପରି ମନମୁଖୀ କାର୍ଯ୍ୟକୁ ବିରୋଧ କରି ପ୍ରେସ ବିବୃତି ଦେଲା ପାରିଷଦ ବୃନ୍ଦ । ତେବେ ଏପରି ଏକ ଆଶ୍ଚର୍ଯ୍ୟ ଘଟଣା ମାଲକାନଗିରି ଜିଲ୍ଲା ବାଲିମେଲା ଏନଏସିରେ ଦେଖିବାକୁ ମିଳିଛି । ବାଲିମେଲା ସହରରେ ଭଲ ପାର୍କଟିଏ ନଥିବାରୁ ଏହାକୁ ଦୃଷ୍ଟିରେ ରଖି ଏନଏସି ପକ୍ଷରୁ ଗତ ୭ ମାସ ତଳେ ସ୍ମାର୍ଟ ପାର୍କ ନାମରେ ୧ କୋଟି ୧୨ ଲକ୍ଷ ଟଙ୍କାର ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରାଯାଇଥିଲା । ଯାହାକି ବ୍ରହ୍ମପୁର ଏକ ଠିକାସଂସ୍ଥା ପାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା । କାର୍ଯ୍ୟର ୨୭ ସେପ୍ଟେମ୍ବର ୨୦୨୪ରେ ଶୁଭ ଦେଇ ପୂଜାର୍ଚ୍ଚନା କରି ଆରମ୍ଭ ହୋଇଥିଲା । ଯାହାକି ବାଲିମେଲା ଏନଏସିର କୌଣସି କାଉନ୍ସିଲରଙ୍କ ବିନା ଅବଗତରେ ଟେଣ୍ଡର ଚେୟାରମ୍ୟାନ ପ୍ରଦୀପ କୁମାର ନାୟକ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ନିଜ ମନ ମୁତାବକ ପ୍ରକ୍ରିୟା କରିଥିବା ଏନଏସି ଉପାଧକ୍ଷା ରଶ୍ମିତା ବାଙ୍କାଙ୍କ ସମେତ ୭ କାଉନ୍ସିଲର ଅଭିଯୋଗ କରିଛନ୍ତି । ଏଥିସହ ଏନଏସିର ନିଜସ୍ୱ ରେଗୁଲାର ଯନ୍ତ୍ରୀ ଥିବା ସତ୍ତ୍ୱେ ମଧ୍ୟ ସେହି ସମୟର ପୂର୍ବ ସରକାରଙ୍କ ମୁକ୍ତା ଯୋଜନାର ଯନ୍ତ୍ରୀ ଆନନ୍ଦ ମାଲ କୁ ଏହି ନୂତନ ପାର୍କ ର ଯନ୍ତ୍ରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ନିର୍ମାଣ କାର୍ଯ୍ୟ ଆରମ୍ଭ ର ୩ ଦିନ ପରେ ମୁକ୍ତା ଯୋଜନା ବନ୍ଦ ହୋଇଯାଇଥିବା ବେଳେ ଯନ୍ତ୍ରୀ ଶ୍ରୀ ମାଲଙ୍କର ସମ୍ପୂର୍ଣ୍ଣ ଚାକିରୀରୁ ଛଟେଇ ହୋଇଥିଲା । ପରେ ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିନା କୌଣସି ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀରେ ଲକ୍ଷାଧିକ ଟଙ୍କାର କାର୍ଯ୍ୟ ହେଲା ତାହା ବର୍ତ୍ତମାନ ଏହି ୮ କାଉନ୍ସିଲର ପ୍ରଶ୍ନ କରିଛନ୍ତି । ଏନେଇ ୮ କାଉନ୍ସିଲର ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ ଏହି ନିର୍ମାଣ କାର୍ଯ୍ୟ କେବେଠୁ ଚାଲିଛି ସେନେଇ ସେ ଆଦୌ ଅବଗତ ନଥିବା କହିଛନ୍ତି । ଆଶ୍ଚର୍ଯ୍ୟର ବିଷୟ ମୋଟ ୭୫ ଲକ୍ଷ ଟଙ୍କା ସ୍ମାର୍ଟ ପାର୍କ ନିର୍ମାଣ କାର୍ଯ୍ୟ ବାବଦକୁ ଟଙ୍କା ରହିଥିବା ବେଳେ ୧କୋଟି ୧୨ ଲକ୍ଷ ଟଙ୍କାର ଏହି ଟେଣ୍ଡର ଆହ୍ୱାନ କାହା ନିର୍ଦ୍ଦେଶରେ କରାଗଲା ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏବେ ମାତ୍ର ୩ ମାସ ହେବ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଯନ୍ତ୍ରୀ ଭାବେ ରଶ୍ମି ରଞ୍ଜନ ମହାନ୍ତି ଥିବା ବେଳେ ସେ କାର୍ଯ୍ୟ ଦେଖିବା ନିମନ୍ତେ ନିୟମିତ ଆସୁନାହାନ୍ତି । ତେଣୁ ଠିକାଦାର ନିଜ ମନ ମୁତାବକ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି । ଏପରି ଅଭିଯୋଗ ନେଇ ଏନଏସି ଉପାଧକ୍ଷା ରଶ୍ମିତା ବାଙ୍କା, କାଉନ୍ସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କୃଷ୍ଣ ବାଘ, ସନ୍ତୋଷ ପଣ୍ଡା, ସୁନିତା ଗୁରୁ, ବିମଳ ବେହେରା, ତୁଳାମଣି ଛଡ଼ି, ମଙ୍ଗୁଲି ହିଆଲ ଏକ ପ୍ରେସ ବିବୃତି ମାଧ୍ୟମରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଏନେଇ ଏନଏସି କାର୍ଯ୍ୟ ନିର୍ବାହୀଙ୍କୁ ପଚାରିବାରୁ ସେ ନୂତନ ଭାବେ ଏନଏସିରେ ଯୋଗଦାନ କରିଥିବା ହେତୁ ସମ୍ପୂର୍ଣ୍ଣ ଘଟଣା ସମ୍ବନ୍ଧରେ ସେ ଅବଗତ ନଥିବା ବେଳେ ଏନେଇ ଯନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ସହ ଆଲୋଚନା କରି ଘଟଣାର ସଠିକ ତଦନ୍ତ ଏକ ଟିମ ପଠାଇ କରିବା ସହ ଯଦି ନିମ୍ନମାନର କାର୍ଯ୍ୟ ହୋଇଥାଏ ତାହେଲେ ପୁଣି ସମ୍ପୂର୍ଣ୍ଣ ଭାଙ୍ଗି ପୁନଃ ନିର୍ମାଣ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ




ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ମାଣିକାଗୋଡା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅଧିକାର କଲେଜ ଗଣିଆ ପ୍ରିନସିପାଲ ଶିକ୍ଷାବିତ ଇଂ. କର୍ପୁର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ ଯେ ସୁସଂସ୍କାର ଓ ଚରିତ୍ର ଗଠନ ଦ୍ୱାରା ଛାତ୍ରଛାତ୍ରୀ ଭଲ ମଣିଷ ହୋଇପାରିବେ । ମୁଖ୍ୟବକ୍ତା ରୂପେ ସମାଜସେବୀ ଜୟଶ୍ରୀ ପଟ୍ଟନାୟକ କହିଥିଲେ ଶିକ୍ଷା ହିଁ ସମାଜ ବିକାଶର ମୂଳମନ୍ତ୍ର । ବରେଣ୍ୟ ଅତିଥି ବୋଲଗଡ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ଓ ବୋଲଗଡ଼ ୨୫ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଦଳାଇସାହି ସରପଞ୍ଚ ପ୍ରତିନିଧି ତ୍ରିନାଥ ସ୍ୱାଇଁ, ବିଶିଷ୍ଟ ସମାଜସେବୀ ଭୀମସେନ ଦଳାଇ, ସମିତିସଭ୍ୟା ପ୍ରତିନିଧି ଶରତ କୁମାର ଦଳାଇ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିଚାଳନା କମିଟି ସଭାପତି ସୁନୀଲ କୁମାର ପଟନାୟକ, ସମବାୟବିତ ଲଲାଟେନ୍ଦୁ କେଶରୀ ସିଂ, ସମାଜସେବୀ ବିଶ୍ୱଜିତ ସୁବୁଦ୍ଧି, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରସନ୍ନ ହୋତା, କଳକଣ୍ଠଙ୍ଗର ପୂର୍ବତନ ସରପଞ୍ଚ କିଶୋର ହୋତା, କରିମ ଖାଁ ପ୍ରମୁଖ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ସୁବୁଦ୍ଧି, ପ୍ରସିଦ୍ଧ ଓଡିଶୀ ନର୍ତ୍ତକୀ ଝରଣା ରାଣୀ ବାରିକ, ସମାଜସେବୀ ମାନସ କୁମାର ମହାରଣା, ଶିକ୍ଷକ ହାଡୁବନ୍ଧୁ ସାହୁ ଯୋଗ ଦେଇଥିଲେ । ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ସହଦେପ ସୁବୁଦ୍ଧି ବାର୍ଷିକ ବିବରଣୀ ପଠନ କରିଥିଲେ । ବିଶିଷ୍ଟ କଳାକାର ତଥା ସମବାୟବିତ ବିରଞ୍ଚି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ରେଶମା ବେଗମ, ସ୍ନେହାଞ୍ଜଳୀ ବେହେରା, ଅନିତା ସାହୁ, ଝିଲ୍ଲୀ ବରାଡ଼, ପ୍ରତିମା ପ୍ରଧାନ, ରଶ୍ମିତା ପ୍ରଧାନ ମଞ୍ଚ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ନାଟ୍ୟଗୁରୁ ସିଲୁ ସାମନ୍ତରାୟ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ । ନୃତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ହଜାର ହଜାର ଗ୍ରାମବାସୀ ଉପଭୋଗ କରିଥିଲେ । ମଞ୍ଚାସିନ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଅତିଥି ଚର୍ଚ୍ଚା ଦାୟିତ୍ୱ ଅନୁଷ୍ଠାନର କୋଷାଧକ୍ଷ ରଶ୍ମିତା ସୁବୁଦ୍ଧି ତୁଲାଇଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସ୍ୱାଇଁ ଅତିଥି ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଥିଲେ ।

## ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ ପକ୍ଷରୁ ବନ୍ଧୁ ମିଳନ



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ଯାଜପୁର ର ପୁରାତନ ସାମ୍ବାଦିକା ସଙ୍ଘ ପ୍ରେସ କ୍ଲବ ଚଣ୍ଡିଖୋଲର ଏକ ବନ୍ଧୁମିଳନ ଘଟଗାଁ ସନ୍ନିକଟ ଗୁଣ୍ଡିଚା ଘାଟିଠାରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକା ବନ୍ଧୁ ମାନେ ଘଟଗାଁ ମାଆ ତାରିଣୀଙ୍କ ଦର୍ଶନ କରି ସାଂଗଠନିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଙ୍ଘ କାର୍ଯ୍ୟକାରୀ ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ସାମ୍ବାଦିକ ମାନେ ସତ୍ୟନିଷ୍ଠ, ନିର୍ଭୀକ ନିରପେକ୍ଷ ସମ୍ବାଦ ପରିବେଷଣ ସହ ନିଜ ନିଜ ମଧ୍ୟରେ ଏକତା, ଭାଇଚାରା, ଶୃଙ୍ଖଳା ରକ୍ଷା କରିବା ପାଇଁ ଗୁରୁତ୍ୱ ଦେବା ସହ ସାମ୍ବାଦିକଙ୍କ ସୁରକ୍ଷା, ପେନସନ, ସାମ୍ବାଦିକ କଲ୍ୟାଣ ପାଣ୍ଠି ବୃଦ୍ଧି, ସ୍ୱାସ୍ଥ୍ୟବିମା ଯୋଜନାରେ ପିତାମାତାଙ୍କୁ ଯୋଗ କରିବା ପାଇଁ ସରକାରଙ୍କ ନିକଟରେ ଦାବୀ କରିଥିଲେ । ଏହି ବନ୍ଧୁ ମିଳନରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦିଲ୍ଲିପ କୁମାର ମହାନ୍ତି, ଉପସଭାପତି ଅଭିମନ୍ୟୁ ଧଳ, ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ, ପ୍ରସନ୍ନ କୁମାର ବିଶ୍ୱାଳ, ମୋହନ ଖିଲାର, ସଂଜୟ ସ୍ୱାଇଁ ଭାରତ ଭୂଷଣ ପଣ୍ଡା, ସମରେନ୍ଦ୍ର ମାହାଲା, ସେକ ସବିରୁଦ୍ଦିନ, ମସିର୍ ଆଲାମ୍, ସୁରେନ୍ଦ୍ର ସାମଲ, ପ୍ରତାପ କୁମାର ରାଉତରାୟ, ପ୍ରତାପ ଗୋଛାୟତ, ଦୟା ସାଗର ସ୍ୱାଇଁ, ମହେଶ୍ୱର ରାଉତ, ହେମେଶ୍ ଜେନା, ଶୁଶାନ୍ତ କୁମାର ନାୟକ, ଅନନ୍ତ ସ୍ୱାଇଁ, ଦିଲ୍ଲିପ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ୩ ଘରୁ ଲକ୍ଷାଧିକ ମୂଲ୍ୟର ଅଳଙ୍କାର ଲୁଟ୍, ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

ଭଦ୍ରେଶ୍ୱର(ଭାସ୍କର ନ୍ୟୁଜ): ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଭଦ୍ରେଶ୍ୱର ଥାନା ଅଂଚଳରେ ଲୁଟେରାମାନେ ୩ଟି ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେବା ସହ ଜଣେ ମହିଳାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି । ଗତ କାଲି ରାତ୍ରର ବିଳମ୍ବିତ ପ୍ରହରରେ ମାହାଙ୍ଗା ବ୍ଲକ ତଥା ଭଦ୍ରେଶ୍ୱର ଥାନା ନାହାଙ୍ଗ ଗ୍ରାମପଂଚାୟତ ଅଚ୍ୟୁତପୁର ଗ୍ରାମର ଶିବ ପ୍ରସାଦ ନାୟକଙ୍କ ପରିବାର ଖାଇପିଇ ଘରେ ଶୋଇଥିଲେ । ରାତ୍ରର ବିଳମ୍ବିତ ପ୍ରହରରେ କେତେକ ଦୁର୍ବୃତ୍ତ ତାଙ୍କ ଘରର ପଛ ଗ୍ରୀଲ ଭାଙ୍ଗି ଘରକୁ ପ୍ରବେଶ କରିଥିଲେ । ଘରେ ଥିବା ନଗଦ ଟଙ୍କା ଓ ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିଲେ । ତେବେ ଶ୍ରୀ ନାୟକଙ୍କ ପତ୍ନୀ ସ୍ୱର୍ଣ୍ଣଲତା ନାୟକ ଘରୁ ବାହାରକୁ ଦୌଡି ଆସି ଲୋକଙ୍କୁ ଡାକ ପକାଇବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ଅପରପକ୍ଷରେ ଲୁଟେରାମାନେ ସ୍ଥାନୀୟ ଗ୍ରାମର ବିଭିନ୍ନ ଲୋକଙ୍କ ଘରେ ବାହାରୁ ତାଲା ପକାଇ ଦେଇଥିବା ଯୋଗୁ ଲୋକେ ବାହାରକୁ ଆସିପାରିନଥିଲେ । ତେବେ ସ୍ଥାନୀୟ ଲୋକେ ଗୁରୁତରଅବସ୍ଥାରେ ଶ୍ରୀମତୀ ନାୟକଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଉଦବେଗ ଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ସେହିପରି ଭାବେ ଦୁର୍ବୃତ୍ତମାନେ ଭଦ୍ରେଶ୍ୱର ଗ୍ରାମପଂଚାୟତ ପାଣ୍ଡିଆ ଗ୍ରାମର ରବିନ୍ଦ୍ର ବାରିକ ଓ ଗୋବିନ୍ଦପୁର ଗ୍ରାମର ଅନନ୍ତ ନାଥଙ୍କ ଘରେ ପଶି ଚୋରି କରିଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ଭଦ୍ରେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରି ଫେରି ଯାଇଥିବାର ଜଣାଯାଇଛି । ତେବେ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ । ତେବେ ଥାନା ଅଂଚଳରେ ଘନ ଘନ ଚୋରି ହେଉଥିବା କାରଣରୁ ରାତ୍ରରେ ପୋଲିସ ପେଟ୍ରୋଲିଂ ବ୍ୟବସ୍ଥା କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି ।

# ଭାରତର ବିଶ୍ୱ ନେତୃତ୍ୱକୁ ସୁଦୃଢ଼ ପାଇଁ ପୀୟୂଷ ଗୋୟଲଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଇଲେକ୍ରାମା ୨୦୨୫ର ତୃତୀୟ ଦିନରେ ଭାରତ ସରକାରଙ୍କ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଲିଡର ସୁନୀଲ ସିଂଘଭି, ପ୍ରେସିଡେଣ୍ଟ, ଆଇଇଏମଏ, ବିକ୍ରମ ଗାଣ୍ଡୋତ୍ରା, ପ୍ରେସିଡେଣ୍ଟ(ଇଲେକ୍ଟ) ଓ ଚେୟାରମ୍ୟାନ ଓ ସିଦ୍ଧାର୍ଥ ଭୁଟୋରିଆ, ଭାଇସ ପ୍ରେସିଡେଣ୍ଟ, ଆଇଇଏମଏଓ ଭାଇସ ଚେୟାରମ୍ୟାନ, ଇଲେକ୍ରାମା ୨୦୨୫ଙ୍କ ଉପସ୍ଥିତିରେ ପୀୟୂଷ ଗୋୟଲ ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବା, ସ୍ୱଚ୍ଛ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ଭାବନ ତଥା ସହଯୋଗ ମାଧ୍ୟମରେ ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ତାଙ୍କ ଅଭିଭାଷଣ ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଭାରତର ବିଶ୍ୱସ୍ତରୀୟ ନେତୃତ୍ୱ ନେବାର ଲକ୍ଷ୍ୟକୁ ସୁଦୃଢ଼ କରିଥିଲା ଏବଂ ନୀତି ସମର୍ଥନ, ରଣନୈତିକ ଶିଳ୍ପ ସହଭାଗୀତା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ପୁଞ୍ଜିନିବେଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା । ଇଲେକ୍ରାମାଠାରେ ଉଦ୍‌ବୋଧନ ଦେଇ ସେ ଇଲେକ୍ରାମା ଏବଂ ଅନ୍ୟ ଶିଳ୍ପ ଭିତିକ ପ୍ରଦର୍ଶନୀ ସମେତ ପ୍ରମୁଖ ପ୍ରଦର୍ଶନୀଗୁଡ଼ିକୁ ଗୋଟିଏ ପ୍ରଦର୍ଶନୀରେ ମିଶ୍ରଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଭାରତକୁ ବିଶ୍ୱସ୍ତରୀୟ ପ୍ଲେୟାରମାନଙ୍କ ପାଇଁ ୱାନ-ଷ୍ଟପ୍ ସପ୍‌ରେ ପରିଣତ କରିବ । ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ଦିଗରେ ଶିଳ୍ପ ସଂଘଗୁଡ଼ିକ ନେତୃତ୍ୱ ନେବାର ଆବଶ୍ୟକତା ଉପରେ ସେ ପୁନଶ୍ଚ ଗୁରୁତ୍ୱାରୋପ କରିବା ସହ ଭାରତର ଘରୋଇ କ୍ଷେତ୍ରକୁ ସୁଦୃଢ଼ କରିବା ସହିତ ରପ୍ତାନି ଏବଂ ବୈଶ୍ୱିକ ସହଭାଗୀତାକୁ ବିସ୍ତାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଜଏଣ୍ଟ ସେକ୍ରେଟାରି ବିମଳ ଆନନ୍ଦ କହିଛନ୍ତି ଯେ ଖୁବ୍‌ଶୀଘ୍ର, ଆମେ ଚିନ୍ତା କରୁଥିଲୁ ଯେ ୨୦୩୦ ସୁଦ୍ଧା ଆମେ ଜିଡିପି ଦୃଷ୍ଟିରୁ ତୃତୀୟ ବୃହତମ ଅର୍ଥନୀତି ରେ ପରିଣତ ହେବୁ, କିନ୍ତୁ ଆସନ୍ତା ବର୍ଷ ସୁଦ୍ଧା, ଆମେ ବାସ୍ତବରେ ସେହି ସଫଳତାକୁ ଆଗୁଆ ହାସଲ କରିବାକୁ ଯାଉଛୁ ଏବଂ ଆମେ ସମ୍ଭବତଃ ପରବର୍ତୀ ବର୍ଷରେ ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବାକୁ ଯାଉଛୁ ।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ୨୦ ଦମ୍ପତିଙ୍କ ସାମୂହିକ ବିବାହ



ସମ୍ବଲପୁର(ଭାସ୍କର ନ୍ୟୁଜ): ସମ୍ପ୍ରଦାୟର ଆତ୍ମା ଏବଂ ପ୍ରେମର ଏକ ସ୍ୱର୍ଣକାତର ପ୍ରଦର୍ଶନରେ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ସମ୍ବଲପୁରର ଆକାଂକ୍ଷା ଲେଡିଜ କ୍ଲବ୍, ବିପିଏସ୍‌ଏଲ ଟାଉନସିପରେ ଏକ ଚମତ୍କାର ସାମୁହିକ ବିବାହ ଉତ୍ସବର ଆୟୋଜନ କରିଥିଲା । ପରମ୍ପରାର ଉଷ୍ମତା, ଏକତା, ଏବଂ ସେମାନଙ୍କ ପରିବାର ଏବଂ ପଡ଼ୋଶୀମାନଙ୍କ ଆନନ୍ଦରେ ସମାହିତ ହୋଇ ୨୦ଟି ଦମ୍ପତି ଏକତ୍ର ଭାବରେ ସେମାନଙ୍କର ଜୀବନର ନୂତନ ଅଧ୍ୟାୟ ଆରମ୍ଭ କଲେ । ଆୟୋଜନଟି ଏକ ବିବାହଠାରୁ ଅଧିକ ଥିଲା, ଅଭାବୀ ପରିବାରକୁ ସହାୟତା କରିବାର ଏକ ହୃଦୟସ୍ପର୍ଶୀ ପଦକ୍ଷେପ । ସାମାଜିକ ଏବଂ ଆର୍ଥିକ ପଛୁଆ ସମ୍ପ୍ରଦାୟରୁ ଆସିଥିବା ଅନେକ ଦମ୍ପତି ଆର୍ଥିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ଯାହା ପାରମ୍ପରିକ ସମାରୋହରେ ବିବାହ କରିବା ଅସମ୍ଭବ ହୋଇପଡିଥିଲା । ସେମାନଙ୍କ ଦୁଃଖକୁ ବୁଝି, ଆକାଂକ୍ଷା ଲେଡିଜ କ୍ଲବ୍ ଏହି ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁଅଣ୍ଟା ଭିଡ଼ିଥିଲା । ଏକତା ଏବଂ ସଂହତିର ଦୃଢ଼ ଭାବନା ସହିତ ଉଭୟ ପରିବାରରୁ ପ୍ରାୟ ୫୦୦ ଅତିଥି, ଟାଉନସିପବାସିନ୍ଦା, ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି, ଏବଂ ଗ୍ରାମ ସରପଞ୍ଚମାନେ ଏକତ୍ରିତ ହୋଇ ଏହି ମହତ୍ୱପୂର୍ଣ୍ଣ ଘଟଣାର ସାକ୍ଷୀ ହୋଇଥିଲେ । ଏହି ମହତ ପଦକ୍ଷେପ ପଛରେ ଆକାଂକ୍ଷା ଲେଡିଜ କ୍ଲବ୍‌ର ସଭାପତି ନୀଲମ ସିଂ ନିଜର ହୃଦୟସ୍ପର୍ଶୀ ଭାବନା ପ୍ରକାଶ କରିଛନ୍ତି । ସ୍ଥାନୀୟ ବୁଣାକାର ସମ୍ପ୍ରଦାୟକୁ ସମର୍ଥନ କରିବାଠାରୁ ଆରମ୍ଭ କରି ବଞ୍ଚିତ ପିଲାମାନଙ୍କୁ ଡାକ୍ତରୀ ଏବଂ ଶିକ୍ଷାଗତ ସହାୟତା ପ୍ରଦାନ କରିବା ପର୍ଯ୍ୟନ୍ତ ଆକାଂକ୍ଷା ଲେଡିଜ୍ କ୍ଲବ୍‌ର ଚାରିଟେବୁଲ ପ୍ରୟାସ ଏକ ଗଭୀର ପ୍ରଭାବ ପକାଇଛି । ଏହି ଜନ ବିବାହ ଉତ୍ସବ ଶୁଭେଚ୍ଛା, ପ୍ରେମ ଏବଂ ଏକତାର ଭାବନାକୁ ଆହୁରି ଦୃଢ଼ କରିବାକୁ ଆଉ ଏକ ସୁନ୍ଦର ପଦକ୍ଷେପ ଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ପୃଷ୍ଠା-ଖ
Page-B
ଭୁବନେଶ୍ୱର
Bhubaneswar
୨୬.୦୨.୨୦୨୫
26.02.2025



ଖଡ଼ିଆଳ, ( ଭାସ୍କର ନ୍ୟୁଜ୍ ) : ନୂଆପଡା ଜିଲ୍ଲା ଆଦର୍ଶ ଡିଗ୍ରୀ କଲେଜ ପରିସରରେ ଉତ୍କଳ ସାହିତ୍ୟ ସମାଜ ଓ କଲେଜ ଓଡିଶା ବିଭାଗର ମିଳିତ ଆନୁକୂଲ୍ୟରେ ପଣ୍ଡିତ ପ୍ରୟାଗ ଦତ୍ତ ଯୋଶୀଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଫୋଟୋ ଚିତ୍ରରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ନୂଆପଡା ଜିଲ୍ଲା ଆଦର୍ଶ ଡିଗ୍ରୀ କଲେଜର ଅଧକ୍ଷ ଡ଼. ଅକ୍ଷୟ କୁମାର ସାହୁ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଡ଼. ମେଜର ରାମ ଚନ୍ଦ୍ର ମିଶ୍ର ଯୋଗଦେଇ ଖଡ଼ିଆଳ ମାଟି ଏକ ସାହିତ୍ୟ ସାଧନାର ମାଟି ଅଟେ। ଯୁଗଜନ୍ମାଙ୍କ ସ୍ମୃତି ଓ ସମ୍ମାନ ଦୃଷ୍ଟିରୁ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ରୂପେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଶିକ୍ଷା ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା, ସାମ୍ବାଦିକ ତପନ ରଂଜନ ଦାସ, ଆଦର୍ଶ ଡିଗ୍ରୀ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଜୟ ଶଙ୍କର ଭୋଇ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଲିଙ୍ଗରାଜ ସାହୁ, ଡ଼ ଶ୍ରୀକାନ୍ତ ବାରିକ ଯୋଗ ଦେଇଥିବା ବେଳେ କଲେଜର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ସବର୍ଣ୍ଣ ଅସବର୍ଣ୍ଣଙ୍କୁ ନେଇ ବଢୁଛି ବିବାଦ...

# ସମାଧାନର ବାଟ ଖୋଜି ପାଉନି ପ୍ରଶାସନ

ଆସିକା, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ଆସିକା ଥାନା ବାଲିଛାଇ ଗ୍ରାମରେ ସବର୍ଣ୍ଣ ଅସବର୍ଣ୍ଣଙ୍କୁ ନେଇ ବଢୁଛି ବିବାଦ। ଦୀର୍ଘ ୨୫ ବର୍ଷ ପରେ ମଧ ସମାଧାନର ବାଟ ଖୋଜି ପାଉନି ପ୍ରଶାସନ। ବିବାଦ ପାଇଁ ଗାଆଁକୁ ଫେରି ପାରୁନାହାନ୍ତି ୫୦ ଟି ଅସବର୍ଣ୍ଣ ପରିବାର। ଅପର ପକ୍ଷରେ ଅସବର୍ଣ୍ଣ ମାନଙ୍କୁ ଗାଆଁରେ ପୁରେଇ ଦେବୁନି କହି ସବର୍ଣ୍ଣ ମାନଙ୍କ ଜିଦ। ପ୍ରଶାସନ ପକ୍ଷରୁ ଡିମାର୍କେସନ ପାଇଁ ଗାଁକୁ ଯିବା ବେଳେ ଏହାକୁ ବିରୋଧ କରି ରାସ୍ତା ଅବରୋଧ କରି ଧାରଣାରେ ବସିଲେ ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ସବର୍ଣ୍ଣ ପରିବାର। ଏହି ଗ୍ରାମରେ ଦୀର୍ଘ ୨୫ ବର୍ଷ ହେଲା ସବର୍ଣ୍ଣ ଓ ଅସବର୍ଣ୍ଣଙ୍କୁ ନେଇ ଦେଖା ଦେଇଛି ବିବାଦ। ବିବାଦରେ ୫୦ ଟି ଅସବର୍ଣ୍ଣ ପରିବାରକୁ ଗାଆଁରୁ ବିତାଡିତ କରାଯାଇଥିଲା ବେଳେ ଦୀର୍ଘ ୨୫ ବର୍ଷ ହେଲା ସେମାନେ



ବିସ୍ଥାପିତ ଭାବେ ଦୁଃଖ କଷ୍ଟରେ ଅନ୍ୟତ୍ର ଜୀବନ ବିତାଉଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଅନେକ ଥର ବିବାଦର ସମାଧାନ ପାଇଁ ପ୍ରୟାସ କରାଯାଇ ଥିବା ବେଳେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କୁ ନେଇ ବୈଠକ ମଧ ବସିଛି। ତେବେ ଏହାର କିଛି ନିଷ୍କର୍ସ ମିଳୁ ନଥିବା ବେଳେ ୨୫ତାରିଖରେ ଆସିକା, କୋଟିନଡ଼ା ଓ ଧରାକୋଟ ତିନି ଥାନାର ଥାନା ଅଧିକାରୀ ଓ ଆସ୍କା ଏସ୍‌ଡିପିଓ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ତହସିଲଦାରଙ୍କ ଉପସ୍ଥିତିରେ ଡିମାର୍କସନ କରାଯିବାର ଥିଲା। ହେଲେ ଗ୍ରାମବାସୀ ଗାଆଁରେ ଘଣ୍ଟ ବାଡେଇ ଗାଁ ଶେଷ ମୁଣ୍ଡ ବରଗଛ ପାଖ ରାସ୍ତା ଉପରେ ଧାରଣାରେ ବସି ଏହାର ପ୍ରତିବାଦ କରିଥିଲେ। ଅସବର୍ଣ୍ଣ ମାନଙ୍କୁ ଗ୍ରାମ ଭିତକୁ ପୁରାଇ ନଦେବାକୁ କହିଥିଲେ। ଗ୍ରାମବାସୀ ମାନେ ଡିମାର୍କେସନକୁ ବିରୋଧ କରି ପ୍ରଶାସନର ବାଟ ଓଗାଳି ଥିଲେ। ଅପର ପକ୍ଷରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଆଲୋଚନା ମାଧ୍ୟମରେ ଗ୍ରାମବାସୀମାନଙ୍କୁ ବୁଝାଇବାକୁ ଚେଷ୍ଟା କରାଯାଇଥିଲା। ଅନେକ ପ୍ରଚେଷ୍ଟା ସତ୍ତ୍ୱେ ମଧ ବୁଝିବାକୁ ନାରାଜ ଥିଲେ ଗ୍ରାମବାସୀ। ପରେ ସେଠାରୁ ବାଧ ହୋଇ ଫେରିଥିଲେ ପୋଲିସ ଓ ପ୍ରଶାସନ। ତେବେ ବାଲିଛାଇରେ ଲାଗି ରହିଥିବା ସବର୍ଣ୍ଣ ଅସବର୍ଣ୍ଣରର ଏହି ବିବାଦକୁ ସମାଧାନ କରିବା ପାଇଁ ପ୍ରଶାସନ ନାକେଦମ ହୋଇ ସାରିଥିବା ବେଳେ କେବେ ଏହି ବିବାଦରେ ପୂର୍ଣ୍ଣଛେଦ ପଡ଼ିବ ତାହା ଦେଖାଇବାକୁ ବାକି ରହିଛି।

## ଜୀବନ ସଂଗ୍ରାମରେ ଦିବ୍ୟାଙ୍ଗ - ଉଦ୍ଧାର କଲେ ମାନବ ଅଧିକାର କର୍ମୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ସହରରେ ପ୍ରାୟ ୩ଦିନ ହେବ ଭିକ୍ଷା ବୃତ୍ତି କରୁଥିବା ମୁକ ବଧିର ପିଲାଟିକୁ ରାମକୃଷ୍ଣ ଚୌଧୁରୀ ଉଦ୍ଧାରକାରୀ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଛନ୍ତି। ପିଲାଟି ନିକଟରେ କୌଣସି ପ୍ରମାଣପତ୍ର ନପାଇ ତଥା ଉତ୍ତରପ୍ରଦେଶର ସୁଲତାନପୁର ଜିଲ୍ଲାର ବାସିନ୍ଦାକୁ ଏସ୍‌ଟି ପାଉଲ୍ ମିଶନ ସେକେଣ୍ଡାରି ସ୍କୁଲ୍‌ର ଅଧକ୍ଷ ଏକ ପ୍ରମାଣପତ୍ର ଦେଇ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ଏକ ଲିଖିତ ପ୍ରମାଣ ପୋଲିସ୍‌କୁ ମିଳିଛି। ପିଲାଟିର ଆଧାର ଓ ଫୋନ୍ ହଜିଯାଇଥିବା ଯୋଗୁଁ ସେ ପରିବାର ସହ କୌଣସି ଯୋଗାଯୋଗ କରିପାରିନଥିବା 'ଠାର' (ମୂକ ବଧିର ଭାଷା) ରେ ପ୍ରକାଶ କରିଛି। ପିଲାଟି ନିକଟରୁ କେବଳ ଗୋଟିଏ ଚାଦର ଓ ଗାମୁଛା ବ୍ୟତୀତ ଅନ୍ୟ ନିତ୍ୟ ବ୍ୟବହାର ଜିନିଷ ମଧ ମିଳିନଥିଲା। ଏଣୁ ଚାଇଲ୍ଡ ଲାଇନ ତାର ଆଧାର କାର୍ଡ ବାହାରକରି ପୋଲିସ ସହାୟତାରେ ଘରକୁ ପଠାଇବା ବ୍ୟବସ୍ଥା କରିବ ବୋଲି ସୂଚନା ଦେଇଛନ୍ତି। ପ୍ରମାଣପତ୍ରରେ ତାର ଅବିଭାବକ ବୃଦ୍ଧାବସ୍ଥା ତଥା ଘର ପୋଡିଯାଇଥିବା ଏସ୍‌ଟି ପାଉଲ ସେକେଣ୍ଡାରୀ ସ୍କୁଲର ଅଧକ୍ଷ ଲିଖିତ ପ୍ରମାଣ ଦେଇଛନ୍ତି। ବର୍ତ୍ତମାନ ଅପେକ୍ଷା ରହିଲା ପିଲାଟି କିପରି ତା ଘରକୁ ସୁରକ୍ଷିତ ଫେରିବ।

## ପୌରପରିଷଦ କାଉନସିଲ ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ପୌରପରିଷଦର ବୈଠକ ଗୃହରେ ଅଧକ୍ଷା ନିର୍ମଳା ସେଠୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାନ୍ୟବର ପାରଳା ବିଧାୟକ ଶ୍ରୀ ଇଂ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ବୈଠକରେ ଆର୍ଥିକ ବର୍ଷ ୨୦୨୪-୨୫ ସକାଶେ ଉନ୍ନତି ମୂଳକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ସମ୍ବନ୍ଧେ ଏବଂ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ପ୍ରସ୍ତୁତ କରାଯାଇଥିବା ବଜେଟ ଉପସ୍ଥାପନା ଓ ମଞ୍ଜୁରୀ ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଧାୟକ ସମେତ ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ, ଉପାଦକ୍ଷ ଲେଙ୍କା ମଧୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟନାୟକ, ବିଜୁ ଜନତା ଦଳର ସମସ୍ତ କାଉସିଲର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାଯ୍ୟାକ୍ରମକୁ ହର ଡି, ଯୁଧିଷ୍ଠିର ପରିଚାଳନା କରିଥିଲେ।

## ଚୋରି ଅଭିଯୋଗରେ ଗିରଫ ଘଟଣା : ଅଭିଯୋଗ ଖଣ୍ଡନ କରୁଛନ୍ତି ପରିବାର

ଫୁଲବାଣୀ, (ଭାସ୍କର ନ୍ୟୁଜ୍ ) : ଚୋରୀ କରି ନେଇଥିବା ନଗଦ ଟଙ୍କା ସହ ଚୋରକୁ ଫୁଲବାଣୀ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ କଲେଜ ରୋଡରେ ଥିବା ଇ ଲାଇବ୍ରେରୀ ସମ୍ମୁଖର ଚା ଦୋକାନି ଗଣେଶ ସାହୁ (୨୦ବର୍ଷ) । ଗଣେଶ ଗତ ୧୭ ତାରିଖ ଦିନ ବିଳମ୍ବିତ ରାତିରେ ଲାଇବ୍ରେରୀରେ କାର୍ଯ୍ୟରତ ସହକାରୀ ଲାଇବ୍ରେରୀଆନ ପ୍ରଭାତ ଦାସଙ୍କ ଘରେ ପଶି ପ୍ରଭାତଙ୍କ ଡ୍ରେସ ସହ ଏକ ବ୍ୟାଗ ଚୋରି କରି ଘର ପାଚେରୀ ଡେଇଁ ଚମ୍ପଟ ମାରିଥିଲା । ଏନେଇ ସହକାରୀ ଲାଇବ୍ରେରୀଆନ ପ୍ରଭାତ କୁମାର ଦାଶ ଟାଉନ ଥାନାରେ ଏତଲା ଦେଇଥିଲେ । ଟାଉନ ପୋଲିସ ଏ ନେଇ ସୋମବାର ଚଢ଼ାଉ କରି ସାତ ହଜାର ଟଙ୍କା ସହ ଗଣେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପି. ସ୍ୱରୂପ କିଶାନ ସୂଚନା ଦେଇଛନ୍ତି । ଅନ୍ୟ ପଟେ ଯାହା ପରିବାର ଲୋକେ କହୁଛନ୍ତି ଯେ ଥାନା ଅଧିକାରୀ କୌଣସି ଟଙ୍କା ଗଣେଶ ସାହୁଙ୍କ ପାଖରୁ ସିଜ୍ କରି ନାହାଁନ୍ତି। ପୋଲିସ କହିଲା ଗଣେଶଙ୍କ ବାପାଙ୍କୁ ତମେ ସାତ ହଜାର ଆଣି କି ଆସ୍ ତୁମ ପୁଅକୁ ଛଡାଯିବ । ଯାହାକି ସେଠାରେ ଉପସ୍ଥିତ ଅନ୍ୟ ମାନେ ମଧ୍ୟ ଶୁଣିଛନ୍ତି। ଏହା ଜାଣି ତାଙ୍କ ଗଣେଶର ବାପା ଏଟିଏମ୍‌ରୁ ୭ ହଜାର ଉଠାଇ ପୋଲିସକୁ ଦେଇଥିଲେ। ଥାନା ବାବୁ ଗଣେଶର ବାପାଙ୍କୁ ତାଙ୍କ ପୁଅ ଅର୍ଥାତ୍ ଗଣେଶକୁ ଦେବା ପାଇଁ କହିଥିଲେ। ପରେ ଗଣେଶ ପାଖରୁ ସେଇ ସାତ ହଜାର ଟଙ୍କା ଉଦ୍ଧାର କରିଥିଲେ ବୋଲି କହି କୋର୍ଟ ଚାଲାଣ କରିଥିବା ପରିବାର ପକ୍ଷରୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ବଡ ବଡ ଚୋରି ଧରା ପଡୁନାହିଁ ଯଥା ଫୁଲବାଣୀରେ ଗଞ୍ଜେଇ କେସ, ଓ୍ୱାରେଣ୍ଟ କେସ, ଜଗନ୍ନାଥ ମନ୍ଦିର ଚୋରି କେସ୍ ଇତ୍ୟାଦି। କିନ୍ତୁ ପୋଲିସ ନା ନେବା ପାଇଁ ନୀରିହ ଲୋକଙ୍କୁ ଫସାଉଛି ବୋଲି କହିଛନ୍ତି ପରିବାର ଲୋକେ। ଏହା ସହିତ ଟାଉନ ଥାନାରେ କର୍ମଚାରୀ, ଅଧିକାରୀ ମାନେ ଦୀର୍ଘ ବର୍ଷ ରହି ନିଜକୁ ସୁହାଇଲା ପରି କାର୍ଯ୍ୟ କରୁଥିବାର ଚର୍ଚ୍ଚା ହେଉଛି। କନ୍ଧମାଳ ଏସ୍‌ପି ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଟଙ୍କା ଏଟିଏମରୁ ଉଠାଇବା ଠାରୁ ଆରମ୍ଭ କରି ଥାନାକୁ ଯିବା ଓ ପୋଲିସକୁ ଦେବା ପର୍ଯ୍ୟନ୍ତ ସମସ୍ତ ଫୁଟେଜ ଦେଖିଲେ ପ୍ରକୃତ ରହସ୍ୟ ଜଣାପଡିବ।

## ଗୋବିନ୍ଦପାଲ୍ଲୀରେ ଚକ୍ଷୁ ପରୀକ୍ଷା ଶିବିର




ଖଇରପୁଟ, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର୍ ନେତ୍ର ଅର୍ଗାନାଇଜେସନ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୭୦ ଜଣ ରୋଗୀ ଆଖି ପରୀକ୍ଷା କରିଥିଲେ। ଏହି ଶିବିରରେ ଆଖି ପରୀକ୍ଷା ସମ୍ପୂର୍ଣ୍ଣ ମାଗଣା ଥିବା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଏବଂ ଯେଉଁ ବ୍ୟକ୍ତିଙ୍କୁ ୧୬ ବର୍ଷରୁ ଅଧିକ ବୟସ ହୋଇଛି ସେମାନଙ୍କୁ ୨୫୦ ଟଙ୍କାରୁ ୩୦୦ ଟଙ୍କା ନେଇ ଚଷମା ପ୍ରଦାନ କରାଯାଇଥିଲା। ସଂସ୍ଥା ତରଫରୁ ପ୍ରାୟ ୩୦ ଜଣ ରୋଗୀଙ୍କୁ ମାଗଣାରେ ମୋତିଆବିନ୍ଦୁ ଅପରେସନ ପାଇଁ ରେଜିଷ୍ଟ୍ରେସନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେୟାର୍ ନେତ୍ର ଅର୍ଗାନାଇଜେସନର ଟିମ ଲିଡର ଶାନ୍ତିଲତା ନାୟକ ଏବଂ ଗୁଡ୍ ଭିଜନ୍ ଟେକନିସିଆନ ଲିଜା ରାଣୀ ପରିଡ଼ା ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରୁଥିବା ବେଳେ ସରପଞ୍ଚ ଶ୍ରୀନିବାସ ମୁଦୁଲି ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଳକୃଷ୍ଣ ଦେହୁରୀ ଉପସ୍ଥିତ ଥିଲେ।

## ବରଗଡ଼ ପୌର ପରିଷଦକୁ ଜିଲ୍ଲା ପ୍ରଶାସନର ଅଣଦେଖା ଅଭିଯୋଗ

ବରଗଡ଼, (ଭାସ୍କର ନ୍ୟୁଜ୍ ) : ପୌର ପରିଷଦ ବୈଠକରେ ସହଯୋଗ କରୁନାହିଁ ଜିଲ୍ଲା ପ୍ରଶାସନ । ଏନେଇ ବରଗଡ଼ର ବିଭିନ୍ନ ୱାର୍ଡ଼ରୁ ଆସିଥିବା କାଉନ୍‌ସିଲର୍‌ମାନେ ଅଭିଯୋଗ କରିଛନ୍ତି । ପୌର ପରିଷଦର କନ୍‌ଫରେନ୍ସ ହଲ୍ ଠାରେ ଅନୁଷ୍ଠିତ ହୋଇଥିବା ବୈଠକରେ ସମସ୍ତ ୱାର୍ଡ଼ର କାଉନ୍‌ସିଲର୍ ଉପସ୍ଥିତ ରହିଥିବା ବେଳେ ପ୍ରଶାସନିକ ଅଧିକାରୀ ଅନୁପସ୍ଥିତ ଥିଲେ। ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ, ଉପାଧକ୍ଷ ରାଜେଶ ଅଗ୍ରୱାଲ, କାଉନ୍‌ସିଲର୍ ପ୍ରିୟା ତାଣ୍ଡି, ବେଦମତୀ ସେଠ, ରେବତୀ ନାୟକ, ରାଜକୁମାର ଦାଶ, ରୋଶନ ପ୍ରଧାନ, ଜନକ କୁମାର ଅଗ୍ରୱାଲ, ମନୋଜ କୁମାର ସିଂ, ଉମାଚରଣ ରାଉତ, ସୁନନ୍ଦ ପଣ୍ଡା, ସରଳା ବର୍ଗର୍ତ୍ତି, କବିତା ବେହେରା, ନୀତୁ ମାହାଣା, ଅନବର ଚନ୍ଦ୍ର ବାରିକ, ଜ୍ୟୋସ୍ନା ପାଇକ, ଦୀପାଞ୍ଜଳୀ ବାଗ, ଖିତେଶ୍ୱର କୁମ୍ଭାର, ପ୍ରଭାସିନୀ ମୁଣ୍ଡା, ସମସ୍ତ କାଉନ୍‌ସିଲର୍ ଉପସ୍ଥିତ ରହି ନିନ୍ଦା ପ୍ରକାଶ କରିବା ସହ ବୈଠକରେ ପ୍ରଶାସନ ଅସହଯୋଗ କରୁଥିବା ଅଭିଯୋଗ କରିଛନ୍ତି। କାହା ଚାପରେ ପ୍ରଶାସନିକ ଅଧିକାରୀ ବୈଠକରେ ଅନୁପସ୍ଥିତ ରହିଛନ୍ତି, ତାହା ତଦନ୍ତ ସାପେକ୍ଷ । ଗତ ୧୭ ତାରିଖ ପତ୍ର ସଂଖ୍ୟା ୩୬୨ରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସରକାରୀ ନିର୍ବାହୀ ଯନ୍ତ୍ରୀ (ପି.ଏଚ୍.ଡି.), ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ, ପି.ଡବ୍ଲୁ.ଡି. ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଯୋଗାଣ ଅଧିକାରୀ, ସ.ଡି.ପି.ଓ ବରଗଡ଼, ତହସିଲଦାର ବରଗଡ଼, ଜିଲ୍ଲା ଶିକ୍ଷା ଅଧିକାରୀ, ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ଟାଉନ୍ ଥାନା, ଟ୍ରାଫିକ୍ ପୋଲିସ, ଲିଡ୍ ବ୍ୟାଙ୍କ୍ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପଶୁ ଚିକିତ୍ସାଧିକାରୀଙ୍କୁ ପତ୍ର ମାଧ୍ୟମରେ ପୌର ପରିଷଦ ପକ୍ଷରୁ ଅବଗତ କରାଯାଇଥିଲା, ହେଲେ ବୈଠକରେ ଅନୁପସ୍ଥିତ ରହିଥିବାରୁ ଏହା ଉପରେ କାହାର ଚାପ ରହିଥିବା ପ୍ରତିକ୍ରିୟା ରଖିଛନ୍ତି ପୌର ପରିଷଦ ଅଧକ୍ଷା କଳ୍ପନା ମାଝୀ । ଆଗାମୀ ଦିନରେ ବରଗଡ଼ର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହେବାର ଥିଲା, ହେଲେ ସବୁ ବନ୍ଦ ହୋଇଗଲା । ଦିନ ୧୨ଟା ସୁଦ୍ଧା ସବୁ କାଉନ୍‌ସିଲର୍ ଅପେକ୍ଷା କରିବା ପରେ ସଭା ଗୃହ ବର୍ଜନ କରିଥିଲେ ।

## ଜେଏନଭି-୨ ବିଦ୍ୟାଳୟରେ ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ




ବାଲିମେଳା, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ଜବାହର-୨ ନବୋଦୟ ବିଦ୍ୟାଳୟରେ ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ପ୍ରଦୀପ କୁମାର ନାୟକ ଏବଂ ମାଲକାନଗିରି ବିଏସ୍‌ଏଫ ଡେପୁଟି କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚାର୍ଲସ ଡାରଉଇନ ମହାବିଦ୍ୟାଳୟ ପ୍ରିନ୍ସିପାଲ ଅଶୋକ କୁମାର ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସଙ୍ଗୀତ ମାଧ୍ୟମରେ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଉପସ୍ଥିତ ଅତିଥିମାନେ ଠାକୁରଙ୍କ ନିକଟରେ ଦ୍ୱୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟ ପ୍ରିନ୍ସିପାଲ ବି.ଡି ପ୍ରସାଦ କାର୍ଯ୍ୟକ୍ରମ ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ତେବେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅବିକଳ ପାର୍ଲାମେଣ୍ଟ ବସାଇ ସଂସଦରେ ମନ୍ତ୍ରୀ, ଶାସକ ଦଳ ଏବଂ ବିରୋଧୀ ଦଳ ମାନଙ୍କ ମଧ୍ୟରେ ନିଜ ନିଜ ଅଞ୍ଚଳର ବିଭିନ୍ନ ଦାବି ଗୁଡିକ ନେଇ କିପରି ସବୁ ତର୍କ ବିତର୍କ ତଥା ଆଲୋଚନା ହୋଇଥାଏ ତାହା ଛାତ୍ରଛାତ୍ରୀ ମାନେ ପରିବେଷଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ କବିରାଜ ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଅବିକଳ ସଂସଦର ଆଲୋଚନା ସିଧା ପ୍ରସାରଣ ଦେଖିଥିଲେ। ଏହି କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଅବସର ପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କ ପରଲୋକ



କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁର ବ୍ଲକ ଅନ୍ତର୍ଗତ ବାଲିସାହି (ହରିଦାସପୁର) ଗ୍ରାମର ସମାଜସେବୀ ଶରତ ଚନ୍ଦ୍ର ନାୟକ (୭୬)ଙ୍କର ରବିବାର ଦିନ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ବରିଷ୍ଠ ଅଧିକାରୀ ଭାବେ ସତ୍ୟ ନିଷ୍ଠାପର ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ଜଣେ ପରୋପକାରୀ, ମିଷ୍ଟ ଭାସୀ, ଧାର୍ମିକ ବ୍ୟକ୍ତି ଭାବେ ସାରା ଅଞ୍ଚଳରେ ପରିଚିତ ଥିଲେ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ତାଙ୍କ ବିୟୋଗରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ସମୟରେ ନିକଟରେ ଝିଅ ମାମା, ଜ୍ୱାଇଁ ସନ୍ତୋଷ, ପୁତୁରା ବୁଲୁ, ପାକୁନା, ମୁନା, ଭଣଜା ବିଗୁଲା, କାବୁଲା, ବାବୁ, ଟୁଲୁ, ବାଙ୍ଗୁଲି, ପରିବାର, ବନ୍ଧୁବର୍ଗ, ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଦାହ କରାଯାଇଥିଲା।

## ନିମ୍ନମାନର କାମକୁ ନେଇ ଅସନ୍ତୋଷ ଜନସାଧାରଣ

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍ ) : ପଟ୍ଟାମୁଣ୍ଡାଇ ପୌରପାଳିକା କୋଡ଼ିଏଟି ୱାର୍ଡକୁ ନେଇ ଗଠିତ। ଏବେ ସବୁ ୱାର୍ଡରେ ଟେଣ୍ଡର ହୋଇ କାମ ଚାଲିଛି। କିନ୍ତୁ ଦୁଃଖର କଥା ଠିକାଦାର ମନ ଇଚ୍ଛା ନିମ୍ନମାନର କାମ କରିଚାଲିଛନ୍ତି। କିନ୍ତୁ ପୌରପାଳିକାର କୌଣସି କର୍ମଚାରୀ ସେଇ କାମ ପାଖରେ ଉପସ୍ଥିତ ହେଉ ନାହାନ୍ତି ଯାହାକି ତାହାର ଫାଇଦା ଠିକାଦାର ନେଇ ନିମ୍ନମାନର କାମ କରିଚାଲିଛନ୍ତି। ପଟ୍ଟାମୁଣ୍ଡାଇ ପୌରପାଳିକା ଜନସାଧାରଣ ଯଦି ଜେଇ, ଏସଡିଓ ଓ ନିର୍ବାହୀ ଅଧିକାରୀଙ୍କୁ ଠିକାଦାର ବିଷୟରେ ଜଣାଉଛନ୍ତି ଅଫିସର ନ ଜାଣିଲା ପରି ଚୁପ୍ ରହିବା ଦ୍ୱାରା ସବୁ ୱାର୍ଡରେ ଠିକାଦାରଙ୍କ ମନମୁଖୀ କାମ ଚାଲିଛି। ନିମ୍ନମାନର କାମ ଦ୍ୱାରା ସେମାନେ ଲକ୍ଷ ଲକ୍ଷ ଟଙ୍କା ଲାଭ ପାଇବା ସହିତ ଅଫିସର ଓ କର୍ମଚାରୀ ଲାଲେ ଲାଲ୍ ହେଉଛନ୍ତି । ପଟ୍ଟାମୁଣ୍ଡାଇ ପୌରପରିଷଦ ଆବାସ ଯୋଜନାରେ ହୋଇଥିବା ଦୁର୍ନିତୀକୁ ଘଣ୍ଟ ଘୋଡାଇବା ପାଇଁ ସୂଚନା ଅଧିକାର ଆଇନରେ ସଠିକ୍ ତଥ୍ୟ ଦେଉନାହାଁନ୍ତି କର୍ତ୍ତୃପକ୍ଷ । ବହୁ ଲୋକଙ୍କୁ ଆବାସ ଯୋଜନା



ଦିଆଯାଇଛି। ଯେଉଁମାନଙ୍କର ଚଳିବା ସ୍ୱଚ୍ଛଳ ସେମାନଙ୍କର ଦୁଇ ତାଲା ଘର ଅଛି ସେମାନଙ୍କୁ ପଟ୍ଟାମୁଣ୍ଡାଇ ପୌରପାଳିକା ଟଙ୍କା ନେଇ ସେମାନଙ୍କ ନାଁରେ ଗୋଟେ ନୁହଁ ଦୁଇ ଦୁଇ ଟା ଆବାସ ଯୋଜନା ଦିଆଯାଇଥିବା ଅଭିଯୋଗ ହେଉଛି। କିଛି ଗରିବ ଲୋକ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ଘର ପାଇପାରୁ ନାହାଁନ୍ତି । ସେମାନଙ୍କୁ ଆଜି ଆସ କାଲି ଆସ କହି ଫେରାଇ ଦେଉଛନ୍ତି। ଅଫିସର କର୍ମଚାରୀ କହୁଛନ୍ତି ତୁମେ ଯଦି ଲାଞ୍ଚ ଦେଇ ନ ପାରିବ ତୁମେ ଆବାସ ଯୋଜନା ପାଇବ ନାହିଁ। ଆବାସ ନ ପାଇ ବହୁ ଦୁଃଖରେ ଭଙ୍ଗା ଘରେ ରହୁଛନ୍ତି। ସରକାର ଆବାସ ଦେଲେ କଣ ହବ ପ୍ରକୃତ ହିତାଧିକାରୀ ଆବାସ ନ ପାଇ ଚୁପ୍ ବସି ଥିଲାବେଳେ ଧନୀ ଶ୍ରେଣୀର ଲୋକ ଆବାସ ଯୋଜନା ପାଇ ଥିବାରୁ ପଟ୍ଟାମୁଣ୍ଡାଇ ପୌରପାଳିକା ଜନସାଧାରଣଙ୍କ ମନ୍‌ରେ ଅସନ୍ତୋଷ ଦେଖାଦେଇଛି । ପଟ୍ଟାମୁଣ୍ଡାଇରୁ ଟ୍ରାଫିକ ସମସ୍ୟା ହଟାଇବା ପାଇଁ ପଟ୍ଟାମୁଣ୍ଡାଇ ପୌରପାଳିକା ତରଫରୁ ଦେଢ଼ ଶହରୁ ଉର୍ଦ୍ଧ୍ୱ କ୍ୟାବିନ ତିଆରି କରି ଲୋକ ମାନଙ୍କୁ ଦୋକାନ ଘର ଯୋଗାଇ ଦିଆଯାଇଥିଲା। କିନ୍ତୁ ଅତି ଚତୁରତାର ସହିତ ପ୍ରକୃତ୍ ହିତାଧିକାରୀଙ୍କୁ ଦୋକାନ ଗୃହ ନ ଦେଇ କିଛି ନେତା, ଦଳୀୟ କର୍ମୀ ଓ ପୌରପାଳିକାର କର୍ମଚାରୀ ନିଜ ବନ୍ଧୁ ଓ ବାନ୍ଧବଙ୍କ ନାଁରେ କରି ନେଇଛନ୍ତି। ଆଉ କିଛି ପ୍ରକୃତ ହିତାଧିକାରୀ ଦୋକାନ ଘର ପାଇବା ପାଇଁ ଅଫିସ ଦୌଡ଼ି ଦୌଡ଼ି ମୋଟାଙ୍କର ଲାଞ୍ଚ ଦେଇ ଦୋକାନ ଘର ପାଇଛନ୍ତି। ଏହାକୁ ଦେଖି ପଟ୍ଟାମୁଣ୍ଡାଇବାସୀଙ୍କ ମନରେ ଗୋଟେ ପ୍ରଶ୍ନ ଉଙ୍କି ମାରିଚି ପଟ୍ଟାମୁଣ୍ଡାଇ ପୌରପାଳିକାରେ ବେକାର ଯୁବକ ଓ ଯୁବତୀ ଥିବାବେଳେ କେମିତି ପଟ୍ଟାମୁଣ୍ଡାଇ ପୌରପାଳିକାର ବଡ଼ବଡ଼ିଆ ଦୋକାନ ଘର ପାଇଛନ୍ତି ? ରାଜ୍ୟ ସରକାରଙ୍କୁ ନିବେଦନ ପଟ୍ଟାମୁଣ୍ଡାଇ ପୌରପାଳିକାରେ ଭିଜିଲାନ୍ସ ତଦନ୍ତ ହେଲେ ଦୋକାନ ଗୃହ ଯୋଜନାରେ କେତେ ଦୁର୍ନୀତ ହୋଇଛି ତାହା ପଦାକୁ ଆସି ପାରନ୍ତା। ଦୁଇ ତିନି ବର୍ଷ ତଳେ ନିର୍ମିତ ହୋଇଥିବା ପ୍ରେକ୍ଷାଳୟ ତଳେ ଥିବା ଦୋକାନକୁ ସେତେବେଳେ ଥିବା ନେତା ଓ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ଅତି ଚତୁରତାର ସହିତ କିଛି ମୁଷ୍ଟିମେୟ ଲୋକ ମୋଟାଙ୍କର ଲାଞ୍ଚ ଦେଇ ନିଜ ନାମରେ ଦୋକାନ ଗୃହକୁ କରାଇ ନେଇଛନ୍ତି। କିନ୍ତୁ ସେମାନେ ଦୋକାନ ନ କରି ତାଲା ପକାଇ ଥିବାବେଳେ ସେଇ ଗୃହ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଯାହାର ଦୋକାନ ଗୃହ ଦରକାର୍ ଯିଏ ବେକାର ଅଛନ୍ତି ସେମାନେ ଲାଞ୍ଚ ଦେଲେନି ବୋଲି ସେମାନଙ୍କୁ ଦୋକାନ ଘର ଦିଆଗଲା ନାହିଁ। ନେତାଙ୍କ ପାଖ ଲୋକଙ୍କ କବ୍‌ଜାରେ ଦୋକାନ ଗୃହ। ପଟ୍ଟାମୁଣ୍ଡାଇରେ ଯେଉଁ ଦୋକାନ ଗୃହ ତିଆରି କରାଯାଇଛି ସେହି ଗୃହ ଅତି ନିମ୍ନମାନର କାମ ହୋଇଥିବାରୁ ତାହା ଭାଙ୍ଗି ଯିବାକୁ ବସିଲାଣି। ପ୍ରକୃତ ହିତାଧିକାରୀ ପୌରପାଳିକାର ଦୋକାନ ଗୃହ ପାଇନାହାଁନ୍ତି। ଏହି ଦୋକାନ ଗୃହ ନିର୍ମାଣ ହେବା ପାଇଁ କୋଟି କୋଟି ଟଙ୍କାର ଟେଣ୍ଡର ହୋଇଥିବା ବେଳେ ଠିକାଦାର ଗୃହ ନିର୍ମାଣ ବେଳେ ନେତା, ଜେଇ ଓ ଅଧିକାରୀଙ୍କୁ ହାତ କରି ମୋଟାଙ୍କର ଟଙ୍କା ଦେଇ ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଯେଉଁ ନିମ୍ନମାନର କାମ ପାଇଁ କିଛି ଦୋକାନ ଗୃହ ଏବେ ନଷ୍ଟ ହେବାକୁ ବସିଛି ଆଉ କିଛି ଦୋକାନ ଗୃହକୁ ନିଜେ ଦୋକାନୀ ହାତରୁ ଟଙ୍କା ଖର୍ଚ୍ଚ କରି ଗୃହକୁ ସଜାଡିବାକୁ ଲାଗିଛନ୍ତି। ଦୋକାନ ଗୃହ ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ପରେ ଦୋକାନ ଗୃହ ବଣ୍ଟନରେ ପ୍ରକୃତ ହିତାଧିକାରୀଙ୍କୁ ନ ଦେଇ ପ୍ରତି ଦୋକାନ ଗୃହ ପିଛା ଦୋକାନୀଙ୍କଠୁ କୋଡ଼ିଏରୁ ପଚିଶି ହଜାର ଟଙ୍କା ଲାଞ୍ଚ ନେଉଥିବା ଖବର ଶୁଣିବାକୁ ମିଳିଛି। ଦୋକାନୀ ମାନେ ଡରରେ କିଛି ନ କହି ଚୁପ୍ ରହୁଛନ୍ତି।

## ତାଜ ଉର୍ଦ୍ଦୁ କ୍ଲଷ୍ଟରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତମେଳା




ଖଡ଼ିଆଳ, ( ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିନସ୍ତ ଖଡ଼ିଆଳ ସ୍ଥିତ ତାଜ ଉର୍ଦ୍ଦୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ସକାଳ ୧୦ ଘଣ୍ଟା ସମୟରେ ଏକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ମେଳା ତାଜ ଉର୍ଦ୍ଦୁ କ୍ଲଷ୍ଟର ସିଆର୍‌ସିସି ରଜନୀକାନ୍ତ ଯୋଶୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଁହୁ ଚରଣ ନାଏକ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା, ଜୟଦେବ ପଣ୍ଡା, ପରେଶ କୁମାର ପଣ୍ଡା, ଯୋଗ ଦେଇଥିଲେ। ଏହି ଶିକ୍ଷଣ ସାମଗ୍ରୀ ମେଳାରେ ବିଭିନ୍ନ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଓ ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅତି ମନୋରମ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ଓ ପ୍ରଦର୍ଶନ କରିଥିଲେ। ଏହି ମେଳାଟି ସବୁ ଦିଗରୁ ଉଚ୍ଚ କୋଟିର ହୋଇପାରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ବେହେରା, ସିଆରସିସି ଲାଞ୍ଜି, ଅରୁଣ କୁମାର ନାଗ ସିଆର୍‌ସିସି ମାଣିକ୍ୟ ଦେବୀ, ଆର୍‌ପି ହେମନ୍ତ କୁମାର ମେହେର ଓ ଯଶୋବନ୍ତ ପଣ୍ଡା ବିଭିନ୍ନ ଟିଏଲ୍‌ମ ପ୍ରସ୍ତୁତି ଉପରେ ଡେମୋ ଦେଖାଇଥିଲେ।ଏହି ମେଳାର ଅନୁଷ୍ଠିତ ସଭାକୁ ସୁମିତା ବିଶ୍ୱାଳ ପରିଚାଳନା କରିଥିବା ବେଳେ ସସ୍ମିତା ରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲ୍ଲାରେ ମାଓବାଦୀ ଲୁଚାଇ ରଖିଥିବା ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ଦ୍ୱାରା ଜବତ ହୋଇଛି। ସାମଗ୍ରୀଗୁଡ଼ିକ ମଧ୍ୟରେ ଦୁଇଟି ଦେଶୀ ବନ୍ଧୁକ, ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର, ଅଫୁଟା ଗୁଳି, ଔଷଧ ଖୋଳ, ୫ ଇଞ୍ଜେକ୍ସନ୍, ବିସ୍ଫୋରକ ପାଉଡର, ମାଓବାଦୀ ପୁସ୍ତିକା, ଡାଏରି, ପୋଷାକ ଓ ଶାଢି ଇତ୍ୟାଦି ଜବତ କରାଯାଇଛି। ସୂଚନା ଅନୁଯାୟୀ ଜିଲ୍ଲା ପୋଲିସ ଓ ୨୦୩ କୋବ୍ରା, ୧୩୧ ସିଆରପିଏଫ୍ ବାହିନୀ ଚିନ୍ତାଗୁଫା ଜଙ୍ଗଲରେ ସର୍ଚ୍ଚ କରୁଥିଲେ। ପିନାଚନ୍ଦା, ମୁଣ୍ଡରାଜଗୁଡେମ୍, ଚିନ୍ତାବାଗୁ ଜଙ୍ଗଲ ଅଞ୍ଚଳରେ ସର୍ଚ୍ଚ ସମୟରେ ନଦୀ ଓ ଗୁଣ୍ଡରାଜଗୁଡେମ ଗ୍ରାମଠାରୁ ଦେଢ କି.ମି. ଦୂରରେ ଚିନ୍ତାବାଗୁ ନଦୀ ତଟରେ ଥିବା ଜଙ୍ଗଲ ଅଞ୍ଚଳରେ ଲୁଚାଇ ରଖାଯାଇଥିବା ବିସ୍ଫୋରକ ଓ ହତିଆର ଜବତ କରାଯାଇଛି।



ବ୍ୟାସନଗର (ଭାସ୍କର ନ୍ୟୁଜ): ବ୍ୟାସନଗରରୁ ପ୍ରକାଶ ପାଉଥିବା ସମ୍ବାଦପତ୍ର 'କଳିଙ୍ଗନଗର ବୁଲେଟିନ'ର ତ୍ରୟୋଦଶତମ ସ୍ୱନକ୍ଷତ୍ର ଉତ୍ସବ ଏଠାକାର ସେଲିବ୍ରେସନ ମଣ୍ଡପ ଠାରେ ସଂପାଦକ ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା କୋରେଇ ବିଧାୟକ ଆକାଶ ଦାସନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବିଧାୟକ ଶ୍ରୀ ଦାସନାୟକ ନିଜ ବକ୍ତବ୍ୟରେ ଖବର କାଗଜ ପ୍ରକାଶନ କରିବା ସହଜ କଥା ହୋଇପାରିଥାଏ, କିନ୍ତୁ ତାକୁ ବଂଚାଇ ରଖିବା କାଠିକର ବ୍ୟାପାର ହୋଇଥାଏ ବୋଲି କହିଥିଲେ । ଖବର କାଗଜ ବାହାର କରିବା ବାଘ ଉପରେ ସବାରି ଭଳି ବୋଲି କଥାଛଳରେ କହିଇବା ସହ 'କଳିଙ୍ଗନଗର ବୁଲେଟନ' ନିୟମିତ ପ୍ରକାଶ ପାଉଥିବାରୁ ଖୁସି ବ୍ୟକ୍ତ କରି ସଂପାଦକଙ୍କ ନିଷ୍ଠାକୁ ପ୍ରସଂଶା କରିଥିଲେ । ବିଧାୟକ ଶ୍ରୀ ଦାସନାୟକ କହିଥିଲେ କି ନିଜ ଲେଖନୀ ମାଧ୍ୟମରେ ସମସ୍ତଙ୍କ ଉତ୍ତରଦାୟିତ୍ୱକୁ ମନେ ପକାଉଥିବା ସାମ୍ବାଦିକଙ୍କ ନିଜର ଉତ୍ତରଦାୟିତ୍ୱ କ'ଣ ମନେ ରଖ୍ ।ବା ଦରକାର । ମୁଖ୍ୟବକ୍ତା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର ବିଭିନ୍ନ ଅଂଚଳରୁ ପ୍ରକାଶ ପାଉଥିବା ଖବର କାଗଜ ପ୍ରତି ସରକାର ଯତ୍ନବାନ ହେବା ଦରକାର । ସୁବିଧା, ସୁଯୋଗ ଏବଂ ପ୍ରୋତ୍ସାହନ ମିଳିଲେ ଗ୍ରାମାଂଚଳ ଏବଂ ସହରାଂଚଳରୁ ପ୍ରକାଶ ପାଉଥିବା ଖବର ତିଷ୍ଟି ରହିପାରିବ । ସମ୍ମାନିତ ଅତିଥି କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ଜିଲା କ୍ରିଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ନକରାତ୍ମକ ନୁହେଁ ସକରାତ୍ମକ ଲେଖା ପ୍ରକାଶିତ ହେଲେ ଅଂଚଳ ବିକାଶରେ ତାହା ମାଧ୍ୟମ ପାଲଟିଥାଏ ।

## ରାଜ୍ୟ ବିଜେପି ପ୍ରଭାରୀଙ୍କ ସୂଚନା

# ମାର୍ଚ୍ଚ ୩୧ ପୂର୍ବରୁ ସଭାପତିଙ୍କ ନାମ ଘୋଷଣା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆସନ୍ତା ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ରାଜ୍ୟ ବିଜେପି ସଭାପତିଙ୍କ ନାମ ଘୋଷଣା କରାଯିବ। ଏ ନେଇ ମଙ୍ଗଳବାର ସୂଚନା ଦେଇଛନ୍ତି ବିଜେପିର ଓଡ଼ିଶା ପ୍ରଭାରୀ ବିଜୟପାଲ ସିଂ ତୋମାର। ରାଜ୍ୟ ସଭାପତି ଚୟନ ବିଳମ୍ବ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ତୋମାର କହିଥିଲେ, ବିଜେପି ସଭାପତି କାହାକୁ କରାଯିବ ସେ ନେଇ ଏପର୍ଯ୍ୟନ୍ତ ଦିଲ୍ଲୀରୁ କୌଣସି ନିର୍ଦ୍ଦେଶ ଆସିନାହିଁ । ବିଜେପିର ଜାତୀୟ ନେତୃତ୍ୱ ଖୁବ୍‌ଶୀଘ୍ର ଏ ନେଇ ନିଷ୍ପତ୍ତି ନେବେ ବୋଲି ସେ ସୂଚନା ଦେଇଥିଲେ। ମାର୍ଚ୍ଚ ୧୫ ପୂର୍ବରୁ ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ କେନ୍ଦ୍ର ଏବଂ



ଓଡ଼ିଶା ଦାୟିତ୍ୱରେ ଥିବା ସଞ୍ଜୟ ଜୟସ୍ୱାଲଙ୍କ ସହ ଆଲୋଚନା ମଧ୍ୟ କରାଯିବ ବୋଲି ଶ୍ରୀ ତୋମାର କହିଥିଲେ। ଏହାଛଡ଼ା ବିଭିନ୍ନ ବୋର୍ଡ ଏବଂ ନିଗମର ଅଧ୍ୟକ୍ଷ ନିଯୁକ୍ତି ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଶ୍ରୀ ତୋମାର କହିଥିଲେ। ଖୁବ୍‌ଶୀଘ୍ର ଏ ନେଇ ନାମ ଘୋଷଣା କରାଯିବ ବୋଲି ମଧ୍ୟ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ ଯେ ରାଜ୍ୟ ବିଜେପି ସଭାପତି ଦାୟିତ୍ୱରେ ବର୍ତ୍ତମାନ ମନମୋହନ ସାମଲ ରହିଥିବାବେଳେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ତେଣୁ ଏହି ପଦବୀରେ ସେ ପୁଣିଥରେ ଅଧିଷ୍ଠିତ ହେବେ ନା ନୂଆ ମୁହଁଙ୍କୁ ଦାୟିତ୍ୱରେ ରଖାଯିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ନିକଟରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମଧ୍ୟ କହିଥିଲେ ଯେ ଖୁବ୍‌ଶୀଘ୍ର ରାଜ୍ୟ ବିଜେପି ସଭାପତି ଚୟନ କରାଯାଇ ନାମ ଘୋଷଣା କରାଯିବ। ତେବେ କାହାକୁ ଏହି ପଦରେ ବସାଯିବ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

## ଗୋଟିଏ ଦିନରେ ୩ ଘରୁ ଚୋରି



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ପାରଳାଖେମୁଣ୍ଡି ସହର ଜିଲ୍ଲାର ସଦର ମହକୁମା ଅଟେ । ଜିଲ୍ଲାରେ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷ କାର୍ଯ୍ୟାଳୟ ଅଛି । ସହରରେ ଜିଲ୍ଲା ଉପ ଆରକ୍ଷୀ ଅଧ୍ୟକ୍ଷ କାର୍ଯ୍ୟାଳୟ ସହ ବାସଗୃହ, ଆଦର୍ଶ ଥାନା ଓ ଦୁଇ ଗୋଟି ପୋଲିସ ଆଉଟ୍ ପୋଷ୍ଟ ମଧ ଅଛି । ଜିଲ୍ଲାରେ ଜନ ସାଧାରଣ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ନିଜର କର୍ମକ୍ଷେତ୍ରକୁ ଗଲେ ଘରେ ତାଲା ଦେଇ ଯାଆନ୍ତି । ସୁଯୋଗ ଦେଖି ଚୋର ମାନେ କଳାକନା ବୁଲାଇ ଚାଲିଥାନ୍ତି। ଗତ ଦୁଇ ଦିନ ତଳେ ପୁରୁଣା ପାଟଣାରୋଡ଼ ସ୍ଥିତ ଘରୁ ଚୋରି ସହ ରାଜଦାଣ୍ଡ ସ୍ଥିତ ବ୍ରହ୍ମପୁର କୋ-ଅପରେଟିଭ୍ ବ୍ୟାଙ୍କରେ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା । ଆଜି ପୁଣି ଧାମରାବିହାରର ୩ୟ ଲାଇନ୍ ରେ ୩ଟି ଘରୁ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଚୋରି ଯାଇଥିବା ଖବର ମିଳିଛି । ସୂଚନା ଯୋଗ୍ୟ ଯେ ରାୟଗଡ଼ ବ୍ଲକ ସାନତୁଣ୍ଡି ପଞ୍ଚାୟତର ସରପଞ୍ଚ ସାଙ୍ଗ ମିତ୍ରତା ଶବର ଘରୁ ଚୋରି ହୋଇଛି। ସେ ପଞ୍ଚାୟତ କାର୍ଯ୍ୟ ପାଇଁ ଯାଇଥିଲେ। ସକାଳୁ ଆସି ନିଜ ଘର ପାଖକୁ ଯାଇ ଦେଖିଲା ବେଳକୁ ଘରର ଚାବି ଭଙ୍ଗା ଯାଇଛି । ସେ ପରେ ପୋଲିସକୁ ଖବର ଦେଇଥିଲେ । ଶବରଙ୍କ ଘର ପାଖରେ ଥିବା ସୁଧିର କୁମାର ଶତପଥି ଘରେ ନଥିବା ସମୟରେ ଘରୁ ଚୋରି ହୋଇଥିବା ନେଇ ତାଙ୍କ ପୁଅ ଦେବାଶିଷ ଶତପଥି ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଘରୁ ୧ ଲକ୍ଷ ଟଙ୍କା ସହ ୩ ଭରି ସୁନା ଅଳଙ୍କାର ଚୋରି ହୋଇଛି । ଶବର ଘରୁ ୩ ଗୋଟିଏ କାନ ଫୁଲ ସହ ୨୫ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ପାରଳା ଥାନାରେ କେସ୍ ନଂ ୪୫/ ୫୦ / ୨୦୨୫ ରେ ମାମଲା ରୁଜୁ କରାଯାଇଛି । ପାରଳାଖେମୁଣ୍ଡି ସହର ରେ ବାହାର ରାଜ୍ୟର ଲୋକ ମାନେ ଆସି ବ୍ୟାପାର କରିଥାନ୍ତି । ପାରଳା ସହରରେ ସାଧାରଣ ଜନତା ମାନେ କହୁଛନ୍ତି ଯେ ପୋଲିସ କରୁଛି କଣ । ପାଟ୍ରୋଲିଂ ମଧ ରାତ୍ର ସମୟରେ ହେଉନାହିଁ ।

■ ରଣ ହେଲା କାଳ ■

# ପ୍ରେମିକା ସମେତ ୬ଜଣଙ୍କୁ ହତ୍ୟାକଲା ଯୁବକ

ଥିରୁବନନ୍ତପୁରମ: କେରଳ ରାଜଧାନୀ ଥିରୁବନନ୍ତପୁରମ୍‌ରେ ଘଟିଛି ଭୟଙ୍କର ଘଟଣା। ବ୍ୟବସାୟରେ ଘାଟା ଯୋଗୁ ଋଣ ସୁଝିନପାରି ଜଣେ ୨୩ ବର୍ଷୀୟ ଯୁବକ ତା'ର ପ୍ରେମିକା ସହ ପରିବାରର ୫ଜଣଙ୍କୁ ବୀଭତ୍ସଭାବେ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛି। ଯୁବକ ଜଣକ ନିଜ ପ୍ରେମିକା ସହ ନିଜର ବୁଢୀ ମା, ନାବାଳକ ଭାଇ, ଦାଦା, ମାଉସୀଙ୍କୁ ହତ୍ୟା କରିଛି । ସୋମବାର ସନ୍ଧ୍ୟାରେ ୩ଟି ଭିନ୍ନ ଭିନ୍ନ ସ୍ଥାନରେ ଏହି ହତ୍ୟାକାଣ୍ଡ ଯୁବକଜଣକ ଘଟାଇଛି। ତେବେ ଆକ୍ରମଣରେ ଅଭିଯୁକ୍ତର ମାଆ ଗୁରୁତର ଅବସ୍ଥାରେ ଥିରୁବନନ୍ତପୁରମ୍‌ର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅଭିଯୁକ୍ତ ନିଜେ ମଧ୍ୟ ବିଷ ପିଇ ଦେଇଥିଲେ ବି ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ତାଙ୍କୁ ଚିକିତ୍ସାପାଇଁ ପୋଲିସ ହସ୍ପିଟାଲ ନେଇଥିଲା। ପରେ ସୁସ୍ଥ ହେବାରୁ ଥାନାକୁ ଘେନି ଆସିଛି। ତେବେ ପୋଲିସ ଏପର୍ଯ୍ୟନ୍ତ ହତ୍ୟାର ଉଦ୍ଦେଶ୍ୟ ଜାଣି ପାରିନଥିବାବେଳେ ଗଣହତ୍ୟାର ବିସ୍ତୃତ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଯୁବକର ପଡ଼ୋଶୀ କହିଛନ୍ତି ଯେ ଯୁବକ ଜଣକ ବ୍ୟବସାୟ କରୁଥିଲେ। ତେବେ ଏଥିରେ ବାରମ୍ବାର କ୍ଷତି ହେଉଥିଲା। ଫଳରେ ସେ ବିଭିନ୍ନ ଆଡୁ ଧାର କରଜ କରି ପକାଇଥିଲେ। ଧାର ସୁଝିବା ପାଇଁ ଘରେ ଟଙ୍କା ମାଗିଥିଲେ। ତେବେ ପରିବାରବର୍ଗ ଟଙ୍କା ଦେବାକୁ ଅରାଜି ହେବାରୁ ଯୁବକଜଣକ ହାମର ଓ ଚାପଡ଼ରେ ସମସ୍ତଙ୍କୁ ହତ୍ୟା କରିଥିଲେ। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତିମାନେ ହେଲେ ନାବାଳକର ଭାଇ ଆହାସନ, ଜେଜେମା ସଲମା ବିବି, କାକା ଲତିଫ, ମାଉସୀ ସାହିୟା ଓ ପ୍ରେମିକା ହର୍ଷାନା। ପୋଲିସ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ଦନ୍ତାହାତୀ ଆକ୍ରମଣରେ ଜଣେ ଆହତ

ଭଂଜନଗର (ଭାସ୍କର ନ୍ୟୁଜ): ଦନ୍ତାହାତୀ ଆକ୍ରମଣରେ ଜଣେ ଗୁରୁତର ଆହତ। ଗଂଜାମ ଜିଲ୍ଲା ଭଂଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବେଲଗୁଣ୍ଠା - ବାଲିପଦର ମୁଖ୍ୟ ରାସ୍ତାର କିରାପଲ୍ଲୀ ଗାଁ ନିକଟର ଦନ୍ତାହାତୀର ଉପଦ୍ରବ । ଆନ୍ଧ୍ରପ୍ରଦେଶରୁ ଆସି ରାସ୍ତାକଡରେ ପାଇପ୍ ବିଛାଉଥିବା ଜଣେ ଶ୍ରମିକ, ଶୌଚ ହେବାପାଇଁ ଯାଇଥିବା ବେଳେ, ଏକାଏକା ବୁଲୁଥିବା ଦନ୍ତାହାତୀ ଆକ୍ରମଣ କରିଥିଲା। ଘଟଣା ସ୍ଥଳରେ ଶ୍ରମିକ ଜଣକ ଗୁରୁତର ଆହତ ହୋଇଥିବା ବେଳେ, ତାଙ୍କୁ ଉଧାର କରି ପ୍ରଥମେ ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଅବସ୍ଥା ଗୁରୁତର ହେବାରୁ, ତାଙ୍କୁ ବ୍ରହ୍ମପୁର ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି । ଶ୍ରମିକଙ୍କ ଗୋଡ, ହାତ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ହୋଇଛି । ଆହତ ଶ୍ରମିକ ଜଣକ, ଆନ୍ଧ୍ରପ୍ରଦେଶ ସାମଲକୋଟା ଅଞ୍ଚଳର ମହମ୍ମଦ ଜାଫର ବୋଲି ଜଣା ପଡିଛି । ସ୍ଥାନୀୟ ବନବିଭାଗ, ମେଡିକାଲରେ ପହଞ୍ଚି, ଆହତ ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ନେଇ, ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

## କାନ୍ତକବିଙ୍କ ପୁଣ୍ୟତିଥିରେ ସ୍ମୃତିସଭା

କଟକ(ଭାସ୍କର ନ୍ୟୁଜ): ବନ୍ଦେ ଉତ୍କଳ ଜନନୀର ରଚୟିତା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୩ତମ ପୁଣ୍ୟତିଥି କଟକସ୍ଥିତ ଐତିହାସିକପୀଠ ସ୍ୱରାଜ-ଆଶ୍ରମ ଠାରେ ପାଳିତ ହୋଇଯାଇଛି। ଅପରାହ୍ନରେ କାନ୍ତକବିଙ୍କ ଉଦ୍ଦେଶ୍ୟରେ ଜାଗୃତ ଓଡ଼ିଶା ସାହିତ୍ୟ ସଂସଦ ଓ 'ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ବିଶିଷ୍ଟ ଶିକ୍ଷାବିତ୍, ଗବେଷକ ତଥା ଐତିହାସିକ ପ୍ରଫେସର ଡ. ନିହାର ରଞ୍ଜନ ପଟ୍ଟନାୟକ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏବଂ ସମ୍ମାନିତ ଅତିଥିଭାବେ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୀପ କୁମାର ସାହୁ, ଓଡ଼ିଶା ବିଧାନସଭାର ଅଧିବକ୍ତା ମନ୍ମୟ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଗୀତିକାର, ପ୍ରଯୋଜକ ତଥା ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମଙ୍କୁ 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା।

## ବିଶିଷ୍ଟ ଶିଳ୍ପପତି ତାରା ରଞ୍ଜନ ପଟ୍ଟନାୟକ ପୁରସ୍କୃତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶିଷ୍ଟ ଶିଳ୍ପପତି ତଥା ଫାଲକନ ଗ୍ରୁପର ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକଙ୍କୁ ୱାର୍ଲଡ ଓଡ଼ିଶା ସୋସାଇଟି (ୱାଓସୋ ) ପକ୍ଷରୁ ସମ୍ମାନ ଜନକ ରତ୍ନଶ୍ରୀ ପୁରସ୍କାର, ଶ୍ରୀ ପଟ୍ଟନାୟକଙ୍କର ମାନବ ସମ୍ବଳ ସଶକ୍ତିକରଣ, ରାଷ୍ଟ୍ର ନିର୍ମାଣ ଏବଂ ସାମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୱାଓସୋର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଏବଂ ପୃଷ୍ଠପୋଷକ ତଥା ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ଭୁବନେଶ୍ୱର ଠାରେ ପ୍ରଦାନ କରୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମିଶନରେଟ୍...

ରହିବେ। ପୋଲିସ କାର୍ଯ୍ୟ ବୁଧବାର ସକାଳୁ ଆରମ୍ଭ ହୋଇ ଦିନସାରା ଜାରି ରହିବ। ଏଥିସହ ଅଗ୍ନିଶମବାହିନୀ ଓ ଜରୁରିକାଳୀନ ସେବାର ମଧ୍ୟ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ। ସେ କହିଥିଲେ, ଏ କ୍ଷେତ୍ରରେ ପୋଲିସକୁ ସହଯୋଗ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଆମର ଦାୟିତ୍ୱ ହେଉଛି ଏହି ମହାଶିବରାତ୍ରୀ ଯେପରି ସୁରକ୍ଷିତ ଭାବେ ସମ୍ପନ୍ନ ହୋଇପାରିବ ତାହା ସୁନିଶ୍ଚିତ କରିବା।

### ଶ୍ରଦ୍ଧାଳୁଙ୍କ ଭିଡ଼ରେ...

ଆବର୍ଜନାମୟ ହୋଇ ଉଠିଛି ରାସ୍ତାଘାଟ। ପୂଜାପାଇଁ ବ୍ୟବହୃତ ନଡ଼ିଆ, ଫୁଲ ଇତ୍ୟାଦି ସାମଗ୍ରୀ ପଡ଼ି ରହିଛି। ମଇଳା ସଫା କରିବା ପାଇଁ ଯଦିଓ ଉତ୍ତରପ୍ରଦେଶ ସରକାର ମେସିନ ଲଗାଇଛନ୍ତି, ତେବେ ଏହା ଦାୟିତ୍ୱ ପୂରଣ କରିବାରେ ସଫଳ ହୋଇପାରୁ ନାହିଁ । ମହାକୁମ୍ଭ ଆରମ୍ଭ ହେବାପରେ ମେସିନ ଦ୍ୱାରା ଅଳିଆ ସଂଗ୍ରହ ୨୦ଗୁଣ ବୃଦ୍ଧି ପାଇଥିବାବେଳେ ପ୍ରତିଦିନ ନଦୀରୁ ବାହାରୁଛି ୧୦ରୁ ୧୫ ଟନ୍ ଆବର୍ଜନା। ମଇଳା ଆବର୍ଜନା ପଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଅତିଷ୍ଠ କରିପକାଇଛି। ପ୍ରଥମେ ଯାତ୍ରୀଙ୍କ ସୁବିଧା ପାଇଁ ମାଗଣାରେ ଖାଦ୍ୟ ଓ ପାନୀୟ ଯୋଗାଉଥିବା ଲୋକେ ଏବେ ଥକି ପଡ଼ିଲେଣି। ତୀର୍ଥଯାତ୍ରୀଙ୍କ ଉପରେ ଆଉ ନିୟନ୍ତ୍ରଣ ନାହିଁ। ସ୍ୱଚ୍ଛତା ହେଉ କି ଦଳାଚକଟା, ଏଥିପ୍ରତି ମଧ୍ୟ କାହାର ନିଘା ନାହିଁ । ଟ୍ରାଫିକ ସମସ୍ୟା ସାଂଘାତିକ ରୂପ ଧାରଣ କରିଛି। ତେବେ ୟୁପି ସରକାର ସନାତନ ଧର୍ମର ଏହି ବଡ଼ ଆୟୋଜନରେ ପୁରା ଶକ୍ତି ଲଗାଇ ଦେଇଛନ୍ତି। ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡଗୁଡ଼ିକରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଟ୍ରାଫିକ ବ୍ୟବସ୍ଥା ଶୃଙ୍ଖଳିତ କରିବା ପାଇଁ କୁହାଯାଇଛି। ଯଦି ଶ୍ରଦ୍ଧାଳୁମାନେ ସଚେତନ ହେବେ ତେବେ ଧାର୍ମିକ ବିଶ୍ୱାସ ସ୍ଥାନୀୟ ଲୋକଙ୍କୁ ଧୈର୍ଯ୍ୟହୀନ କରିପାରିବ ନାହିଁ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ମହାଶିବରାତ୍ରୀ ପାଇଁ ପ୍ରୟାଗରାଜରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରୟାଗରାଜକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ରାଜପଥ ଏବଂ ରାସ୍ତାରେ ମୋଟର ସାଇକେଲରେ ପୋଲିସର ୪୦ଟି ଟିମ୍‌କୁ ମୁତୟନ କରାଯାଇଛି। ସୁଗମ ଓ ସୁରକ୍ଷିତ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଯେହେତୁ ମହାକୁମ୍ଭର ଶେଷଦିନ ମହାଶିବରାତ୍ରୀରେ ପଡୁଛି ସେ ନେଇ ଭକ୍ତମାନଙ୍କୁ ସମସ୍ତ ଶିବମନ୍ଦିର ଦର୍ଶନ କରିବାକୁ ଅନୁମତି ଦିଆଯିବ ବୋଲି ପ୍ରୟାଗରାଜ ପ୍ରଶାସନ ସୂଚନା ଦେଇଛି।

### ଓଡ଼ିଶାରେ ମୃଦୁ...

ବାଲେଶ୍ୱରରେ ଏହି ଝଟକା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ରେକର୍ଡ ହୋଇଛି। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗର ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଭାରତ ସମେତ ବାଂଲାଦେଶର ବହୁ ସ୍ଥାନରେ ମଧ୍ୟ ଏହି ଝଟକା ଲାଗିଥିବା ସୂଚନା ଦିଆଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ପୁରୀଠାରୁ ୨୮୬ କିମି, ବ୍ରହ୍ମପୁରରୁ ୩୯୪ କିମି ଏବଂ ଭୁବନେଶ୍ୱରରେ ୨୯୭ କିମି ଦୂରରେ ବୋଲି ଜଣାପଡ଼ିଛି। ତେବେ ବାଲେଶ୍ୱରରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିବାବେଳେ ଘରର ଝରକା, କବାଟ ଥରିଥିଲା। ଲୋକେ ଭୟରେ ପଦାକୁ ବାହାରି ଆସିଥିଲେ। ରେମୁଣା ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂକମ୍ପର ମାତ୍ରା ଅଧିକ ଥିବା ସୂଚନା ଦିଆଯାଇଛି। ତେବେ ଏହି ଭୂକମ୍ପରେ କ୍ଷୟକ୍ଷତି ନେଇ ସୂଚନା ଦିଆଯାଇ ନାହିଁ । ତେବେ ବାଲେଶ୍ୱରର ସିମୁଳିଆ, ଔପଦା, ସୋର, ଖଇରା, ବାହାନଗା, ରେମୁଣା, ନୀଳଗିରି ଓ ବାଲେଶ୍ୱର ସହରର କିଛି ଅଞ୍ଚଳରେ କିଛି ସେକେଣ୍ଡ ପାଇଁ ଏହି ଭୂକମ୍ପ ଅନୁଭୂତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।


**AU SMALL FINANCE BANK**

**Registered Office:** 19-A Dhuleshwar Garden, Jaipur, Rajasthan, India, 302001. www.aubank.in

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **04 MAR 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK** - 24660001211354 24660001858625 24660001992912 | **CUTTACK** - 24660001152494 24660001203169 | **CUTTACK - LINK ROAD** - 24660001161866 24660001163043 24660001186779 24660001208990 24660001252925 | **JAJPUR** - 24660001180270 24660001269314 | **KUAKHIA** - 24660001173114 24660001272567 |

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
Manager
AU Small Finance Bank Limited



**Government of JHARKHAND (Department of Forest, Environment & Climate Change)**

**TENDER NOTICE**

**RFP No. – 01/2025……**

Tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound consultancy firm for the following works:

| Name of Work | Appointment of Consultancy Firm to assist PCCF (HoFF) Department of Forests, Environment and Climate Change Van Bhawan, Doranda, Ranchi |
|---|---|
| Period of Contract | 24 Month extendable up to 36 months |
| Minimum average annual turnover during last, three years. | Rs. 30 Crore from consulting business in India. |
| Tender fee | Rs. 10,000.00 + 18% GST |
| Earnest Money Deposit | Rs. 2,30,400.00 |
| Start Date & Time of Download the Tender, Documents | ………27.02.25……………… at 03:00 PM |
| Date of Pre-bid meeting | …………03.03.25………….. at 15:30 Hrs |
| Date of uploading of pre-bid queries | ………03.03.25………… at 15:30 Hrs |
| Start Date and time of Submission of BID | ……04.03.25…………. at 17:00 Hrs |
| End date and time of Submission of BID | ………17.03.25……………… at 17:00 Hrs |
| Submission of cost of BOQ and earnest money with hard copy of submitted bid | ………17.03.25……………… at 17:00 Hrs |
| BID Opening date for technical part | ……18.03.25……………… at 11:00 Hrs |
| BID Opening date for price part | Will be communicated 19.03.25 |
| Procurement Officer and address for communication | Department of Forests, Environment and Climate Change Van Bhawan, Doranda, Ranchi, Jharkhand-834002 |
| Contact No. | …8678835616… |

1. Tender document and BOQ including terms & conditions, tender specification can be downloaded from website https://forest.jharkhand.gov.in. Any details required in this regard can also be had from the office of the undersigned (APCCF, Development, Jharkhand Ranchi) during office hours.
2. The bids will be received at the office of Addl. Principal Chief Conservator of Forest, Development, Jharkhand, Ranchi.
3. No claim shall be entertained on account of disruption of internet services being used by bidders. Bidders are advised to submit their bids well in advance to avoid last minute technical snag.

Sd/-
Addl. Principal Chief Conservator of Forest, Development, Jharkhand, Ranchi

PR 347263 Forest, Environment and Climate Changes(124-25)#D



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

**अति अल्पकालीन ई–निविदा आमंत्रण सूचना**

**ई– निविदा सूचना संख्या – RDD/SD/CHAIBASA/14/2024-25(3rd Call) (MMGSY)**

1. कार्य की विस्तृत विवरणीः

| क्र०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के चक्रधरपुर प्रखण्ड अन्तर्गत केरा पंचायत के जनुमबेड़ा में ब्रहमणी नदी पर पुल निर्माण। | 50797300.00 | 1016000.00 | 10000.00 | 24 माह |
| 2 | पश्चिमी सिंहभूम (चाईबासा) जिला के आनन्दपुर प्रखण्ड अन्तर्गत ग्राम आनन्दपुर बाजार टांड में उच्चस्तरीय पुलिया का निर्माण। | 29920000.00 | 599000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 28.02.2025
3. ई–निविदा प्राप्ति की तिथि एवं समय–दिनांक 28.02.2025 से दिनांक 06.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.07.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

ह०/–
कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा।

PR 347216 (West Singhbhum) 24-25 (D)



**OFFICE OF THE DIVISIONAL FOREST OFFICER, GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, Pin – 761126
Phone No-06821-241015, Fax No-06821-241014, E-mail : dfo.ghumsursouth@odisha.gov.in

Letter No. 1193 Dated. 24.02.2025 **MM-502**

**INVITATION FOR BIDS (IFB)**
E-Procurement Bid Identification No. GH (S)-BN)-F. E & C.C-05/2024-25

1. Name of work :-Construction of Buildings
2. No. of works : - 01 No
3. No. of covers :- Single Cover
4. Estimated Cost : -Rs. 15,87,231/-
5. Period of Completion :-Three Calendar Months
6. Date & Time of availability of Bid documents in portal : -Form 11.00 A.M of Dated **27.02.2025** to 05 P.M Dated. **05.03.2025**
7. Last date/time for receipt of Bids in the portal. : -Up to 5.00 P.M of Dated.**05.03.2025**
8. Date of opening of Bid documents **:- At 11.30 A.M of 07.03.2025**
9. Class of Contractor :-"C" & "D" Class Contractor
10. Name and address of officer Inviting Bid :-Divisional Forest Officer, Ghumsur South Forest Division, Bhejiput, Bhanjanagar

Further, details can be seen from the e-Procurement portal **www.tenderodisha.gov.in** the Addendum/corrigendum if any will be hosted in the website only.

Sd/-Divisional Forest Officer,
Ghumsur South Division.

**OIPR 08051/11/0010/2425**



**OFFICE OF THE CHIEF DIST. MEDICAL & PUBLIC HEALTH OFFICE: JAJPUR**

No.- 119 Dated – 25.02.2025 **E-788**

TENDER CALL NOTICE

Sealed tenders are hereby invited from registered travel agencies/Tour Operators/Private individuals for providing 03 Nos. of Vehicles of AC Petrol/Diesel having seating capacity not more than 07 including driver preferably Dzire-02 Nos. & Scorpio-01 No. on monthly basis which shall confirm the terms & conditions for official use in the Office of the CDM & PHO on monthly rent basis. Details regarding eligibility, criteria, terms & conditions and format of submission of Tender(Technical & Price Bid) are mentioned in the tender document which may be downloaded form the district official website: www.jajpur.odisha.gov.in .Interested bidders may submit their document in a sealed envelop super-scribing on the top of Envelop as Tender for Hiring of Vehicles on monthly basis.

The Tender should reach the office of the undersigned by 03/03/2025 till 05.00 P.M and will be opened on the next day at 11.00 A.M. The undersigned reserves the right to reject any or all the tenders without assigning any reason thereof.

**OIPR 10042/11/0013/2425** Sd/- Chief Dist. Medical & Public Health officer, Jajpur



**ZILLA PARISHAD, MAYURBHANJ**
**ODISHA LIVELIHOODS MISSION,**
**DEPARTMENT OF MISSION SHAKTI**
**GOVERNMENT OF ODISHA**

Mission Shakti

**Tender Call Notice**

Sealed Quotations are invited from intending authorized suppliers/ firms/ agencies for supply of computational items, Air Conditioner with Stabilizer and Inverter with Batteries to **District Mission Management Unit and Block Mission Management Unit of Mayurbhanj District under OLM, Department of Mission Shakti, Govt of Odisha** .The Quotation papers along with detailed specification of work shall be download from web site of Mayurbhanj District i.e**www.mayurbhanj.odisha.gov.in**.

The Tender Call Notice are as follows:-

I) Tender Call Notice No.1486, Dt.21/02/2025 for supply of Air Conditioner & Stabilizer.
**Last date of submission of bid document on 18/03/2025 at 5.00PM**

II) Tender Call Notice No.1492,Dt.21/02/2025 for supply of Inverter with Batteries.
**Last date of submission of bid document on 18/03/2025 at 5.00PM**

III) Tender Call Notice No.1489, Dt.21/02/2025 for supply of computational items.
**Last date of submission of bid document on 24/03/2025 at 5.00PM**

Sd/-
CDO-cum-DMC, OLM
ZP, Mayurbhanj

i-515 **OIPR 19232/11/0008/2425**



**OFFICE OF THE NOTIFIED AREA COUNCIL, RAMBHA**
*Rambha N.A.C,Ganjam,Odisha,761028*
*Tel: 06810-278336 E-mail:* rambhanac123@gmail.com

Sl No. 367 /NAC Dated 24.02.2025

**QUOTATION CALL NOTICE** **C-1743**

Sealed quotations are invited from the Authorized dealers / Agency /Suppliers / manufractures having experience in Fiber work , Marble Sculpture /stone carving etc.for the following work .

The Rate should be quoted against the item including all taxes with transportation . The qoutaioner are essentially required to submit GST Registration Certificate , PAN card . The qoutaioner shall be required to produce the original copy of the required document before the undersigned at the time of opening of quotation for verification .

The quotation along with all documents with EMD & Tender Cost should receive on before dt 10.3.25 at 5.00 PM on Tender box and the same will be opened on dt 11.3.25 at 11.00 AM in presence of respective quotaioner or their authorized representatives .The cost of tender document of Rs 6,000 /- in shape of Demand draft issued from any Nationalized Bank in favour of Executive officer , NAC Rambha payble at Rambha before10.03.25 at 5.00 PM and EMD should be submitted 1 % of Quoted amount and also duly pledged in favour of Executive officer NAC Rambha in shape of NSC/POTD/ POSB/ KVP / Deposit receipt.

The authority reserves the right to accept , cancel or reject any or all quotation without assigning any reason thereof .

| Sl. No | Name of Work | Unit | Quantity | Tender Cost ( Non Refundable ) | EMD | Quoted Rate |
|---|---|---|---|---|---|---|
| 1 | Supplying , Fitting and Fixing of a lord Nataraj Glass fiber statue with FRP made up of clay model and plaster paries sizes 10 ft x6 ft & holgin light fittings et . in all respect. | No | 1 | 6000 | 1 %of quoted amount | |

**OIPR 13114/11/0025/2425**

Sd/- Executive Officer,
NAC Rambha



**GOVERNMENT OF ODISHA** **MM-505**
**OFFICE OF THE DIVISIONAL FOREST OFFICER, GHUMSUR NORTH DIVISION**
Bhejiput, Bhanjanagar, Ganjam, Odisha, Pin - 761126
Tele/Fax – 06821-240164, E-mail : **dfo.ghumsurnorth@odisha.gov.in**

Letter No. 1180 / Dtd. 24.02.2025

**SHORT TENDER CALL NOTICE**

**INVITATION FOR BIDS (IFB)**

E-Procurement Bid Identification No.GH(N)-BNJ-F.E & C.C-03/2024-25

1. Name of work : - Construction of Buildings
2. No. of works : - 01 No.
3. No. of covers : - Single Cover
4. Estimated Cost : - Rs.1587231
5. Period of Completion : - Three Calendar Months
6. Date & Time of availability of bid documents in portal : - From 11.00 A.M. of dated 27.02.2025 to 05.00 PM. of dated 05.03.2025.
7. Last date/ time for receipt of bids in the portal : - Up to 5.00 PM of 05.03.2025.
8. Date of opening of bid documents : - At 11.30 A.M. of 06.03.2025.
9. Class of Contractor : - "C" & "D" Class Contractor
10. Name and address of officer inviting Bid : - Divisional Forest Officer, Ghumsur North Forest Division, Bhejiput, Bhanjanagar.

Further, details can be seen from the e-Procurement portal **www.tenderodisha.gov.in**. The Addendum / Corrigendum if any will be hosted in the website only.

Sd/-Divisional Forest Officer,
Ghumsur North Forest Division.

**OIPR 08033/11/0010/2425**



ଗୁଣ୍ଟୁର: ବୁଧବାର ସାରା ଭାରତ ବର୍ଷରେ ମହାଶିବରାତ୍ରିକୁ ଖୁବ୍ ଧୁମ୍‌ଧାମରେ ପାଳନ କରାଯିବ । ଏହି ଅବସରରେ ସାରି ରାତି ଉଜାଗର ରହି ଜାଗର ଦୀପ ଜାଳିବେ ଶ୍ରଦ୍ଧାଳୁ ମାନେ । ତେବେ ଚଳିତ ଶିବରାତ୍ରିକୁ ସ୍ୱତନ୍ତ୍ର କରିବାକୁ ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲ୍ଲାରେ ୧୦୦୮ କେଜି ବୁନ୍ଦି ଲଡୁରେ ତିଆରି ହୋଇଛି ଶିବଲିଙ୍ଗ । ଏହାର ଲମ୍ୱ ୬ ଫୁଟ୍ ଥିବାବେଳେ, ଓସାର ୫ ଫୁଟ୍ ରହିଛି । ସ୍ଥାନୀୟ ପେରେଚାଲା କୈଳାଶଗିରି କ୍ଷେତ୍ରମ୍ ଉତ୍ସବ କମିଟି ପକ୍ଷରୁ ଜାଗର ଯାତ୍ରା ଏହି ବିଶାଳ ଶିବଲିଙ୍ଗ ତିଆରି କରାଯାଇଛି । ତେନାଲି ମିର୍ଚି ସ୍ୱାଦ୍ୱ ଟିମ୍ ଏହି ବୁନ୍ଦି ଶିବଲିଙ୍ଗ ତିଆରି କରିଛି । ତେନାଲି ଟାଉନ୍ ସ୍ଥିତ ଚେନ୍ନୁପେଟ୍ ବଜାରରେ ଏହାକୁ ଲୋକଙ୍କ ପାଇଁ ପ୍ରଦର୍ଶିତ କରାଯାଇଛି । ଆଉ ପ୍ରଦର୍ଶନ ହେବା ପରେ ଏହାକୁ ଦେଖିବାକୁ ଲାଗିଛି ଲୋକଙ୍କ ପ୍ରବଳ ଭିଡ ଲାଗିଛି

# ଆଡଭାଣ୍ଟେଜ୍ ଆସାମ ୨.୦ ନିବେଶ ଏବଂ ଭିତ୍ତିଭୂମି ସମ୍ମିଳନୀକୁ ଉଦ୍‌ଘାଟନ କଲେ ମୋଦୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଆସାମର ଗୌହାଟୀଠାରେ 'ଆଡଭାଣ୍ଟେଜ୍ ଆସାମ ୨.୦ ନିବେଶ ଏବଂ ଭିତ୍ତିଭୂମି ସମ୍ମିଳନୀ ୨୦୨୫' କୁ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରି ଶ୍ରୀ ମୋଦୀ କହିଛନ୍ତି, 'ପୂର୍ବ ଭାରତ ଏବଂ ଉତ୍ତର-ପୂର୍ବ ଭାରତ ଆଜି ଭବିଷ୍ୟତର ଏକ ନୂତନ ଯାତ୍ରା ଆରମ୍ଭ କରୁଛନ୍ତି ଏବଂ ଆସାମର ଅବିଶ୍ୱସନୀୟ ସମ୍ଭାବନା ଓ ପ୍ରଗତିକୁ ବିଶ୍ୱ ସହିତ ଯୋଡ଼ିବା ପାଇଁ ଆଡଭାଣ୍ଟେଜ୍ ଆସାମ ଏକ ବୃହତ ପଦକ୍ଷେପ । ଭାରତ ପ୍ରତି ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ବିଶ୍ୱାସ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ, 'ଭାରତର ବିକାଶରେ ଆସାମର ଯୋଗଦାନ କ୍ରମାଗତ ଭାବେ ବୃଦ୍ଧି ପାଉଛି ।' ସେ ଉଲ୍ଲେଖ କରିଥିଲେ ଯେ ଆଡଭାଣ୍ଟେଜ୍ ଆସାମ ସମ୍ମିଳନୀର ପ୍ରଥମ ସଂସ୍କରଣ ୨୦୧୮ରେ ଅନୁଷ୍ଠିତ ହୋଇଥିଲା, ଯେଉଁ ସମୟରେ ଆସାମର ଅର୍ଥବ୍ୟବସ୍ଥାର ମୂଲ୍ୟ ୨ ଲକ୍ଷ ୭୫ ହଜାର କୋଟି ଟଙ୍କା ଥିଲା । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଆସାମ ସରକାର ଶିକ୍ଷା, ଦକ୍ଷତା ବିକାଶ ଏବଂ ଏକ ଉନ୍ନତ



ନିବେଶ ପରିବେଶ ସୃଷ୍ଟି ଉପରେ ଧ୍ୟାନ ଦେଉଛନ୍ତି । ଆସାମରେ ବିମାନ ସଂଯୋଗର ଦ୍ରୁତ ସମ୍ପ୍ରସାରଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୧୪ ମସିହା ପର୍ଯ୍ୟନ୍ତ କେବଳ ସାତଟି ମାର୍ଗରେ ବିମାନ ଚଳାଚଳ କରୁଥିଲା, କିନ୍ତୁ ଏବେ ପାଖାପାଖି ୩୦ଟି ମାର୍ଗରେ ବିମାନ ଚଳାଚଳ କରୁଛି । 'ଭାରତ ଅର୍ଥବ୍ୟବସ୍ଥାର ସମସ୍ତ କ୍ଷେତ୍ର ଏବଂ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଦେଇ ଗତି କରୁଛି ଏବଂ ବ୍ୟବସାୟିକ ସୁଗମତାକୁ ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି, ଏବଂ ଶିଳ୍ପ ଏବଂ ନବସୃଜନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବ୍ୟାପକ ଇକୋସିଷ୍ଟମ୍ ପ୍ରତିଷ୍ଠା କରାଯାଇଛି' ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ବିଶ୍ୱ ଅର୍ଥବ୍ୟବସ୍ଥାରେ ଘଟୁଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଉପରେ ଆଲୋକପାତ କରି, ବିଶ୍ୱବ୍ୟାପୀ ସହନଶୀଳ ଯୋଗାଣ ଶୃଙ୍ଖଳାର ବର୍ଦ୍ଧିତ ଚାହିଦା ସହିତ, ପ୍ରଧାନମନ୍ତ୍ରୀ କହିଥିଲେ, 'ଭାରତ ଏହାର ଉତ୍ପାଦନ କ୍ଷେତ୍ରକୁ ଆଗକୁ ବଢାଇବା ପାଇଁ ମିଶନ ମୋଡ ପ୍ରୟାସ ଆରମ୍ଭ କରିଛନ୍ତି । ବିଶ୍ୱ ବାଣିଜ୍ୟରେ ଆସାମର ସର୍ବଦା ଏକ ଅଂଶ ରହିଛି ବୋଲି ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଛନ୍ତି ଯେ ଆଜି ଭାରତର ଉପକୂଳ ପ୍ରାକୃତିକ ଗ୍ୟାସ ଉତ୍ପାଦନର ୫୦ ପ୍ରତିଶତରୁ ଅଧିକ ଆସାମରୁ ଆସିଥାଏ ଏବଂ ନିକଟ ଅତୀତରେ ଆସାମର ବିଶୋଧନାଗାରଗୁଡ଼ିକର କ୍ଷମତାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ପୂର୍ବ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ । ଆସାମର ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ, ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର, ସର୍ବାନନ୍ଦ ସୋନୋୱାଲ, ଜ୍ୟୋତିରାଦିତ୍ୟ ସିନ୍ଧିଆ, ତ୍ରିପୁରାର ମୁଖ୍ୟମନ୍ତ୍ରୀ ଡ. ମାଣିକ ସାହା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଦକ୍ଷିଣ ପୂର୍ବ ରେଳ ସଂଗଠନ ପକ୍ଷରୁ ଜେଆର୍‌ୟୁସିସି ବୈଠକ



କୋଲକାତା: କୋଲକାତାରେ ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି (ଜେଆର୍‌ୟୁସିସି)ର ୧୦୪ତମ ବୈଠକ ମଙ୍ଗଳବାର କୋଲକାତାରେ ଅନୁଷ୍ଠିତ ହୋଇଯାଇଛି । ଜେଆର୍‌ୟୁସିସି ବୈଠକରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ସାରଙ୍ଗୀ, ସାଂସଦ ଜ୍ୟୋତିର୍ମୟ ସିଂହ ମାହାତୋ, ସାଂସଦ ଖିରୁ ମାହାତୋ, ସାଂସଦ କାଳୀପଦ ସରେନ ଖେରୱାଲ, ବିଧାୟକ ଶ୍ୟାମଲ ମଣ୍ଡଳ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ । ଏଥିରେ ମୋଟ ୧୮ ଜଣ ସଦସ୍ୟ ଯୋଗ ଦେଇଥିଲେ । ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ସଦସ୍ୟମାନଙ୍କୁ SERର ସାମ୍ପ୍ରତିକ ସଫଳତା ଏବଂ ବିକାଶମୂଳକ କାର୍ଯ୍ୟକଳାପ ବିଷୟରେ ଅବଗତ କରାଇଥିଲେ । ସେ ଯାତ୍ରୀ ସୁବିଧା, ନିର୍ମାଣ କାର୍ଯ୍ୟର ଅଗ୍ରଗତି, ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି, ମାଲ ପରିବହନରେ ବୃଦ୍ଧି, ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନଃବିକାଶ, ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଇବା, ଗୋଟିଏ ଷ୍ଟେସନ ଏକ ଉତ୍ପାଦ ଯୋଜନା ଇତ୍ୟାଦି କ୍ଷେତ୍ରରେ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ । ସଦସ୍ୟମାନେ ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହିତ, ଟ୍ରେନ୍ ସେବା, ଯାତ୍ରୀ ସୁବିଧା ଏବଂ ଉତ୍ତମ ସଂଯୋଗୀକରଣର ଆହୁରି ଉନ୍ନତି ପାଇଁ ସେମାନଙ୍କର ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ସଦସ୍ୟମାନଙ୍କ ପରାମର୍ଶ ଏବଂ ଦାବି ମଧ୍ୟରେ ଟ୍ରେନ୍ ସେବାରେ ସମୟାନୁବର୍ତ୍ତିତା, ଟ୍ରେନ୍ ରୁଟ୍ ସମ୍ପ୍ରସାରଣ, ଟ୍ରେନ୍‌ର ଅତିରିକ୍ତ ଷ୍ଟପେଜ୍, ଟ୍ରେନ୍‌ର ଫ୍ରିକ୍ୱେନ୍ସି ବୃଦ୍ଧି, ମହାମାରୀ ପୂର୍ବରୁ ଟ୍ରେନ୍ ସେବାର ପୁନରୁଦ୍ଧାର ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ସେମାନେ ଲିଫ୍ଟ, ଏସ୍କେଲେଟର, ଶୌଚାଳୟ, ପ୍ଲାଟଫର୍ମ ସେଡ୍, ଯାତ୍ରୀମାନଙ୍କ ପାଇଁ ରାମ୍ପ ଇତ୍ୟାଦି ଷ୍ଟେସନ୍‌ରେ ଅଧିକ ଯାତ୍ରୀ ସୁବିଧାର ଆବଶ୍ୟକତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର ତାଙ୍କ ଭାଷଣରେ କହିଥିଲେ ଯେ ସଦସ୍ୟମାନଙ୍କ ପରାମର୍ଶ ଏବଂ ଦାବିକୁ ସମସ୍ତ ଗୁରୁତ୍ୱ ଦିଆଯିବ । ମହାପ୍ରବନ୍ଧକ ମଧ୍ୟ ରେଳ ପ୍ରକଳ୍ପଗୁଡ଼ିକର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ସଦସ୍ୟମାନଙ୍କ ସହଯୋଗର ଆବଶ୍ୟକତା ବିଷୟରେ କହିଥିଲେ । ସେମାନେ ଦକ୍ଷିଣ ପୂର୍ବ ରେଳପଥରେ ରେଳ ଭିତ୍ତିଭୂମିର ବିକାଶ ପାଇଁ ସେମାନଙ୍କର ମୂଲ୍ୟବାନ ପରାମର୍ଶ ମଧ୍ୟ ପ୍ରଦାନ କରିଛନ୍ତି । ଦକ୍ଷିଣ ପୂର୍ବ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଏବଂ ଅନ୍ୟାନ୍ୟ ପ୍ରମୁଖ ବିଭାଗ ମୁଖ୍ୟ ବୈଠକରେ ଉପସ୍ଥିତ ଥିଲେ ।

## ସଜ୍ଜନ କୁମାରଙ୍କୁ ଆଜୀବନ ଜେଲ୍

ନୂଆଦିଲ୍ଲୀ:ଦିଲ୍ଲୀରେ ୧୯୮୪ରେ ହୋଇଥିବା ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଦିଲ୍ଲୀ ରାଉସ୍ ଆଭେନ୍ୟୁ କୋର୍ଟ । ଶିଖ୍ ସମ୍ପ୍ରଦାୟର କିଛି ସଦସ୍ୟ ସଜ୍ଜନ କୁମାରଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ । ଗତ ଫେବୃଆରୀ ୧୨ରେ ରାଉସ୍ ଆଭେନ୍ୟୁ କୋର୍ଟ କଂଗ୍ରେସ ନେତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହି ମାମଲା ୧୯୮୪ ମସିହା ନଭେମ୍ବର ୧ ତାରିଖରେ ଦିଲ୍ଲୀର ସରସ୍ୱତୀ ବିହାର ଅଞ୍ଚଳରେ ଦୁଇ ଶିଖ୍ ନାଗରିକ ଜସୱନ୍ତ ସିଂହ ଓ ତାଙ୍କ ପୁଅ ତରୁଣଦୀପ ସିଂହଙ୍କ ହତ୍ୟା ସହ ଜଡ଼ିତ । ଏହି ସମୟରେ ଶିଖ୍‌ମାନଙ୍କ ନରସଂହାର ହୋଇଥିଲା ଏବଂ ସେମାନଙ୍କ ଘରେ ନିଆଁ ଲଗାଇ ଦିଆଯାଇଥିଲା ।

### ବାଗେଶ୍ୱର ଧାମରେ ଐତିହାସିକ ଆୟୋଜନ

# ଗରିବ ଝିଅଙ୍କ ବିବାହ ସମାରୋହରେ ବିଷ୍ଣୁଦେବ

ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ବାଗେଶ୍ୱର ଧାମରେ ଚାଲୁ ରହିଥିବା ଶିବରାତ୍ରି ମହୋତ୍ସବ ଏବଂ ୨୫୧ଜଣ ଗରିବ ଝିଅଙ୍କ ବିବାହ ସମାରୋହରେ ସାମିଲ ହୋଇଥିଲେ । ବାଗେଶ୍ୱର ଧାମରେ ଧାର୍ମିକ ଭକ୍ତି, ସାମାଜିକ ସମର୍ପଣ ଏବଂ ରାଷ୍ଟ୍ରୀୟ ଏକତାର ଝଲକ ଦେଖିବାକୁ ମିଳେ ବୋଲି ଶ୍ରୀ ସାଏ କହିଥିଲେ । ସେ କହିଥିଲେ କି ଛତିଶଗଡ ସନ୍ଥ ପରମ୍ପରା ଏବଂ ଧର୍ମନିଷ୍ଠର ଭୂମି ଅଟେ । ଭଗବାନ ଶ୍ରୀରାମ ନିଜର ବନବାସର ଅଧିକାଂଶ ସମୟ ଏଠାରେ ହିଁ କଟାଇଥିଲେ । ଏହା ଆମ ପାଇଁ ଗର୍ବ ଯେ, ବାଗେଶ୍ୱର ଧାମରେ ଆୟୋଜନ କରାଯାଇଥିବା ଉତ୍ସବରେ ମୁଁ ସାମିଲ ହୋଇ ନିଜକୁ ଧନ୍ୟ ମନେ କରୁଛି । ସେ କହିଥିଲେ ସଂସ୍କାର ଏବଂ ସଂସ୍କୃତି ମଣିଷ ଜୀବନରେ



ପରିପୂର୍ଣ୍ଣତା ଆଣିଦେଇଥାଏ । ସେ କହିଥିଲେ ମୋ ସରକାର ପ୍ରତ୍ୟେକ ଜନତାର ହିତ ପାଇଁ କାମ କରିଚାଲିଛି । ଛତିଶଗଡ ସରକାର ନକ୍ସଲବାଦକୁ ଲୋପ କରିବା ପାଇଁ ଐତିହାସିକ ପଦକ୍ଷେପ ନେଉଛନ୍ତି । ଡବଲ ଇଞ୍ଜିନ ସରକାରର ସହଯୋଗରେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରୁ ନକ୍ସଲବାଦକୁ ସଂପୂର୍ଣ୍ଣ ବିଲୋପ କରାଯିବ ବୋଲି ସେ ଦୃଢ଼ୋକ୍ତି ବାଢ଼ିଥିଲେ । ସେ କହିଥିଲେ ଆମ ଗୃହମନ୍ତ୍ରୀ ବିଜୟ ଶର୍ମାଙ୍କ ନେତୃତ୍ୱରେ ଏହି ମିଶନ ସଫଳତାର ସହ କାର୍ଯ୍ୟ କରୁଛି । ଶ୍ରୀ ସାଏ ଆହୁରି କହିଥିଲେ ଯେ, ଛତିଶଗଡର ଧାର୍ମିକ ଓ ସାଂସ୍କୃତିକ ସନ୍ତୁଳନକୁ ବଜାୟ ରଖିବା ପାଇଁ ଆମ ସରକାର ଧର୍ମାନ୍ତିକରଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିଛି । ଯେଉଁମାନେ ହିନ୍ଦୁ ଧର୍ମ ଛାଡି ଅନ୍ୟ ଧର୍ମରେ ସାମିଲ ହୋଇଛନ୍ତି ସେମାନଙ୍କୁ ସ୍ୱଧର୍ମକୁ ଫେରାଇ ଆଣିବା ପାଇଁ କାର୍ଯ୍ୟ ଚାଲୁ ରହିଛି । ସମାଜ ସେବା ପାଇଁ ବାଗେଶ୍ୱର ଧାମରେ ଯେଉଁ ୨୫୧ଜଣ ଗରିବ ଝିଅଙ୍କୁ ସାମୂହିକ ଭାବେ ବିବାହ ବନ୍ଧନରେ ଛନ୍ଦି ଦିଆଗଲା ସେମାନଙ୍କ ମଙ୍ଗଳ କାମନା କରୁଛି । ସମସ୍ତ ନବ ବିବାହିତା ଦମ୍ପତିଙ୍କୁ ସରକାରଙ୍କ ପକ୍ଷରୁ ଉପହାର ପ୍ରଦାନ କରାଯିବ ବୋଲି ଶ୍ରୀ ସାଏ କହିଥିଲେ ।

# ସାରସ ଆଜୀବିକା ମେଳାକୁ ଉଦ୍‌ଘାଟନ କଲେ କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ : ଉତ୍ତରପ୍ରଦେଶର ନୋଏଡା ହାଟରେ ଆୟୋଜିତ ସାରସ ଆଜୀବିକା ମେଳାକୁ ମଙ୍ଗଳବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିଛନ୍ତି । ଏହି ବିଶେଷ ଅବସରରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଡ. ଚନ୍ଦ୍ରଶେଖର ପେମସାନି ଏବଂ କମଲେଶ ପାସୱାନ ମଧ୍ୟ



ଉପସ୍ଥିତ ଥିଲେ । ଲକ୍ଷପତି ଦିଦିମାନଙ୍କୁ ସମ୍ବୋଧିତ କରି ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନଙ୍କୁ ଲକ୍ଷପତି କରିବାରେ ସାରସ ମେଳାର ବହୁତ ବଡ଼ ଅବଦାନ ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଚନ୍ଦ୍ରଶେଖର ପେମସାନି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଏହା କେବଳ ଏକ ମେଳା ନୁହେଁ ବରଂ ଏକ ଆନ୍ଦୋଳନରେ ପରିଣତ ହୋଇଛି, ଏମିତି ଏକ ଆନ୍ଦୋଳନ ଯେଉଁଠାରେ ମହିଳାମାନେ ଶ୍ରମିକ ହେବା ପରିବର୍ତ୍ତେ ନିଯୁକ୍ତିଦାତା ହେଉଛନ୍ତି । ଗ୍ରାମୀଣ ଭାରତର ହସ୍ତଶିଳ୍ପ ଓ କଳାକୁ ପ୍ରଦର୍ଶିତ କରିବାର ମୁଖ୍ୟ ଉଦ୍ଦେଶ୍ୟ ନେଇ ଫେବୃଆରୀ ୨୧ ରୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ସାରସ ଆଜୀବିକା ମେଳା ୨୦୨୫ ଆୟୋଜନ କରାଯାଉଛି । ସାରସ ମେଳାର ପର୍ଯ୍ୟଟକମାନେ ୩୦ଟି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦର ମଜା ନେଉଛନ୍ତି । ସାରସ ମେଳାରେ ବରିଷ୍ଠ ନାଗରିକମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା, ପିଲାଙ୍କ ପାଇଁ ଜୋନ୍ ଏବଂ ମା'ଙ୍କ ଯତ୍ନ ପାଇଁ ବ୍ୟବସ୍ଥା କରାଯାଇଛି । ସାରସ ମେଳାରେ ପ୍ରତିଦିନ ପର୍ଯ୍ୟଟକମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ମଧ୍ୟ ନେଉଛନ୍ତି । ଏସ୍‌ଏଚଜି ଭଉଣୀମାନଙ୍କ ରପ୍ତାନି କ୍ଷମତାକୁ ବିକଶିତ କରିବା ପାଇଁ ନୋଏଡା ହାଟସ୍ଥିତ ସାରସ ମେଳା ପରିସରରେ ଏକ ଉତ୍ସର୍ଗୀକୃତ ରପ୍ତାନି ପ୍ରୋତ୍ସାହନ ମଣ୍ଡପ ନିର୍ମାଣ କରାଯାଇଛି । ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଆଜୀବିକା ମିଶନ ଅଧୀନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଅଭିଯାନର ଉଦ୍ଦେଶ୍ୟ ଶିଳ୍ପୀ ଏବଂ କାରିଗରମାନଙ୍କୁ ସେମାନଙ୍କ ଜୀବିକା ଏବଂ ସାମଗ୍ରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବା । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନ ।

# ବାଣିଜ୍ୟ

ନୂଆଦିଲ୍ଲୀ: ଅବସରକାଳୀନ ଯୋଜନା ପ୍ରସ୍ତୁତ କରିବା ଓ ନିଜ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ଲାଗିଟାଟାଏଆଇଏ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନି ଲିମିଟେଡ୍ ପକ୍ଷରୁ ମଲ୍‌ଟି କ୍ୟାପ୍‌ମୋମେଂଟମ୍ କ୍ୱାଲିଟି ଇଣ୍ଡେକ୍ସ ପେନ୍‌ସନ୍ ଫଣ୍ଡର ଏନ୍‌ଏଫ୍‌ଓର ଶୁଭାରମ୍ଭ କରାଯାଇଛି । ଅବସରକାଳୀନ ଯୋଜନା ପାଇଁଏହା ଏକ ଉପଯୁକ୍ତ ଫଣ୍ଡ୍ । ଟାଟାଏଆଇଏରମୁଖ୍ୟ ନିବେଶ ଅଧିକାରୀ ହର୍ଷଦ ପାଟିଲ କହିଛନ୍ତି ଯେ, 'ଆଜି ଅବସରଯୋଜନା ପାଇଁ ଅଧିକସ୍ମାର୍ଟ, ଅଧିକରଣ ନୈତିକ ଆଭିମୁଖ୍ୟର ଆବଶ୍ୟକତା ରହିଛି । ପଲିସି ବଜାରର ମୁଖ୍ୟ ବ୍ୟବସାୟ ଅଧିକାରୀ -ଜୀବନ ବୀମା ସନ୍ତୋଷ ଅଗ୍ରୱାଲ କହିଛନ୍ତି ଯେ, 'ଭାରତରେ ଅବସର ଯୋଜନା ଦୀର୍ଘ ଦିନ ଧରି ବ୍ୟକ୍ତିଗତ ସଂଚୟ ବ୍ୟବହାର କିମ୍ବା ପାରିବାରିକ ସହାୟତା ଉପରେ ଧ୍ୟାନ କେନ୍ଦ୍ରିତ ହୋଇ ରହିଛି । ଟାଟା ଡିଜିଟାଲର ବୀମା ବିଭାଗର ମୁଖ୍ୟ ବ୍ୟବସାୟ ଅଧିକାରୀ ଅମରେଶ ଖେର କହିଛନ୍ତି ଯେ, 'ଅବସର ନିବେଶକୁ ଅତିକ୍ରମ କରିବା ଅତ୍ୟନ୍ତ ଜବରଦସ୍ତ ଅନୁଭବ ପ୍ରଦାନ କରିପାରେ ।

# ଆକ୍ସିସ୍ ବ୍ୟାଙ୍କ୍ ପକ୍ଷରୁ 'ସ୍ପ୍ଲାସ୍' ବିଜେତାଙ୍କୁ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ: ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ୭-୧୪ ବର୍ଷର ପିଲାମାନଙ୍କୁ ନେଇ ଆୟୋଜିତ ସର୍ବଭାରତୀୟ ବାର୍ଷିକ କଳା, ହସ୍ତକଳା ଓ ସାହିତ୍ୟ ପ୍ରତିଯୋଗିତା 'ସ୍ପ୍ଲାସ୍'ର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମୁମ୍ବାଇସ୍ଥିତ ଆକ୍ସିସ୍



ହାଉସ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆକ୍ସିସ୍‌ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଯଥା ଏମ୍‌ଡି ଓ ସିଇଓ ଅମିତାଭ ଚୌଧୁରୀ, ଉପ ପରିଚାଳନା ନିର୍ଦ୍ଦେଶକ ରାଜୀବ ଆନନ୍ଦ, ମାନବ ସମ୍ବଳ ମୁଖ୍ୟ ରାଜକମଲ ଭେମପତି, ଗ୍ରୁପ୍ ଏକ୍ଜିକ୍ୟୁଟିଭ୍ ଅର୍ଜୁନ୍ ଚୌଧୁରୀ ସମ୍ବର୍ଦ୍ଧିତ କରିଥିଲେ । ଛଅ ଫାଇନାଲିଷ୍ଟଙ୍କୁ ୧ ଲକ୍ଷଟଙ୍କାର ଛାତ୍ରବୃତ୍ତି ସହିତ ସହଯୋଗୀ ସଂସ୍ଥା ଭିଭୋ, ବିଏସ୍‌ଏ ସାଇକଲ୍‌ସ, ଆମେରିକାନ୍ ଟୁରିଷ୍ଟର, ବୋଟ୍ ପକ୍ଷରୁ ଆକର୍ଷଣୀୟ ଉପହାର ଓ ଇଲେକ୍ଟ୍ରୋନିକ୍ସ ଗାଡ୍‌ଜେଟ୍ ପ୍ରଦାନ କରାଯାଇଥିଲା । ଉପ ବିଜେତମାନଙ୍କୁ ୫୦ ହଜାରଟଙ୍କା ଲେଖାଏଁ ଦିଆଯାଇଥିଲା । ୭-୧୦ ବର୍ଷ ବୟସ ବର୍ଗରେ କଳାରେ ତାମିଲନାଡୁର ଚାମ୍ପିଅନ୍ ଆଙ୍ଗଲୋଇଣ୍ଡିଆନ୍ ସ୍କୁଲର ଏସ୍ ତରୁଣିକା, ହସ୍ତକଳାରେ ତାମିଲନାଡୁର ସେନ୍ଥିଲ ପବ୍ଲିକ୍ ସ୍କୁଲର ପି ଯଶ୍ୱୀ, ସାହିତ୍ୟରେ କୋଲକାତାର ଆୱାରଲେଡିକୁଇନ୍ ଅଫ୍ ମିସନ୍‌ସ୍କୁଲର ଶରଣ୍ୟା ଘୋଷ ବିଜେତା ହୋଇଛନ୍ତି । ୧୧-୧୪ ବର୍ଷ ବୟସ ବର୍ଗରେ ପୁନେର ଭିବଗ୍ୟୋର ହାଇସ୍କୁଲ ଏନଆଇବିଏମ୍‌ର କାବ୍ୟାଗୁଗାଲେ କଳାରେ, ରାଜସ୍ଥାନର ପଦମପୁରର ନିଓଲର୍ଣ୍ଣିଂ ସ୍କୁଲର ମାଧବ ହସ୍ତକଳାରେ ଏବଂ ଓଡ଼ିଶାର ପୁରୀର ଓଡ଼ିଶା ଆଦର୍ଶବିଦ୍ୟାଳୟର ପ୍ରତୀକ ମିଶ୍ର ସାହିତ୍ୟରେ ବିଜୟୀ ଆକ୍ସିସବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଫିସର ଅନୁପ ମନୋହର କହିଛନ୍ତି ଯେ, 'ସ୍ପ୍ଲାସ୍‌କେବଳ ଏକ ପ୍ରତିଯୋଗିତା ନୁହେଁ, ଏହାହେଉଛି ଏକ ପ୍ଲାଟଫର୍ମ ଯେଉଁଠାରେ କଳା, ଚିତ୍ରାଙ୍କନ ଏବଂ ସାହିତ୍ୟ ମାଧ୍ୟମରେ ଯୁବ ମାନସିକତା ସେମାନଙ୍କର ଚିନ୍ତାଧାରା ଏବଂ କଳ୍ପନାକୁ ପ୍ରକାଶ କରିପାରିବେ । ଅମର ଚିତ୍ରକଥାର ଗ୍ରୁପ୍ ଆର୍ଟ ଡାଇରେକ୍ଟର ସାଭିଓ ମାସ୍କର୍ନେହାସ, ଏଲ୍‌ଏସ୍‌ରା ହେଜାସ୍କୁଲ୍ ଅଫ୍ ଆର୍ଟସ୍, ମୁମ୍ବାଇର ଶରଦ ତାୱଡେ ଓ ଆର୍ଟସୋସାଇଟି ଅଫ ଇଣ୍ଡିଆରକଳାକାର ବିକ୍ରାନ୍ତ ସିଟୋଲେଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀ ସମସ୍ତ ପ୍ରତିଯୋଗୀଙ୍କୁ ଅନୁଶୀଳନ କରି ବିଜେତା ଚୟନ କରିଥିଲେ ।

# ଆମାଜନ୍ ଗ୍ରାହକଙ୍କ ସଞ୍ଚୟ ବୃଦ୍ଧି

ନୂଆଦିଲ୍ଲୀ : ପ୍ରତିବର୍ଷ ଆମାଜନ ଗ୍ରାହକମାନେ କେବଳ ପ୍ରାଇମ ମେମ୍ବରସିପରେ ଅଧିକ ପରିମାଣର ସଂଚୟ କରୁଛନ୍ତି । ୨୦୨୪ ରେ ପ୍ରାଇମ୍ ସଦସ୍ୟମାନେ ଦ୍ରୁତତମ ଡେଲିଭରି ସମୟରୁ ଉପକୃତ ହୋଇଥିବା ସହିତ ପୂର୍ବ ଅପେକ୍ଷା ଅଧିକ ସଂଚୟ କରିଛନ୍ତି । ଆମାଜନ ଇଣ୍ଡିଆ ୨୦୨୪ ରେ ପ୍ରାଇମ ମେମ୍ବରମାନଙ୍କ ପାଇଁ ସବୁଠାରୁ ଦ୍ରୁତ ଗତିରେ ଡେଲିଭରି କରିଥିବାବେଳେ ସମାନ ଦିନ କିମ୍ବା ପରଦିନ ୪୧ କୋଟିରୁ ଅଧିକ ଆଇଟମ୍ ଡେଲିଭରି କରିଥିଲା । ପ୍ରାଇମ ସଦସ୍ୟମାନେ ମଧ୍ୟ ଗତ ବର୍ଷ ଦ୍ରୁତ, ମାଗଣା ଡେଲିଭରିରେ ହାରାହାରି ୩୩୦୦ ଟଙ୍କାରୁ ଅଧିକ ସଂଚୟ କରିଥିଲେ, ଯାହାକି ବାର୍ଷିକ ପ୍ରାଇମ୍ ସଦସ୍ୟତା ମୂଲ୍ୟର ଦୁଇ ଗୁଣରୁ ଅଧିକ । ବିଶ୍ୱସ୍ତରରେ ଆମାଜନ ପ୍ରାଇମ୍ ଗତ ବର୍ଷ ସମାନ କିମ୍ବା ପରଦିନ ସମଗ୍ର ବିଶ୍ୱରେ ୯ ବିଲିୟନ ରୁ ଅଧିକ ୟୁନିଟ୍ ପ୍ରଦାନ କରିଥିଲା ଏବଂ ସମଗ୍ର ବିଶ୍ୱର ସଦସ୍ୟମାନେ ଦ୍ରୁତ, ମାଗଣା ଡେଲିଭରିରେ ପାଖାପାଖି ୯୫ ବିଲିୟନ ଡଲାର ସଂଚୟ କରିଥିଲେ । 'ଆମର ଗ୍ରାହକମାନେ ଆମର ପ୍ରତ୍ୟେକ କାର୍ଯ୍ୟର କେନ୍ଦ୍ରରେ ଅଛନ୍ତି ଏବଂ ଏହା ଜାଣିବା ଅତ୍ୟନ୍ତ ଆନନ୍ଦର ବିଷୟ ଯେ ଆମେ କେବଳ ଦ୍ରୁତ ଡେଲିଭରି ସ୍ପିଡ୍ ସହିତ ଆମାଜନରେ ସେମାନଙ୍କ ସପିଂକୁ ମୂଲ୍ୟ ପ୍ରଦାନ କରିନାହୁଁ, ବରଂ ସେମାନଙ୍କୁ ସଂଚୟ କରିବାରେ ମଧ୍ୟ ସାହାଯ୍ୟ କରିଛୁ ବୋଲି ଆମାଜନ ପ୍ରାଇମ ସ୍ପିଡ ଆଣ୍ଡ ଫୁଲଫିଲମେଂଟ ଏକ୍ସପିରିଏନ୍ସ ଇଣ୍ଡିଆର ନିର୍ଦ୍ଦେଶକ ତଥା ମୁଖ୍ୟ ଅକ୍ଷୟ ସାହି କହିଛନ୍ତି । ଆମାଜନ ପ୍ରାଇମ ଆମାଜନ ଫ୍ରେସ ମାଧ୍ୟମରେ ଅଧିକ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ ୨ ଘଂଟା ର ବ୍ଲକ୍ ଏବଂ ୪ ଘଂଟା ମଧ୍ୟରେ ଗ୍ରୋସରୀ, ଗୃହପାଳିତ ପଶୁ, ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟ ସେବା ସାମଗ୍ରୀ, ଶିଶୁ ଉତ୍ପାଦ, ସଫେଇ ଉତ୍ପାଦ ଏବଂ କାର୍ଯ୍ୟାଳୟ ଯୋଗାଣ ସମେତ ବଜେଟ୍ ଅନୁକୂଳ ମୂଲ୍ୟରେ ଆବଶ୍ୟକ ଉତ୍ପାଦଗୁଡ଼ିକର ଏକ ଚୟନ ପ୍ରଦାନ କରୁଛି ।

# ବନ୍ଧନ ମ୍ୟୁଚୁଆଲ ଫଣ୍ଡ ନୂତନ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ : ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ-ଏଣ୍ଡେଡ ଟାର୍ଗେଟ ମାଚ୍ୟୁରିଟି ଇଣ୍ଡେକ୍ସ ଫଣ୍ଡ ବନ୍ଧନ କ୍ରିସିଲ-ଆଇବିଏକ୍ସ ୧୦:୯୦ ଗିଲ୍ଟ+ ଏସଡିଏଲ ଇଣ୍ଡେକ୍ସ - ଡିସେମ୍ବର ୨୦୨୯ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି ଫଣ୍ଡ୍‌ର ଶୁଭାରମ୍ଭ ଅବସରରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଳ କପୁର କହିଛନ୍ତି, 'ଏକ ନିର୍ଦ୍ଧାରିତ ମାଚ୍ୟୁରିଟି ତାରିଖ ଥିବା ଫଣ୍ଡରେ ନିବେଶ କରିବା ଦ୍ୱାରା ତାହା ନିବେଶକଙ୍କୁ ଉଚ୍ଚମାନର ଉତ୍ପାଦଗୁଡିକ ପାଇଁ ପହଂଚର ଅନୁମତି ଦେଇଥାଏ। ଯାହାକୁ ଯଦି ସ୍କିମର ମାଚ୍ୟୁରିଟି ପର୍ଯ୍ୟନ୍ତ ରଖାଯାଏ ତେବେ ରିଟର୍ଣ୍ଣର ଏକ ଯୁକ୍ତିଯୁକ୍ତ ଦୃଶ୍ୟମାନତା ସହ ସହଜ ତରଳତା ପ୍ରଦାନ କରିଥାଏ । ଏହାଛଡା ବର୍ତ୍ତମାନ ୪ରୁ ୫ ବର୍ଷରେ ପରିପକ୍ୱ ହେଉଥିବା ଏସ୍‌ଡିଏଲଗୁଡିକର ଚାହିଦା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି

କାରଣ ଆମେ ସୁଧ ହାର ହ୍ରାସ ଚକ୍ରରେ ପ୍ରବେଶ କରିଛୁ । ବନ୍ଧନ କ୍ରିସିଲ-ଆଇବିଏକ୍ସ ୧୦:୯୦ ଗିଲ୍ଟ + ଏସଡିଏଲ ଇଣ୍ଡେକ୍ସ- ଡିସେମ୍ବର ୨୦୨୯ ଫଣ୍ଡକୁ ଉନ୍ନତ ଅବଧି ଓ ଯୁକ୍ତିଯୁକ୍ତ ବୃଦ୍ଧି ସହିତ ଏକ ସାର୍ବଭୌମ-ସମର୍ଥିତ ପୋର୍ଟଫୋଲିଓ ପ୍ରଦାନ କରି ନିବେଶକଙ୍କୁ ପ୍ରି ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି ।' କର୍ପୋରେଟ ବଣ୍ଡ୍ କର୍ଭର ଲମ୍ବା ଅବଧି, ଅଧିକ ସମୟ ପାଇଁ ଏକ୍ସପୋଜର ଦେଉଥିବା ବେଳେ ଏହା ସୋଭରେନ କର୍ଭ ତୁଳନାରେ ଆକର୍ଷଣୀୟ ହୋଇନପାରେ । ଏହା ବିପରୀତରେ ସୋଭରେନ କର୍ଭରେ ଏକ ଇନ୍‌ଭର୍ସନର ଅନୁପସ୍ଥିତି ସୁନିଶ୍ଚିତ କରିଥାଏ ଯେ, ଏସ୍‌ଡିଏଲଗୁଡିକ ସୁଧ ହ୍ରାସ ଚକ୍ର ପାଇଁ ସାଂଗଠନିକ ଭାବେ ସୁବ୍ୟବସ୍ଥିତ ଅଟନ୍ତି, ଯାହା ଏକ ଅଧିକ ସନ୍ତୁଳିତ ଓ ଦକ୍ଷ ନିବେଶ ସୁଯୋଗ ଦେଇଥାଏ । ଏକାଧିକ ଢାଂଚାଗତ କାରଣଗୁଡିକ ଏସ୍‌ଡିଏଲ ପାଇଁ ଚାହିଦା ବୃଦ୍ଧି କରୁଛନ୍ତି । ଦୀର୍ଘାବଧି ଜି-ସେକ ଇସ୍ୟୁଆନ୍ସ ଓ ବାୟବ୍ୟାକ୍ ଉପରେ ସରକାରଙ୍କ ଗୁରୁତ୍ୱ ସ୍ୱଳ୍ପାବଧି ଜି-ସେକ୍‌ଗୁଡିକର ଯୋଗାଣକୁ ହ୍ରାସ କରୁଛି, ସମ୍ଭାବ୍ୟ ରୂପେ ରିଟର୍ଣ୍ଣ କମ୍ କରୁଛି ଏବଂ ଏସଡିଏଲ ଭଳି ଅନ୍ୟ ସୋଭରେନ ଆସେଟଗୁଡିକ ପାଇଁ ଚାହିଦା ବୃଦ୍ଧି କରୁଛି ।

# ମହା ଶିବରାତ୍ରି ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା

ନୂଆଦିଲ୍ଲୀ : ମହାକୁମ୍ଭ ୨୦୨୫ର ଶେଷ 'ଅମୃତ ସ୍ନାନ' ବୁଧବାର ଅନୁଷ୍ଠିତ ହେବ । ଉତ୍ତର ପ୍ରଦେଶ, ବିହାର, ମଧ୍ୟ ପ୍ରଦେଶ, ଝାଡ଼ଖଣ୍ଡ ଏବଂ ବଙ୍ଗଳା ସମେତ ବିଭିନ୍ନ ରାଜ୍ୟରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମରେ ପବିତ୍ର ବୁଡ଼ ପକାଇବା ପାଇଁ ପ୍ରୟାଗରାଜରେ ପହଞ୍ଚିଛନ୍ତି । ରବିବାର ଏବଂ ସୋମବାର ଦିନ, ବିହାରର ପାଟନା, ଦାନାପୁର, ମୁଜାଫରପୁର, ଗୟା, ସାସାରାମ, କଟିହାର, ଖଗାରିଆ, ସହର୍ସା, ଜୟନଗର ଏବଂ ଦରଭଙ୍ଗା ଭଳି ଷ୍ଟେସନ୍ ?ଗୁଡ଼ିକରେ ଯାତ୍ରୀଙ୍କ ସଂଖ୍ୟା ଅଧିକ ଥିଲା । ସେହିପରି, ଗୋରଖପୁର, ଲକ୍ଷ୍ନୌ, ଅଯୋଧ୍ୟା, ବାରାଣସୀ, କାନପୁର, ଗୋଣ୍ଡା, ଦିନଦୟାଲ ଉପାଧ୍ୟାୟ ଏବଂ ଝାନ୍ସୀ ସମେତ ଉତ୍ତର ପ୍ରଦେଶର ଷ୍ଟେସନ୍‌ଗୁଡ଼ିକରେ ପ୍ରୟାଗରାଜ ଯାଉଥିବା ଯାତ୍ରୀଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହୋଇଛି । ମଧ୍ୟପ୍ରଦେଶର ଚିତ୍ରକୂଟ, ଜବଲପୁର, ସତନା ଏବଂ ଖଜୁରାହୋ ଭଳି ଷ୍ଟେସନଗୁଡ଼ିକରେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା, ଯେତେବେଳେ ଝାଡ଼ଖଣ୍ଡର ଧନବାଦ, ବୋକାରୋ, ରାଞ୍ଚି, ଗଡ଼ୱା ଏବଂ ମେଦିନୀନଗର ଭଳି ଷ୍ଟେସନଗୁଡ଼ିକରୁ ବହୁ ସଂଖ୍ୟକ ଲୋକ ପ୍ରୟାଗରାଜ ଅଭିମୁଖେ ବାହାରିଥିଲେ । 'ଅମୃତ ସ୍ନାନ' ପରେ, ଲୋକଙ୍କ ଏବଂ ଭକ୍ତମାନଙ୍କର ଏକ ବଡ଼ ଭିଡ଼ ନିଜ ନିଜ ସହରକୁ ଫେରିବାର ଆଶା କରାଯାଉଛି, ଯାହା ଫଳରେ ରେଳ ଷ୍ଟେସନଗୁଡ଼ିକରେ ଭିଡ଼ ହୋଇପାରେ । ଏହାକୁ ଦୃଷ୍ଟିରେ ରଖି, ଉତ୍ତର କେନ୍ଦ୍ରୀୟ ରେଳବାଇ, ପୂର୍ବ ତଟ ରେଳବାଇ ଏବଂ ଉତ୍ତର ରେଳବାଇ ବ୍ୟାପକ ପ୍ରସ୍ତୁତି କରିଛନ୍ତି ଏବଂ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସତର୍କ ଏବଂ କର୍ତ୍ତବ୍ୟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୌନି ଅମାବାସ୍ୟା ଦିନ ରେଳବାଇ ସଫଳତାର ସହ ୩୬୦ ରୁ ଅଧିକ ଟ୍ରେନ ଚଳାଇଥିଲା, ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପରିବହନ କରିଥିଲା । ମହାଶିବରାତ୍ରି ସ୍ନାନ ପରେ, ଅତିରିକ୍ତ ଟ୍ରେନ ଚଳାଇବାର ଯୋଜନା କରାଯାଇଛି, ଏବଂ ପ୍ରୟାଗରାଜ ନିକଟବର୍ତ୍ତୀ ଷ୍ଟେସନଗୁଡ଼ିକରେ ଅତିରିକ୍ତ କୋଚ୍ ରଖାଯାଇଛି, ଯାହାକୁ ଆବଶ୍ୟକତା ଅନୁଯାୟୀ ବ୍ୟବହାର କରାଯିବ । ସୂତ୍ରରୁ ଜଣାପଡିଛି ଯେ ମହାକୁମ୍ଭ ସମୟରେ ପ୍ରାରମ୍ଭିକ ଯୋଜନା ପ୍ରାୟ ୧୩,୫୦୦ ଟ୍ରେନ ଚଳାଇବାର ଥିଲା । ମହାକୁମ୍ଭର ୪୨ତମ ଦିନ ସୁଦ୍ଧା, ୧୫,୦୦୦ ରୁ ଅଧିକ ଟ୍ରେନ୍ ଚଳାଚଳ କରାଯାଇଛି, ଯେଉଁଥିରେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ସାମିଲ ଅଛି । ସମଗ୍ର ବ୍ୟବସ୍ଥା ଉପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଡ଼ା ନଜର ରଖିଛନ୍ତି । ରେଳ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ ସତୀଶ କୁମାର ମଧ୍ୟ ନିରନ୍ତର ଟ୍ରେନ୍ ପରିଚାଳନା ଉପରେ ନଜର ରଖିଛନ୍ତି । ପ୍ରୟାଗରାଜର ବିଭିନ୍ନ ଷ୍ଟେସନରେ ୧୫୦୦ ରୁ ଅଧିକ ବାଣିଜ୍ୟିକ ବିଭାଗ କର୍ମଚାରୀ ଏବଂ ୩,୦୦୦ ରେଳ ସୁରକ୍ଷା ବଳ (ଜଚର) କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

# ଏସ୍‌ସିଆଇଏଲ୍ ପକ୍ଷରୁ ହୋଣ୍ଡା ଏଲିଭେଟ୍ ବିକ୍ରିର ରେକର୍ଡ

ନୂଆଦିଲ୍ଲୀ : ଭାରତରେ ଏକ ଅଗ୍ରଣୀ ପ୍ରିମିୟମ କାର୍ ଉତ୍ପାଦନକାରୀ ହୋଣ୍ଡା କାର୍‌ସ୍ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ୍) ଏହାର ବୈଶ୍ୱିକ ଏସ୍‌ୟୁଭି ମଡେଲ ହୋଣ୍ଡା ଏଲିଭେଟ୍‌ର ଉଭୟ ଘରୋଇ ଏବଂ ତାହାସହିତ ଆଂର୍ଜାତିକ ବଜାରରେ ସଫଳତାକୁ ନେଇ ଏହାର ମୋଟ ବିକ୍ରି ୧ ଲକ୍ଷ ମାଇଲଖୁଣ୍ଟକୁ ଅତିକ୍ରମ କରିବା ସଫଳତା ହାସଲ କରିଛି । ଏଲିଭେଟ୍ ସ୍ୱତନ୍ତ୍ର ଭାବରେ ଭାରତରେ ନିର୍ମାଣ କରାଯାଉଛି ଏବଂ ସମ୍ପ୍ରତି ଏହା ଏଚସିଆଇଏଲ୍‌ର ରାଜସ୍ଥାନର ତପୁକାରାସ୍ଥିତ ଉତ୍ପାଦନ କାରଖାନାରେ ତିଆରି କରାଯାଉଛି । କମ୍ପାନୀ ଭାରତରେ ମୋଟ ୫୩,୩୨୬ ୟୁନିଟ ଏଲିଭେଟ ବିକ୍ରି କରିଛି ଏବଂ ଜାପାନ, ଦକ୍ଷିଣ ଆଫ୍ରିକା, ନେପାଳ ଓ ଭୁଟାନ ଆଦି ରାଷ୍ଟ୍ରକୁ ୨୦୨୫ ଜାନୁଆରୀ ସୁଦ୍ଧା ୪୭,୬୫୩ ୟୁନିଟ ରପ୍ତାନି କରିଛି । ଏଲିଭେଟ୍ ପ୍ରଥମେ ଭାରତରେ ୨୦୨୩ ସେପ୍ଟେମ୍ବରରେ ବଜାର ପ୍ରବେଶ କରିଥିଲା ଏବଂ ଖୁବଶୀଘ୍ର ଏଚସିଆଇଏଲ ପାଇଁ ମଜଭୁତ ବ୍ୟବସାୟିକ ଖମ୍ବରେ ପରିଣିତ ହୋଇଥିଲା । ଏହି ନୂଆ ଉତ୍ପାଦ ସଫଳତାର ସହିତ ପ୍ରତଦ୍ୱନ୍ଦ୍ୱିତାମୂଳକ ଘରୋଇ ଏସ୍‌ୟୁଭି ବଜାରରେ ନିଜକୁ ସଫଳତାର ସହିତ ପ୍ରତିଷ୍ଠିତ କରାଇଛି ଏବଂ କାର୍ ଅଫ ଦି ଇୟର, ଭିୟୁର୍ସ ଚଏସ କାର୍ ଅଫ ଦି ଇୟର, ଏସ୍‌ୟୁଭି ଅଫ ଦି ଇୟର ଆଦି ବହୁ ପ୍ରଶଂସା ଓ ସମ୍ମାନ ମିଡିଆ ହାଉସ୍‌ଗୁଡିକରୁ ହାସଲ କରିବା ସହିତ ୨୦ରୁ ଅଧିକ ସମ୍ମାନଜନକ ଅଟୋମୋବାଇଲ ଶିଳ୍ପର ପୁରସ୍କାର ହାସଲ କରିସାରିଛି । ଏହି କାର୍ ତାହାର ମଜଭୁତ ଗ୍ରାହକ ଭିତ୍ତି ସହିତ ଉତ୍ତମ ଭାବରେ ସମ୍ପର୍କ ରଖିଛି ଏବଂ ସେମାନଙ୍କ ନିକଟରୁ ଉଚ୍ଚସ୍ତରର ସୁପାରିଶ ମଧ୍ୟ ଉପଭୋଗ କରୁଛି । ଏଲିଭେଟ କମ୍ପାନୀର ପ୍ରଥମ ଭାରତ ନିର୍ମିତ ମଡେଲ ଯାହା ଜାପାନକୁ ରପ୍ତାନି କରାଯାଇଥିଲା ଏବଂ ଏହା ନିଜର ବୈଶ୍ୱିକ ପହଞ୍ଚକୁ ସମ୍ପ୍ରସାରିତ କରିବା ସହିତ ଭାରତରେ ତାହାର ଉତ୍ପାଦନ କାରଖାନାଗୁଡିକରୁ ବୈଶ୍ୱିକ ଗୁଣମାନର କାର୍ ଉତ୍ପାଦନ କରିବା ନିମନ୍ତେ ଏଚସିଆଇଏଲ୍‌ର ପ୍ରତିବଦ୍ଧତାକୁ ପୁନଃସୁଦୃଢ଼ କରିଥିଲା । ଏଚସିଆଇଏଲ ପାଇଁ ଏଲିଭେଟ ସର୍ବବୃହତ ରପ୍ତାନି କ୍ଷେତ୍ରକୁ ଅବଦାନକାରୀ ମଡେଲ ହୋଇଛି । ୨୦୨୩ରେ ହୋଣ୍ଡା ଏଲିଭେଟ୍ ରପ୍ତାନି ଆରମ୍ଭ ହେବା ଦିନଠାରୁ ଏହା କମ୍ପାନୀକୁ ତାହାର ରପ୍ତାନି ବ୍ୟବସାୟ ୨୦୨୩-୨୪ ଆର୍ଥିକ ବର୍ଷରେ ୬୫ ପ୍ରତିଶତ ଏବଂ ଚଳିତ ଆର୍ଥିକ ବର୍ଷରେ (ଏପ୍ରିଲ ୨୦୨୪-ଜାନୁଆରୀ ୨୦୨୫ ଅବଧି) ୯୨% ରୁ ଅଧିକ ବୃଦ୍ଧି କରିବାରେ ସହାୟକ ହୋଇଛି । ଏହି ସଫଳତା ସମ୍ପର୍କରେ ପ୍ରକାଶ କରି କୁନାଲ ବେହଲ, ଭାଇସ ପ୍ରେସିଡେଣ୍ଟ, ମାର୍କେଟିଂ ଆଣ୍ଡ ସେଲ୍ସ, ହୋଣ୍ଡା କାର୍‌ସ୍ ଇଣ୍ଡିଆ ଲିମିଟେଡ କହିଥିଲେ, 'ଏଲିଭେଟ ନିମନ୍ତେ ମୋଟ ୧ ଲକ୍ଷ ୟୁନିଟ ବିକ୍ରି ମାଇଲଖୁଣ୍ଟ ହାସଲ କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଛି ଯାହା ଭାରତର ଘରୋଇ ଏସ୍‌ୟୁଭି ବଜାରରେ ହୋଣ୍ଡାର ଉପସ୍ଥିତିକୁ ସୁଦୃଢ଼ୀକରଣ କରିଛି ଏବଂ ଭାରତରୁ ଏହାର ମଜଭୁତ ରପ୍ତାନି ବ୍ୟବସାୟକୁ ପ୍ରତିଫଳିତ କରୁଛି । 'ଅର୍ବାନ ଫ୍ରିଷ୍ଟାଇଲର' ଭଳି ଏକ ଚିନ୍ତାଧାରା ଉପରେ ବିକଶିତ ଏଲିଭେଟ୍ ସକ୍ରିୟ ଜୀବନଶୈଳୀ ଏବଂ ବୈଶ୍ୱିକ ମାନସିକତାକୁ ନେଇ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲକ୍ଷ୍ୟ ରଖୁଛି, ଏବଂ ଏହା ସର୍ବାଧୁନିକ ସମୟର ସୌନ୍ଦର୍ଯ୍ୟବୋଧକୁ କାର୍ଯ୍ୟକାରିତା ସହିତ ସମ୍ମିଶ୍ରିତ କରି ଦୃଶ୍ୟଗତ ଭାବରେ ଆଖି ଝଲସାଇବା ଭଳି, ଅତୁଳ୍ୟ ଭାବରେ ବିବିଧକୃତ, ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ଫନ୍-ଟୁ-ଡ୍ରାଇଭ ଏସ୍‌ୟୁଭି ସୃଷ୍ଟି କରୁଛି ଯାହା ସହର ପରିସୀମା ମଧ୍ୟରେ ଓ ବାହାରେ ରୋମାଞ୍ଚକର ଅନୁଭୂତି ନେବାକୁ ପ୍ରସ୍ତୁତ ରହିଛି । ଅଲ୍ ନ୍ୟୁ ଏଲିଭେଟରେ ହୋଣ୍ଡାର ବୈଶ୍ୱିକ ମାନର ନିରାପତ୍ତା ରହିଛି ଯାହା ଏକାଧିକ ସକ୍ରିୟ ଏବଂ ପରୋକ୍ଷ ଉନ୍ନତ ନିରାପତ୍ତା ବୈଶିଷ୍ଟ୍ୟ ଯୋଗାଇ ଦେଇଛି, ଯେଉଁଥିରେ ନବୋନ୍ମେଷୀ ଆଡଭାନ୍‌ସଡ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ-ହୋଣ୍ଡା ସେନ୍‌ସିଂ ସମେତ ଅନ୍ୟାନ୍ୟ ବୈଶିଷ୍ଟ୍ୟ ରହିଛି । ଗ୍ରାହକମାନଙ୍କୁ ବହୁବିଧ କିସମ ଓ ପସନ୍ଦ ଯୋଗାଇଦେବାକୁ ଏଚସିଆଇଏଲ ଏଲିଭେଟ୍‌ର ଆପେକ୍ସ ସଂସ୍କରଣ ଏବଂ ବ୍ଲାକ୍ ସଂସ୍କରଣ ପ୍ରଚଳନ କରିଛି ଯାହା ଗ୍ରାହକଙ୍କ ଦ୍ୱାରା ଅତି ଭଲ ଭାବରେ ଆଦୃତ ହୋଇଛି । ଏଲିଭେଟ୍ ଇ୨୦ (୨୦% ଇଥାନଲ ମିଶ୍ରିତ) ପେଟ୍ରୋଲ କମ୍ପ୍ଲାଏଣ୍ଟ ଯାହା ଦୀର୍ଘସ୍ଥାୟୀ ଗମନାଗମନ ଏବଂ ସବୁଜ ଓ ସ୍ୱଚ୍ଛ ପରିବହନ ଆଡକୁ ଭାରତର ରୂପାଂରଣକୁ ସମର୍ଥନ କରିବା ନିମନ୍ତେ ହୋଣ୍ଡାର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି ।



ନୂଆଦିଲ୍ଲୀ: ଭାରତର ପରବର୍ତ୍ତୀ ଅଧିନାୟକ କିଏ ହେବ ସେ ନେଇ ବହୁ ତର୍କମା ଚାଲିଛି। ବିଶେଷ କରି ରୋହିତ ଶର୍ମା ବର୍ତ୍ତମାନ ନିଜ କ୍ରିକେଟ କ୍ୟାରିୟରର ଅନ୍ତିମ ପର୍ଯ୍ୟାୟରେ ଅଛନ୍ତି। ଏହିଭଳି ପରିସ୍ଥିତିରେ ଭାରତର ପରବର୍ତ୍ତୀ ଅଧିନାୟକ କିଏ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ବର୍ତ୍ତମାନ ସୁଦ୍ଧା ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) କୌଣସି ଘୋଷଣା କରିନଥିବାବେଳେ କ୍ରିକେଟ୍ ବିଶେଷଜ୍ଞ ଓ ପୂର୍ବତନ ଖେଳାଳିମାନେ ନିଜ ନିଜର ମତ ଦେଉଛନ୍ତି। ତେବେ ଭାରତୀୟ କ୍ରିକେଟର ଶିଖର ଧୱନ ଗିଲଙ୍କୁ ଟିମ୍ ଇଣ୍ଡିଆର ପରବର୍ତ୍ତୀ ଅଧିନାୟକ କରିବା ନେଇ ମତ ରଖିଛନ୍ତି। ଗିଲ୍ ବର୍ତ୍ତମାନ ଟିମ ଇଣ୍ଡିଆର ଉପ-ଅଧିନାୟକ ରହିଛନ୍ତି। ଗିଲଙ୍କ ପ୍ରଦର୍ଶନ ଏବଂ ନେତୃତ୍ୱ ନେବା କ୍ଷମତା ସମସ୍ତଙ୍କୁ ପ୍ରଭାବିତ କରୁଥିବା ବେଳେ ରୋହିତଙ୍କ ପରେ ସେ ହିଁ ଏହି ଦାୟିତ୍ୱ ବହନ କରିବାକୁ ଉପଯୁକ୍ତ ବୋଲି ସେ ଦାବି କରିଛନ୍ତି। ତାଙ୍କର ଶାନ୍ତ ସ୍ୱଭାବ ଓ ଅତ୍ୟଧିକ ଚାପରେ ମଧ୍ୟ ଇନିଂସକୁ ସମ୍ଭାଳିବାର କ୍ଷମତା ତାଙ୍କ ପାଖରେ ରହିଛି। ଅପରପକ୍ଷରେ ବାଂଲାଦେଶ ବିପକ୍ଷରେ ଗିଲ୍ ଶତକ ହାସଲ କରି ଭାରତର ସ୍ଥିତିକୁ ସୁଦୃଢ଼ କରିପାରିଥିଲେ। ସେହିପରି ପାକିସ୍ତାନ ବିପକ୍ଷରେ ମଧ୍ୟ ସେ ଭଲ ପ୍ରଦର୍ଶନ କରିଥିଲେ।

## ଆଇସିସି ଚାମ୍ପିୟନ୍ସ ଟ୍ରଫି : ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବାତିଲ



ରାୱଲପିଣ୍ଡି : ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର ସପ୍ତମ ମ୍ୟାଚ୍ ମଙ୍ଗଳବାର ରାୱଲପିଣ୍ଡିରେ ବିଶ୍ୱ ବିଜେତା ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାର ଥିଲା, କିନ୍ତୁ ବର୍ଷା ସମସ୍ତ ଆଶାକୁ ଧୂଳିସାତ କରିଦେଇଛି । ଲଗାଣ ବର୍ଷା କାରଣରୁ ମ୍ୟାଚରେ ଟସ୍ ମଧ୍ୟ ପଡ଼ିପାରି ନ ଥିଲା। ମ୍ୟାଚ୍ ଆରମ୍ଭ ହେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ପରିସ୍ଥିତି ଅଧିକ ଖରାପ ହେବାରୁ ମ୍ୟାଚ ରେଫରୀ ମ୍ୟାଚକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ସାଢ଼େ ୨ଟାରେ ଆରମ୍ଭ ହେବାର ଥିଲା, କିନ୍ତୁ ବର୍ଷା ଯୋଗୁଁ ଟସ୍ ବିଳମ୍ବ ହୋଇଥିଲା। ଅପରାହ୍ନ ୨ଟାରେ ଟସ୍ ହେବାର ଥିଲା, କିନ୍ତୁ ହାଲୁକା ବର୍ଷା ଯୋଗୁଁ ଉଭୟ ଅଧିନାୟକ ପଡ଼ିଆକୁ ଆସି ପାରିନଥିଲେ। ଏହି ସମୟରେ ପିଚ୍‌କୁ କଭର କରାଯାଇଥିଲା। ମ୍ୟାଚ୍ ଆରମ୍ଭ ହେବା ପାଇଁ ପ୍ରାୟ ୪ ଘଣ୍ଟା ଅପେକ୍ଷା ରହିଥିଲେ ହେଁ ଶେଷରେ ଏହାକୁ ବାତିଲ କରାଯାଇଥିଲା। ଚାମ୍ପିୟନ୍ସ ଟ୍ରଫି ଟୁର୍ଣ୍ଣାମେଣ୍ଟ ଇତିହାସରେ ଚତୁର୍ଥ ଥର ପାଇଁ ଅଷ୍ଟ୍ରେଲିଆର ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଛି। ଏଥିଯୋଗୁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ପ୍ରଦାନ କରାଯାଇଛି। ଉଭୟ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ୨ ମ୍ୟାଚରୁ ୩ ଲେଖାଏ ପଏଣ୍ଟ ସହ ଗ୍ରୁପ-ବି'ରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚର ଏଭଳି ଫଳାଫଳ ଯୋଗୁ ବୁଧବାର ଇଂଲଣ୍ଡ ଓ ଆଫଗାନିସ୍ତାନ ମଧ୍ୟରେ ହେବାକୁ ଥିବା ଲିଗ ମ୍ୟାଚର ଗୁରୁତ୍ୱ ବୃଦ୍ଧି ପାଇଛି। ଲାହୋରରେ ହେବାକୁ ଥିବା ଏହି ମ୍ୟାଚରେ ପରାଜିତ ହେବାକୁ ଥିବା ଦଳ ସେମିଫାଇନାଲ ଦୌଡ଼ରୁ ବାଦ ପଡ଼ିବା ନିଶ୍ଚିତ ହୋଇଛି।

## ମା' ବରୁଣେଇ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ନନ୍ଦଳା ମା' ବରୁଣେଇ କ୍ଲବ ଦ୍ୱାରା ଆୟୋଜିତ ୩୭ତମ କ୍ରିକେଟ ଟୁର୍ନାମେଣ୍ଟର ୫ମ ଜଗଦୀଶ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ବୃନ୍ଦାବତୀ ଷ୍ଟାଡିୟମଠାରେ ଦୀର୍ଘ ପନ୍ଦର ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଓ ବାହାର ଜିଲ୍ଲାର ପ୍ରତିଷ୍ଠିତ କ୍ରିକେଟ ଦଳ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନ ଉତ୍ସବରେ ଭୁବନେଶ୍ୱର ପୋଲିସ ଟିମ ଓ ଗଞ୍ଜାମ ଜିଲ୍ଲା ସୁବଳୟା ଗୋପାଳ କୃଷ୍ଣ କ୍ରିକେଟ ଟିମ ମଧ୍ୟରେ ଖେଳ ପ୍ରତିଯୋଗିତା ହୋଇଥିଲା। ପ୍ରଥମେ ଭୁବନେଶ୍ୱର ପୋଲିସ କ୍ରିକେଟ ଟିମ ଟସ ଜିଣି ନିର୍ଧାରିତ ୨୦ଓଭରରେ ୧୫୯ରନ କରିଥିବା ବେଳେ ପ୍ରତିଯୋଗୀ ଗଞ୍ଜାମ ଜିଲ୍ଲା ସୁବଳୟା ଗୋପାଳକୃଷ୍ଣ କ୍ରିକେଟ ଟିମ ୪ଉଇକେଟ ହରାଇ ୧୮ଓଭରରେ ବାଜି ମାରିଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗଦେଇ ବିଜତା ଦଳ ଓ ପ୍ରତିପକ୍ଷଙ୍କୁ ସିଲ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ଗ୍ରାମ୍ୟ ପରିଚାଳନା କମିଟ ସଭାପତି ମାଗୁଣୀ ନାୟକ ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ବିଶୋଇ କେଦାର କୁମାର ନାୟକ ନଗେନ କୁମାର ବିଶୋଇ ଅନୁଷ୍ଠାନର ସମ୍ପାଦକ ପିକୁ ନାୟକ କଲ୍ୟାଣ ସ୍ୱାଇଁ କ୍ରୀଡା ସମ୍ପାଦକ ଟିଟୁ ନାୟକ ବରିଷ୍ଠ ସଭ୍ୟ ଉଲ୍ଲାସ ନାୟକ ଯୁଧିଷ୍ଠିର ନାୟକ ଓ କ୍ଲବର ସମସ୍ତ ସଭ୍ୟଙ୍କ ସାହାଯ୍ୟ ସହ ଯୋଗ ତଥା ଅମ୍ପାୟାର ସୁବାସ ନାୟକ ପ୍ରଶାନ୍ତ ନାୟକଙ୍କ ଦ୍ୱାରା ଖେଳ ଶୃଙ୍ଖଳିତ ଭାବେ ସମ୍ପାଦନ ହୋଇଥିବା ବେଳେ ଶିକ୍ଷାବିତ ବିଷ୍ଣୁ ପ୍ରଶାଦ ଦଳେଇ ପରିଚାଳନା କରିଥିଲେ।



## ବ୍ୟାସନଗରରେ ବଡି ବିଲ୍ଡିଂ ପ୍ରତିଯୋଗିତା



ବ୍ୟାସନଗର (ଭାସ୍କର ନ୍ୟୁଜ୍) : ବ୍ୟାସନଗରସ୍ଥିତ ସଂସ୍କୃତି ଭବନରେ ଲାଇଫଲୁମ କ୍ଲାସିକ ଅତ୍ୟାଧୁନିକ ଜିମ ସେଣ୍ଟର ଓ ଓଡିଶା ବଡି ବିଲଡିଂ ଏବଂ ଫିଟନେସ ଆସୋସିଏସନର ମିଳିତ ସହଯୋଗରେ ବଡି ବିଲଡିଂ ପ୍ରତିଯୋଗିତା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲାଇଫ ଲୁମ କ୍ଲାସିକର ଯୁବ ପତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଡ଼ଭୋକେଟ ଦୀପକ କୁମାର ବାରିକ ସଭାପତିତ୍ୱ କରିଥିବା ବେଳେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଯାଜପୁରରୋଡର ପ୍ରାକ୍ତନ ଅଧକ୍ଷ ତଥା କ୍ରିଷ୍ଟା ଇଣ୍ଟରନେଶନାଲ ସ୍କୁଲର ଅଧକ୍ଷ ଡ କୁଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବସମାଜକୁ ନିଜର ଶାରୀରିକ, ମାନସିକ ଓ ଆବେଗିକ ସ୍ୱାସ୍ଥ୍ୟ ଉପରେ ସଚେତନ ରହିବା ସହ ସାମାଜିକ ସଂସ୍କାର ପାଇଁ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ। ବ୍ୟାସନଗର ଅଗ୍ନିଶମ କେନ୍ଦ୍ରର ମୁଖ୍ୟ ଅଧିକାରୀ ତାପସ କୁମାର ମନ୍ତ୍ରୀ, ଅନ୍ତର୍ଜାତୀୟ କ୍ରୀଡ଼ାବିତ ବଜ୍ରବାହୁ ସୀମାନ୍ତ କେଶରୀ ସାମଲ ଏହି ଉଦ୍ୟମକୁ ପ୍ରଶଂସା କରିବାସହ ଆଗାମୀବର୍ଷ ଅନ୍ୟ ଜିମ ସେଣ୍ଟରମାନଙ୍କୁ ଏହି କାର୍ଯକ୍ରମରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶହେ କୋଡିଏରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗନେଇ ଉଚକୋଟିର ଶରୀର ଗଠନର ପ୍ରଦର୍ଶନ କରିଥିଲେ। ଓଡିଶା ବଡି ବିଲଡିଂ ଆସୋସିଏସନର କର୍ମକର୍ତ୍ତା ଏସ କେ ମନ୍ଟୁ, ମୁଜାହିଦ ମିର୍ଜା, ଏସ କେ ୟାସିନ, ଅନିଲ କୁମାର ପାଣି,ଏସ କେ ମୁସ୍ତାକ, ନାରାୟଣ ପଟ୍ଟନାୟକ ପ୍ରଭୃତି ଯୋଗଦେଇ ଏହାକୁ ସୁଚାରୁ ରୂପେ ପରିଚାଳନା କରି ଯୋଗ୍ୟ ପ୍ରତିଯୋଗୀ ଚୟନ କରି ଟ୍ରଫି ଓ ପଦକ ପ୍ରଦାନ କରିବା ଦିଗରେ ସହାୟତା ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ନିତ୍ୟାନନ୍ଦ ମହାଲିକ ତଥା ଅନ୍ୟାନ୍ୟ ବୈଦ୍ୟୁତିକ ଓ ମୁଦ୍ରଣ ସାମ୍ବାଦିକ ମାନେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲାଇଫ ଲୁମର ସମସ୍ତ କର୍ମକର୍ତ୍ତା ଓ ସହଯୋଗୀ ଚିନ୍ମୟ ଓଝା, ପ୍ରଦୀପ ମଲିକ, ସୌମ୍ୟରଂଜନ ଆଇଚ, ଦୀନେଶ ମଲ୍ଲିକ, ଅକ୍ଷୟ ମଲ୍ଲିକ, ଆଶୀର୍ବାଦ ବାରିକ, ଶିବାନନ୍ଦ ମହାଲିକ, ଶୁଭମ ଜେନା, ଏସ କେ ଅବଦୁଲ, ଅମ୍ଳାନ ସାହୁ, ଗୁଣ ସ୍ୱାଇଁ, ସୋନୁ ଓଝା, ପପୁ ବାରିକ, ରୋନୀ ମଲ୍ଲିକ, ଜ୍ୟୋତି ମଲ୍ଲିକ, ଭାଗ୍ୟ ଲକ୍ଷ୍ମୀ ରାଉତ, ସ୍ୱର୍ଣ ଲକ୍ଷ୍ମୀ ବଳ, ବରନ୍ୟା ସାହୁ, ଶଙ୍କର ରାଓ, ସତ୍ୟଜିତ ପରିଡା, ଅମରେନ୍ଦ୍ର ବେହେରା, ଦେବେନ୍ଦ୍ର ରାଉତ, ମାନସ ମହାପାତ୍ର ପ୍ରଭୃତି ସହଯୋଗ କରିଥିଲେ।

### ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲ୍‌ରେ ରାଇରଙ୍ଗପୁର ଓ ଡିଆର୍‌କେ(ବି)



ବାରିପଦା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୁରଭଞ୍ଜ ଜିଲ୍ଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରୁପ ବି ର ଶେଷ ମ୍ୟାଚରେ କରଞ୍ଜିଆ କ୍ଲବ ମୟୁରଭଞ୍ଜ ରେଡ କ୍ଲବକୁ ୧୭୦ ରନରେରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କରଞ୍ଜିଆ ୩୦ ଓଭରରେ ୯ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଭବେଶ ବେହେରା ୩୭, ସାହିଲ କୁମାର ମହାନ୍ତ ୩୨ ଓ ପୁରୁଷୋତ୍ତମ ଦାସ ୩୦ ରନ କରିଥିା ବେଳେ ବିପକ୍ଷ ଦଳର ଶୁଭମ ମହାନ୍ତି, ବିରୁ ଟୁଡୁ, ନବନୀତ ବେହେରା ଓ ତୁଷାର ମହାକୁଡ଼ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ମୟୁରଭଞ୍ଜ ରେଡ ୯.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୫ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ପ୍ରିତମ ଆଚାର୍ଯ୍ୟ ୨୨ ରନ କରିଥିବା ବେଳେ ବିପକ୍ଷ ଦଳର ଅଭିଜିତ ପ୍ରସାଦ ଘଣା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଲୋକନାଥ ପୃଷ୍ଟି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ରାଇରଙ୍ଗପୁର ଓ ଡି ଆର କେ (ବି ) ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ମିର ବକାଉଲ୍ଲାଙ୍କୁ ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ସହରର ଫକିରାବାଦସ୍ଥିତ ସ୍ୱର୍ଗତ ମିର ମତିଉଲ୍ଲାଙ୍କ ସୁଯୋଗ୍ୟ ସନ୍ତାନ ପୂର୍ବତନ ଫୁଟବଲ ଖେଳାଳୀ ମିର ବକାଉଲ୍ଲାଙ୍କୁ 'ଶ୍ରେଷ୍ଠ କ୍ରୀଡା ସମ୍ମାନ'ରେ ସମ୍ମାନୀତ କରାଯାଇଛି। କେନ୍ଦ୍ରାପଡା ଟାଉନ ହାଇସ୍କୁଲ ଖେଳ ପଡିଆରେ ଆଜାଦ କ୍ଲବ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମିର ବକାଉଲ୍ଲାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ 'ଶ୍ରେଷ୍ଠ କ୍ରୀଡା ସମ୍ମାନ'ରେ ସମ୍ମାନୀତ କରିଥିଲେ। ମିର ବକାଉଲ୍ଲା ୧୯୭୮ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଆଜାଦ୍ କ୍ଲବର ଜଣେ ଦକ୍ଷ ଫୁଟବଲ ଖେଳାଳୀ ଭାବେ ରାଜ୍ୟର ପୁରୀ, କଟକ, ଯାଜପୁର, ଢେଙ୍କାନାଳ, ବାଙ୍କି ପ୍ରଭୃତି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି କ୍ଲବ ତଥା କେନ୍ଦ୍ରାପଡା ଅଞ୍ଚଳ ପାଇଁ ସୁନାମ ଆଣିଦେଇଥିଲେ। ଏଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ମଧ୍ୟ କରାଯାଇଥିଲା। ସେ ଜଣେ କ୍ରୀଡାପ୍ରେମୀ, ପରୋପକାରୀ ଓ ସମାୟାନୁବର୍ତ୍ତୀ ବ୍ୟକ୍ତି ଭାବରେ ସାଧାରଣରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରପାରିଛନ୍ତି।



## ନାଲି ବଲ୍‌ରେ ଅଭ୍ୟାସ କରିବ ଟିମ୍ ଇଣ୍ଡିଆ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳ ଏବେ ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ଦୁବାଇ ଗସ୍ତରେ ଅଛି। ସେଠାରେ ପ୍ରଭାବୀ ପ୍ରଦର୍ଶନ କରି ଦଳ ସେମିଫାଇନାଲରେ ପ୍ରବେଶ କରିସାରିଛି । ଚାମ୍ପିୟନ୍ସ ଟ୍ରଫି ପରେ ଭାରତରେ ଆଇପିଏଲ ଆରମ୍ଭ ହେବ । ଆଗକୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଖେଳାଯିବାକୁ ଥିବାରୁ ବିସିସିଆଇ କେତେକ କଠୋର ନିଷ୍ପତ୍ତି ନେବାକୁ ଯାଉଛି । ଆଇପିଏଲ ପରେ ଭାରତ ପୂର୍ବରୁ ଖେଳିବା ଟେଷ୍ଟ ସିରିଜରେ ଭଲ ପ୍ରଦର୍ଶନ କରିପାରି ନାହିଁ। ଏହାକୁ ଦେଖି ଆଇପିଏଲ ଖେଳୁଥିବା ବେଳେ ଭାରତୀୟ ଖେଳାଳିମାନଙ୍କୁ ନାଲି ବଲରେ ମଧ୍ୟ ଅଭ୍ୟାସ ଜାରୀ ରଖିବାକୁ କୁହାଯାଇଛି । ଅବଶ୍ୟ ଏ ସମ୍ପର୍କରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ । ଆଇପିଏଲ ୨୨ ମାର୍ଚ୍ଚରୁ ମେ ୨୫ ପର୍ଯ୍ୟନ୍ତ ଖେଳାଯିବ । ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜୁନ ୨୦ରୁ ଆରମ୍ଭ ହେବ । ୨୦୧୧ ଆଇପିଏଲ ପରେ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଟିମ ୦-୪ରେ ସିରିଜ ହାରିଥିଲା । ସେହିପରି ୨୦୧୮ରେ ମଧ୍ୟ ୧-୪ରେ ପରାଜିତ ହୋଇଥିଲା । ୨୦୨୧ରେ ଅବଶ୍ୟ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ୨-୨ ସମାନ ସ୍ଥିତିରେ ରହିଥିଲା । ଏବେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେଉଥିବାରୁ ଭାରତ ସତର୍କ ରହିଛି ।

## ଡିସିର ସହାୟକ କୋଚ୍ ହେଲେ ମାଥ୍ୟୁ ମଟ



ନୂଆଦିଲ୍ଲୀ: ଇଂଲଣ୍ଡର ପୂର୍ବତନ ଧଳା ବଲ କୋଚ ମାଥ୍ୟୁ ମଟଙ୍କୁ ମଙ୍ଗଳବାର ଆଗାମୀ ଆଇପିଏଲ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି) ଦଳର ସହାୟକ କୋଚ ଭାବେ ନିଯୁକ୍ତ କରାଯାଇଛି। ୫୧ ବର୍ଷୀୟ ମଟ ମୁଖ୍ୟ କୋଚ ହେମଙ୍ଗ ବଦାନୀଙ୍କୁ ସହାୟତା କରିବେ। ଗତ ବର୍ଷ ଅକ୍ଟୋବରରେ ବଦାନୀଙ୍କୁ ଦଳର ମୁଖ୍ୟ କୋଚ ନିଯୁକ୍ତ କରାଯାଇଥିଲା। ଦିଲ୍ଲୀ ଫ୍ରାଞ୍ଚାଇଜିର ସପୋର୍ଟ ଷ୍ଟାଫ ଦଳରେ କ୍ରିକେଟର ନିର୍ଦ୍ଦେଶକ ଭାବେ ଭେନୁଗୋପାଳ ରାଓ ଓ ବୋଲିଂ କୋଚ ଭାବେ ମୁନାଫ ପଟେଲ ରହିଛନ୍ତି। ପୂର୍ବତନ ଫାଷ୍ଟ-କ୍ଲାସ କ୍ରିକେଟର ୬୬ ମ୍ୟାଚରେ ୩,୫୦୦ରୁ ଉର୍ଦ୍ଧ୍ୱ ରନ୍? କରିଥିଲେ। ସେ ଗତ ବର୍ଷ ଜୁଲାଇରେ ଇଂଲଣ୍ଡ ଦଳର କୋଚ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ମାର୍ଗଦର୍ଶନରେ ଇଂଲଣ୍ଡ ୨୦୨୨ରେ ଅଷ୍ଟ୍ରେଲିଆରେ ଟି-୨୦ ବିଶ୍ୱକପ୍ ଜିତିଥିଲା। ମଟ ପୂର୍ବରୁ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ (କେକେଆର) ସହିତ ସହାୟକ କୋଚ ଭାବେ କାର୍ଯ୍ୟ କରିଥିଲେ। ପ୍ରଥମ ଆଇପିଏଲ ଟାଇଟଲ ଲକ୍ଷ୍ୟରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ମାର୍ଚ୍ଚ ୨୪ ତାରିଖରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସଜି) ବିପକ୍ଷ ମ୍ୟାଚରୁ ତା'ର ଅଭିଯାନ ଆରମ୍ଭ କରିବ।

### ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିୟାନସିପ୍

## ଇଲେକ୍ଟ୍ରିକାଲ ଓ ପାୱାର ଦଳ ଚାମ୍ପିଅନ୍



ରାଉରକେଲା: ସେଲ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀ ଭିତ୍ତିକ ପ୍ରୟାସ ପଞ୍ଚଦଶ ଇସ୍ପାତ ସିନର୍ଜି କ୍ରିକେଟ୍ ଚାମ୍ପିଅନସିପ୍- ୨୦୨୫ରେ ଇଲେକ୍ଟ୍ରିକଲ ଓ ପାୱାର ଦଳ ଚାମ୍ପିୟାନ୍ ହୋଇଛନ୍ତି। ବୁଧବାର ସେକ୍ଟର ୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ଠାରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ପୂର୍ବ ବର୍ଷର ବିଜେତା ଇଲେକ୍ଟ୍ରିକଲ ଓ ପାୱାର ଦଳ ୫ ୱିକେଟରେ ଷ୍ଟିଲ ମେଲ୍ଟିଂ ସପ-୨ ଦଳକୁ ପରାସ୍ତ କରିଥିଲା। ଚମ୍ପିୟାନସିପର ଉଦଯାପନୀ ସମାରୋହରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ବହୁ ସିଜିଏମ ଏବଂ କାରଖାନାର ଅନ୍ୟ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ବର୍ମା ଶ୍ରେଷ୍ଠ କ୍ରୀଡ଼ା ମନୋଭାବ ତଥା ଦଳଗତ ଭାବନା ପ୍ରଦର୍ଶନ ପାଇଁ ବିଜେତା ତଥା ସମସ୍ତ ଅଂଶଗ୍ରହଣକାରୀ ଦଳଙ୍କୁ ଅଭିନନ୍ଦନ ଜଣାଇଥିଲେ। ଫାଇନାଲ ମ୍ୟାଚରେ ଏସଏମଏସ-୨ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ଧାର୍ଯ୍ୟ ୧୫ ଓଭରରେ ୬ ୱିକେଟ ହରାଇ ୧୧୧ ରନ ସ୍କୋର କରିଥିବା ବେଳେ ଇଲେକ୍ଟ୍ରିକଲ ଆଣ୍ଡ ପାୱାର ଦଳ ୧୪.୪ ଓଭରରେ ବିଜୟୀ ରନ ସଂଗ୍ରହ କରିଥିଲା। ଇଲେକ୍ଟ୍ରିକଲ ଆଣ୍ଡ ପାୱାର ଦଳର ମନୋଜ ସାହୁଙ୍କୁ ୪୪ ରନ ସ୍କୋର କରିବା ପାଇଁ ମ୍ୟାନ୍ ଅଫ୍ ଦି ଫାଇନାଲ ବିବେଚିତ କରାଯାଇଥିଲା। ସତ୍ୟ ରଥ ଓ ପ୍ରଶାନ୍ତ ମହାନ୍ତି ଫାଇନାଲ ମ୍ୟାଚରେ ଆମ୍ପୟାର ଦାୟିତ୍ୱ ନିର୍ବାହ କରିଥିଲେ। ଇ ଆଣ୍ଡ ପି ଦଳର ପ୍ରଫୁଲ୍ଲ ସାହୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ରମାକାନ୍ତ ଦାସ ଶ୍ରେଷ୍ଠ ବୋଲର ପୁରସ୍କାର ଲାଭ କରିଥିଲେ। ବରିଷ୍ଠ ଅତିଥିମାନେ ମ୍ୟାଚ୍ ଅଫିସିଆଲ୍, ସମସ୍ତ ୧୬ଟି ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍, ବେଷ୍ଟ ବ୍ୟାଟ୍ସମ୍ୟାନ୍, ବେଷ୍ଟ ବୋଲର ଏବଂ ବିଜେତା ତଥା ରନର୍ସ ଅପ୍ ଦଳର ସଦସ୍ୟ ଏବଂ ବ୍ୟକ୍ତିଗତ ପୁରସ୍କାର ଗୁଡିକ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନଚାର୍ଜ ପି କେ ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ରଘୁ ନନ୍ଦନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବାର୍ଷିକ କାର୍ଯ୍ୟକ୍ରମ କ୍ରୀଡା ପତାକା ଅବତରଣ ଏବଂ ଡ଼ିଆଇସିଙ୍କ ଦ୍ୱାରା ଚାମ୍ପିଅନସିପ୍ ଶେଷ ଘୋଷଣା ସହିତ ସମାପ୍ତ ହୋଇଥିଲା। ଏସଏସଏମ ବିଭାଗର ଅନିଲ ମଲ୍ଲିକ ଏବଂ ଏସଏମଏସ-୨ ବିଭାଗର ଶ୍ରୀ ଛାୟାକାନ୍ତ ତ୍ରିପାଠୀ ସମାରୋହ ସଂଯୋଜନା କରିଥିଲେ । ରଘୁ ନନ୍ଦନ ପାଢୀ ଚମ୍ପିୟାନସିପର ସମସ୍ତ ମ୍ୟାଚ ସହର ସେବା ଓ କ୍ରୀଡା ବିଭାଗର ଜିଏମ ଇନ ଚାର୍ଜ ଟି ଜି କାନେକରଙ୍କ ମାର୍ଗଦର୍ଶନରେ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା : ଦମ୍ ଦେଖାଇଲେ ବେଲପାହାଡ଼ ଖେଳାଳି




ବେଲପାହାଡ (ଭାସ୍କର ନ୍ୟୁଜ) : ଅନୁଗୁଳସ୍ଥିତ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଓଡ଼ିଶା ଉଷୁ ମହିଳା ଲିଗରେ ଝାରସୁଗୁଡ଼ା ଜିଲାରୁ ବେଲପାହାଡ଼ର ୫ ଜଣ ପ୍ରତିଯୋଗୀ ପଦକ ହାସଲ କରି ଗୌରବ ଅର୍ଜନ କରିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବେଲପାହାଡ଼ର ପ୍ରତିଯୋଗୀ ସଞ୍ଜନା ମେହେର ସ୍ୱର୍ଣ୍ଣ ପଦକ, ଉମା କୁର୍ମୀ ରୌପ୍ୟ ପଦକ, ମାନସି ମେହେର ରୌପ୍ୟ ପଦକ, ଶୁଭଶ୍ରୀ ମେହେର ଏବଂ ରିଙ୍କି ଭୋଇ କାଂସ୍ୟ ପଦକ ଅର୍ଜନ କରି ଝାରସୁଗୁଡ଼ା ଜିଲା ସମେତ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗୀମାନେ ସୋମବାର ଅନୁଗୁଳରୁ କୋଚ, ପ୍ରଶିକ୍ଷକ ତଥା ଜିଲା ଉଷୁ ସଂଘର ସାଧାରଣ ସମ୍ପାଦକ ନବୀନ ସିଂଙ୍କ ସହ ଝାରସୁଗୁଡ଼ା ପହଞ୍ଚିଥିଲେ। ପ୍ରତିଯୋଗୀଙ୍କ ଏହି ସଫଳତା ପାଇଁ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ବିଜେପି ନେତା ପ୍ରମୋଦ ସେନାପତି, କ୍ରୀଡ଼ା ସଂଘର ବିଜୟ ବେହେରା, ଆଇନଜୀବୀ ତ୍ରିନାଥ ଗୁଆଲ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

### ((((( କଳିଙ୍ଗରେ ସରିଲା ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ )))))

## ଉଭୟ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ଦମ୍‌ଦାର ବିଜୟ







ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଳିଙ୍ଗ ହକି ଷ୍ଟାଡିୟମ୍‌ରେ ସରିଛି ୨୦୨୪-୨୫ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍। ମଙ୍ଗଳବାର ରୋମାଞ୍ଚକର ଖେଳ ପ୍ରଦର୍ଶନ ହୋଇଥିଲା। ପାଭିଲିୟନରେ ଭରପୁର ଦର୍ଶକଙ୍କ ଭିଡ ଜମିଥିଲା। ଶେଷଦିନରେ ଇଷ୍ଟ ଓ ୱେଷ୍ଟ ପାଭିଲିୟନରେ ଭରପୁର ଦର୍ଶକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହାରି ଭିତରେ ପ୍ରଥମେ ଟର୍ଫକୁ ଓହ୍ଲାଇଥିଲା ପୁରୁଷ ଆର୍ୟଲାଣ୍ଡ ଓ ଜର୍ମାନୀ ହକି ଦଳ। ଏହି ମ୍ୟାଚରେ ଜର୍ମାନୀ ୪-୨ ଗୋଲରେ ଆର୍ୟଲାଣ୍ଡକୁ ପରାସ୍ତ କରିଥିଲା। ପରେ ଟର୍ଫକୁ ଓହ୍ଲାଇଥିଲେ ମହିଳା ନେଦରଲ୍ୟାଣ୍ଡ ଓ ଭାରତୀୟ ହକି ଦଳ। ଉଭୟଙ୍କ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ୪ଟି କ୍ୱାର୍ଟର ସୁଦ୍ଧା ଉଭୟ ଉଭୟଙ୍କୁ ଦୁଇଟି ଲେଖାଏଁ ଗୋଲ ଦେଇ ମ୍ୟାଚକୁ ଡ୍ର କରିଥିଲେ। ୨-୨ ଗୋଲରେ ଏକ ରୋମାଞ୍ଚକର ଡ୍ର ପରେ, ଭାରତ ନେଦରଲ୍ୟାଣ୍ଡକୁ ସୁଟଆଉଟରେ ୨-୧ ଗୋଲରେ ପରାସ୍ତ କରି ବୋନସ୍ ପଏଣ୍ଟ ହାସଲ କରିଥିଲା। ଭାରତ ପାଇଁ ଦୀପିକା ଏବଂ ମୁମତାଜ ଖାନ ଗୋଲ ଦେଇଥିଲେ ଯେତେବେଳେ ସବିତା ଗୁରୁତ୍ୱପୂର୍ଣ୍ଣ ସେଭ୍ କରି ଘରୋଇ ଦଳକୁ ଡିଫେଣ୍ଡିଂ ଚାମ୍ପିଅନ ନେଦରଲ୍ୟାଣ୍ଡସ ବିପକ୍ଷରେ ସୁଟଆଉଟରେ ୨-୧ ଗୋଲରେ ବିଜୟୀ କରାଇଥିଲେ। ଏହି ଅବିଶ୍ୱସନୀୟ ବିଜୟ ପରେ, ହକି ଇଣ୍ଡିଆ ପ୍ରତ୍ୟେକ ବିଜୟ ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଦେବାର ପୂର୍ବ ନୀତି ସହିତ ପ୍ରତ୍ୟେକ ଭାରତୀୟ ଖେଳାଳିଙ୍କ ପାଇଁ ୧ ଲକ୍ଷ ଟଙ୍କା ଏବଂ ସହାୟକ କର୍ମଚାରୀଙ୍କ ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଘୋଷଣା କରିଛି। ପରେ ଟ୍ରର୍ଫକୁ ଓହ୍ଲାଇଥିଲେ ପୁରୁଷ ଇଂଲଣ୍ଡ ଓ ଭାରତୀୟ ହକି ଦଳ। ଏମାନଙ୍କ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ୭ଟା ୧୫ରେ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ପାଭିଲିୟନରେ ଏହି ମ୍ୟାଚକୁ ଉପଭୋଗ କରିବା ନିମନ୍ତେ ହଜାର ହଜାର ସଂଖ୍ୟାରେ ହକିପ୍ରେମୀମାନେ ଉପସ୍ଥିତ ରହିଥିଲେ। ଶେଷରେ ଭାରତ ୨-୧ ଗୋଲରେ ଇଂଲଣ୍ଡକୁ ପରାସ୍ତ କରି ମ୍ୟାଚ୍ ଜିଣି ନେଇଥିଲା। ପରେ ଷ୍ଟାଡିୟମରେ ଆତସବାଜିର କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ହକିପ୍ରେମୀମାନେ ଦୀର୍ଘ ସମୟ ଧରି ଉପଭୋଗ କରିଥିଲେ। ଆକାଶରୁ ରଙ୍ଗବେରଙ୍ଗର ଆତସବାଜି ଫୁଟିବା ଦର୍ଶକଙ୍କୁ ବେଶ୍ ଆନନ୍ଦର ଖୋରାକ ଯୋଗାଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ଶିବ-ପାର୍ବତୀଙ୍କ ପୂଜାର ମହାନ ପର୍ବ ମହାଶିବରାତ୍ରି। ଏହି ଦିନ ଶିବ ମନ୍ଦିରରେ ଦର୍ଶନ ଏବଂ ପୂଜା କରିବାର ପରମ୍ପରା ଅଛି । ଏହି ଦିନ ଘରେ ମଧ୍ୟ ଶିବ ପୂଜା ଏବଂ ମନ୍ତ୍ର ଜପ କରିବା ଉଚିତ । ପଣ୍ଡିତଙ୍କ ଅନୁସାରେ, ମହାଶିବରାତ୍ରିରେ ସ୍ୱାମୀ ଏବଂ ସ୍ତ୍ରୀ ଏକାଠି ଶିବଙ୍କ ପୂଜା କରିବା ଉଚିତ, ଏହା କରିବା ଦ୍ୱାରା ପାରସ୍ପରିକ ପ୍ରେମ ବୃଦ୍ଧି ପାଏ ଏବଂ ଭଗବାନଙ୍କ କୃପା ସହିତ ବୈବାହିକ ଜୀବନରେ ସୁଖ ଏବଂ ଶାନ୍ତି ବଜାୟ ରହେ । ପୂଜା ସମୟରେ, ଶିବ-ପାର୍ବତୀ ମନ୍ତ୍ର "ଓମ୍ ଉମା ମହେଶ୍ୱରାୟ ନମଃ" ଅତି କମରେ ୧୦୮ ଥର ଜପ କରିବା ଉଚିତ । ବିବାହ ସମୟରେ, ସ୍ୱାମୀ ଏବଂ ସ୍ତ୍ରୀ ପରସ୍ପରକୁ ସାତଟି ପ୍ରତିଶ୍ରୁତି ଦିଅନ୍ତି । ଏହି ସାତଟି ବ୍ରତ ମଧ୍ୟରୁ ଗୋଟିଏ ହେଉଛି ସ୍ୱାମୀ ଏବଂ ସ୍ତ୍ରୀ ଏକାଠି ଧାର୍ମିକ କାର୍ଯ୍ୟ ଏବଂ ତୀର୍ଥଯାତ୍ରା କରିବେ । ପୂଜା ଏବଂ ପ୍ରାର୍ଥନା ଏକାଠି କରିବା ଦ୍ୱାରା ପାରସ୍ପରିକ ସମନ୍ୱୟ ବୃଦ୍ଧି ପାଏ । ଧାର୍ମିକ କାର୍ଯ୍ୟ କରିବା ଏବଂ ତୀର୍ଥଯାତ୍ରା କରିବା ଦ୍ୱାରା ଚିନ୍ତାଧାରାରେ ସକାରାତ୍ମକ ପରିବର୍ତ୍ତନ ଆସେ ଏବଂ ବୈବାହିକ ଜୀବନରେ ବିବାଦର ସମାଧାନ ହୁଏ । ଘରୁ ଏବଂ ଚିନ୍ତାଧାରାରୁ ନକାରାତ୍ମକତା ଦୂର କରିବା ପାଇଁ, ମହାଶିବରାତ୍ରି ପୂଜା ସମୟରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ଉଚିତ । ଏହି ମନ୍ତ୍ର ଜପ କରିବା ଦ୍ୱାରା ଅଜଣା ଭୟ ମଧ୍ୟ ଦୂର ହୁଏ । ଯେଉଁମାନେ ମହାଶିବରାତ୍ରିରେ ପୂଜାର୍ଚ୍ଚନା କରିପାରିବେ ନାହିଁ, ସେମାନେ ଶିବଲିଙ୍ଗରେ ଜଳ ଏବଂ ବେ୍ଲ ପତ୍ର ଅର୍ପଣ କରି ସାଧାରଣ ପୂଜା ମଧ୍ୟ କରିପାରିବେ । ମନ୍ତ୍ର "ଓମ୍ ନମଃ ଶିବାୟ" ଜପ କରିବା ସମୟରେ, ସ୍ୱାମୀ ଏବଂ ସ୍ତ୍ରୀ ମିଶି ଶିବଲିଙ୍ଗରେ ଜଳ ଅର୍ପଣ କରିବା ଉଚିତ।





## ମହାଶିବ ରାତ୍ରିରେ ଏମିତି ଅର୍ପଣ କରନ୍ତୁ ବେଲପତ୍ର

*ଫାଲଗୁନ ମାସରେ ଭଗବାନ ଶିବଶଙ୍କରଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ଅତ୍ୟନ୍ତ ଶୁଭଫଳ ପ୍ରାପ୍ତି ହୋଇଥାଏ। ଏହି ମାସର କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ତିଥିରେ ଭଗବାନ ଶିବ ଓ ମା' ପାର୍ବତୀଙ୍କ ଆରାଧନାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବ୍ରତ ହେଉଛି ମହାଶିବରାତ୍ରି । ଚଳିତ ବର୍ଷ ୨୬ ଫେବୃଆରୀରେ ମହାଶିବରାତ୍ରୀ ବ୍ରତ ପଡୁଛି। ଏହି ଦିନ ଶ୍ରଦ୍ଧାଳୁ ବ୍ରତ ପାଳନ କରିବା ସହ ଭଗବାନ ଶିବ ଓ ମା' ପାର୍ବତୀଙ୍କୁ ବିଧି ବିଧାନର ସହ ପୂଜାର୍ଚ୍ଚନା କରନ୍ତି । ସାରା ଦେଶରେ ଶିବ ମନ୍ଦିରରେ ମହାଶିବରାତ୍ରି ବେଶ ଧୂମଧାମରେ ପାଳନ କରାଯାଏ । ଲକ୍ଷାଧିକ ଶ୍ରଦ୍ଧାଳୁ ଭଗବାନଙ୍କ ଦର୍ଶନ କରିଥାନ୍ତି । ଭଗବାନ ଶଙ୍କରଙ୍କ ପ୍ରିୟ ଜିନିଷ ବେଲପତ୍ର, ଭାଙ୍ଗ, ଦୁଦୁରା ଫୁଲ, ଧଳା ରଙ୍ଗର ଫୁଲ ଅର୍ପଣ କରି ଜଳାଭିଷେକ ମଧ୍ୟ କରି ଥାନ୍ତି । ଭଗବାନ ଶଙ୍କରଙ୍କୁ ବେଲପତ୍ର ଅତ୍ୟନ୍ତ ପ୍ରିୟ। ମହାଶିବରାତ୍ରିରେ ଶିବଲିଙ୍ଗରେ ବେଲପତ୍ର ଅର୍ପଣ କରିବାର ଖୁବ୍ ମହତ୍ତ୍ୱ ରହିଛି । ମାତ୍ର ଗଛରୁ ବେଲପତ୍ର ତୋଳି ଆଣିବାର ମଧ୍ୟ କିଛି ନିୟମ ରହିଛି। ଜାଣନ୍ତୁ..*

◆ ସୋମବାର ବେଲପତ୍ର ତୋଳିବାକୁ ବାରଣ କରାଯାଇଛି । ଏହି ବାର ଭଗବାନ ଶଙ୍କରଙ୍କୁ ସମର୍ପିତ । କୁହାଯାଏ ଏହି ବାରରେ ବେଲପତ୍ରରେ ମା'ପାର୍ବତୀ ବାସ କରିଥାନ୍ତି । ତେଣୁ ଏହି ଦିନ ବେଲପତ୍ର ତୋଳିଲେ ଭଗବାନ ଶଙ୍କର କ୍ରୋଧ କରି ଥାନ୍ତି ।

◆ ରବିବାର ଓ ମାସର ୨ପକ୍ଷର ଦ୍ୱାଦଶ ତିଥିରେ ମଧ୍ୟ ବେଲପତ୍ର ତୋଳିବାକୁ ବାରଣ କରାଯାଇଛି। ସ୍କନ୍ଦ ପୁରାଣ ଅନୁସାରେ ଏହି ଦିନରେ ବେଲପତ୍ର ତୋଳିଲେ ଭଗବାନ ଶଙ୍କର ଅସନ୍ତୁଷ୍ଟ ହୋଇ ଥାନ୍ତି । ମାତ୍ର ଏହି ଦିନରେ ବେଲପତ୍ର ବୃକ୍ଷର ପୂଜାର୍ଚ୍ଚନା କରି ପାରିବେ । ଏହାଦ୍ୱାରା ଧନସମ୍ପତ୍ତିର ଅଭାବ ଦୂର ହୋଇଥାଏ ।

◆ ମାସର ଚତୁର୍ଦ୍ଦଶୀ, ଅଷ୍ଟମୀ, ନବମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ତିଥି, ସଂକ୍ରାନ୍ତି ତିଥିରେ ମଧ୍ୟ ବେଲପତ୍ର ତୋଳିବା ଉଚିତ୍ ନୁହେଁ ।

◆ ବେଲପତ୍ରର ଡେମ୍ଫରୁ ତୋଳନ୍ତୁ । କଦାପି ବେଲପତ୍ରର ଡାଳ ଭାଙ୍ଗନ୍ତୁ ନାହିଁ ।

### କେମିତି ଅର୍ପଣ କରିବେ ବେଲପତ୍ର..

◆ ଶିବଲିଙ୍ଗରେ ସର୍ବଦା ତିନି ପତ୍ର ବିଶିଷ୍ଟ ବେଲପତ୍ର ଅର୍ପଣ କରନ୍ତୁ । ତିନି ପତ୍ର ବିଶିଷ୍ଟ ୩, ୭, ୧୧ କିମ୍ବା ୨୧ଟି ବିଷମ ସଂଖ୍ୟାରେ ଅର୍ପଣ କରନ୍ତୁ ।

◆ ସର୍ବଦା ସ୍ୱଚ୍ଛ, ଫାଟିନଥିବା ବେଲପତ୍ର ହିଁ ଅର୍ପଣ କରନ୍ତୁ । ତୋଳିବା ପରେ ବେଲପତ୍ରକୁ ଭଲ ଭାବେ ଧୋଇ ଏହାକୁ ପ୍ରଭୁଙ୍କୁ ଅର୍ପଣ କରନ୍ତୁ ।
◆ ଶିବଲିଙ୍ଗରେ ସର୍ବଦା ସତେଜ ବେଲପତ୍ର ଅର୍ପଣ କରନ୍ତୁ । ଶୁଖି ଯାଇଥିବା ବେଲପତ୍ର ଅର୍ପଣ କରନ୍ତୁ ନାହିଁ ।
◆ ବେଲପତ୍ରରେ ଚନ୍ଦନରେ ଓଁ କିମ୍ବା ଶ୍ରୀରାମ ଲେଖି ଶିବଲିଙ୍ଗରେ ଅର୍ପଣ କରନ୍ତୁ । ବେଲପତ୍ରର ଚିକ୍କଣ ଅଂଶକୁ ହିଁ ଶିବଲିଙ୍ଗରେ ଅର୍ପଣ କରନ୍ତୁ ।
◆ ବେଲପତ୍ର ଅର୍ପଣ ସମୟରେ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରନ୍ତୁ ।
◆ ପ୍ରଥମେ ଶିବଲିଙ୍ଗରେ ଜଳ ଅର୍ପଣ କରିବା ପରେ ବେଲପତ୍ର ଅର୍ପଣ କରନ୍ତୁ ।

## ମହାଶିବ ରାତ୍ରି ଓ ରୁଦ୍ରାକ୍ଷ



ଜୀବନରେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ନେଇ ଭିନ୍ନ ଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଥାଏ। ତେବେ ମହାଶିବରାତ୍ରୀର ଭିନ୍ନ ମହତ୍ତ୍ୱ ରହିଛି। ପ୍ରତ୍ୟେକ ମାସର କୃଷ୍ଣ ପକ୍ଷରେ ଚତୁର୍ଦ୍ଦଶୀ କିମ୍ବା ଅମାବାସ୍ୟାର ପୂର୍ବଦିନ ଶିବରାତ୍ରୀ ପାଳନ କରାଯାଇଥାଏ। ତେବେ ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ଏହି ରାତ୍ରୀରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ଏଭଳି ଏକ ସ୍ଥିତିରେ ଥାଏ ଯେତେବେଳେ ମାନବ ଶରୀର ପ୍ରାକୃତିକ ରୂପରେ ଶକ୍ତି ସମ୍ପନ୍ନ ରହିଥାଏ। ଏହା ଏଭଳି ଏକ ଦିନ ଯେତେବେଳେ ପ୍ରକୃତି ବ୍ୟକ୍ତିକୁ ଆଧ୍ୟାତ୍ମିକତାର ଶୀର୍ଷକୁ ନେଇ ଯାଇଥାଏ। ଏହାର ଉପଯୋଗ କରିବାକୁ ମହାଶିବରାତ୍ରୀ ପରମ୍ପରାର ଆୟୋଜନ କରାଯାଇଥାଏ। ମହାଶିବରାତ୍ରୀ ପାଳନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକୃତି ଠାରୁ ବିଶେଷ ଶକ୍ତି ଆହରଣ କରି ଆଧ୍ୟାତ୍ମିକ ଆନନ୍ଦ ପ୍ରାପ୍ତ କରିବା। ଆଧ୍ୟାତ୍ମିକ ମାର୍ଗରେ ଥିବା ଲୋକଙ୍କ ପାଇଁ ଶିବରାତ୍ରୀ ବିଶେଷ ମହତ୍ତ୍ୱପୂର୍ଣ୍ଣ। ଯୋଗ ପରମ୍ପରାରେ ଶିବଙ୍କ ପୂଜା ଈଶ୍ୱରଙ୍କ ରୂପରେ ନୁହେଁ, ବରଂ ଆଦି ଗୁରୁଙ୍କ ରୂପରେ ପୂଜା କରାଯାଇଥାଏ। ଶିବ ହେଉଛନ୍ତି ପ୍ରଥମ ଗୁରୁ, ଯାହାଙ୍କ ଠାରୁ ଜ୍ଞାନର ଉତ୍ପତ୍ତି ହୋଇଛି। ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଧ୍ୟାନରେ ବସିବା ପରେ ଭଗବାନ ଶିବ ଦିନେ ସମ୍ପୂର୍ଣ୍ଣ ଶାନ୍ତ ହୋଇଯାଇଥିଲେ। ସେ ଦିନ ଥିଲା ମହାଶିବରାତ୍ରୀ। ତାଙ୍କ ଭିତରେ କୌଣସି ଗତି ନଥିଲା, ସେ ସମ୍ପୂର୍ଣ୍ଣ ନିଶ୍ଚଳ ଥିଲେ। ସେଥିପାଇଁ ମହାଶିବରାତ୍ରୀକୁ ନିଶ୍ଚଳତାର ଦିନ କୁହାଯାଇଥାଏ। ମହାଶିବରାତ୍ରୀ ଏକ ତପସ୍ୱୀ ଏବଂ ଜିଜ୍ଞାସୁ ସମ୍ମୁଖରେ ଅନେକ ସମ୍ଭାବନା ସୃଷ୍ଟି କରିଥାଏ। ଏହି ଦିବସରେ ମନୁଷ୍ୟ ଧ୍ୟାନ ଏବଂ ଶିବ ଆରାଧନାରେ ସମୟ ବ୍ୟତୀତ କଲେ ପରମ ଆନନ୍ଦ ଲାଭ କରିପାରିବ। ଯାହା ମନୁଷ୍ୟକୁ ଜୀବନ ଜିଇଁବାର ପ୍ରେରଣା ଯୋଗାଇବ।

ରୁଦ୍ରାକ୍ଷର ପୂଜା ଏବଂ ଏହାକୁ ପବିତ୍ର ହୋଇ ଧାରଣା କରିବାର ଦ୍ୱାରା ମନୁଷ୍ୟ ଜୀବନ ଉପରେ ଗଭୀର ପ୍ରଭାବ ପଡ଼ିଥାଏ। ଏକମୁଖୀ ରୁଦ୍ରାକ୍ଷ ଭଗବାନ ଶିବ, ଦ୍ୱୀମୁଖୀ ରୁଦ୍ରାକ୍ଷ ଗୌରୀ ଶଙ୍କର, ତ୍ରିମୁଖୀ ରୁଦ୍ରାକ୍ଷ ତେଜମୟ ଅଗ୍ନି, ଚର୍ତୁମୁଖୀ ରୁଦ୍ରାକ୍ଷ ଶ୍ରୀପଞ୍ଚଦେବ, ଷଷ୍ଠମୁଖୀ ରୁଦ୍ରାକ୍ଷ ଭଗବାନ କାର୍ତ୍ତିକେୟ, ସପ୍ତମୁଖୀ ପ୍ରଭୁ ଅନନ୍ତ, ଅଷ୍ଟମୁଖୀ ଭଗବାନ ଶ୍ରୀଗଣେଶ, ନବମୁଖୀ ରୁଦ୍ରାକ୍ଷ ଭଗବତୀ ଦେବୀ ଦୁର୍ଗା, ଦଶମୁଖୀ ରୁଦ୍ରାକ୍ଷ ଶ୍ରୀହରିବିଷ୍ଣୁ, ୧୩ ମୁଖୀ ରୁଦ୍ରାକ୍ଷ ଶ୍ରୀଇନ୍ଦ୍ର ତଥା ୧୪ମୁଖୀ ରୁଦ୍ରାକ୍ଷ ସ୍ୱୟଂ ହନୁମାନଙ୍କ ପ୍ରତୀକ ହୋଇଥାଏ। ଭିନ୍ନ ଭିନ୍ନ ରୁଦ୍ରାକ୍ଷର ଭିନ୍ନ ପ୍ରଭାବ ରହିଛି। ଯେପରିକି ଏକମୁଖୀ ରୁଦ୍ରାକ୍ଷ ସୁଖ, ମୋକ୍ଷ ଏବଂ ଉନ୍ନତି ପ୍ରଦାନ କରିଥାଏ। ଦ୍ୱିମୁଖୀ ରୁଦ୍ରାକ୍ଷ ସମସ୍ତ କାମନା ପୂରଣ କରି ଦାମ୍ପତ୍ୟ ଜୀବନକୁ ସୁଖ, ଶାନ୍ତି ଏବଂ ତେଜ ପ୍ରଦାନ କରିଥାଏ। ତ୍ରିମୁଖୀ ରୁଦ୍ରାକ୍ଷ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଏ। ଚର୍ତୁମୁଖୀ ରୁଦ୍ରାକ୍ଷ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ପ୍ରଦାନ କରିଥାଏ। ପଞ୍ଚମୁଖୀ ରୁଦ୍ରାକ୍ଷ ସୁଖ ପ୍ରଦାନ କରିଥାଏ। ଷଷ୍ଠମୁଖୀ ରୁଦ୍ରାକ୍ଷ ପାପରୁ ମୁକ୍ତି ଦେଇଥାଏ ଓ ସନ୍ତାନ ସୁଖ ପ୍ରଦାନ କରିଥାଏ। ସପ୍ତମୁଖୀ ରୁଦ୍ରାକ୍ଷ ଦରିଦ୍ରତା ଦୂର କରିଥାଏ। ଅଷ୍ଟମୁଖୀ ରୁଦ୍ରାକ୍ଷ ଆୟୁ ଏବଂ ସକାରାତ୍ମକ ଶକ୍ତି ପ୍ରଦାନ କରିଥାଏ। ନବମୁଖୀ ରୁଦ୍ରାକ୍ଷ ମୃତ୍ୟୁର ଡରରୁ ମୁକ୍ତ କରିଥାଏ। ଦଶମୁଖୀ ରୁଦ୍ରାକ୍ଷ ଶାନ୍ତି ଏବଂ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ। ୧୧ମୁଖୀ ରୁଦ୍ରାକ୍ଷ ରୁଦ୍ରାକ୍ଷ ବିଜୟ ପ୍ରଦାନ କରିଥାଏ। ଜ୍ଞାନ ଏବଂ ଭକ୍ତି ପ୍ରଦାନ କରିଥାଏ। ୧୨ମୁଖୀ ରୁଦ୍ରାକ୍ଷ ଧନଲାଭ କରାଏ। ୧୩ ମୁଖୀ ରୁଦ୍ରାକ୍ଷ ଶୁଭ ଏବଂ ଲାଭ ପ୍ରଦାନ କରିଥାଏ। ୧୪ମୁଖୀ ରୁଦ୍ରାକ୍ଷ ରୁଦ୍ରାକ୍ଷ ସମ୍ପୂର୍ଣ୍ଣ ପାପରୁ ମୁକ୍ତି ପ୍ରଦାନ କରିଥାଏ।

ଶିବ ଭଗବାନ ନୁହନ୍ତି; ସେ ଆଦି ଗୁରୁ। ପ୍ରଥମ ଗୁରୁ, ଯାହାଙ୍କଠାରୁ ସମସ୍ତ ଜ୍ଞାନର ଉତ୍ପତ୍ତି। ହଜାର ହଜାର ବର୍ଷ ଧରି ଧ୍ୟାନସ୍ଥ ରହିବା ପରେ ଦିନେ ସେ ସ୍ଥିର ହୋଇଗଲେ ଏବଂ ସେହି ଦିନଟି ଥିଲା ମହାଶିବରାତ୍ରୀ। ଯୋଗ ପରମ୍ପରାରେ ଏହି ରାତିକୁ ଏତେ ଗୁରୁତ୍ୱ ଦେବାର କାରଣ, ଏହା ମାଧ୍ୟମରେ ଆଧ୍ୟାତ୍ମିକତାର ଚରମ ସୋପାନରେ ପହଞ୍ଚିବାର ସମ୍ଭାବନା। ମଣିଷ ଜୀବନ, ପଦାର୍ଥ, ସାରା ଜଗତ୍, ବିଶ୍ୱ ବ୍ରହ୍ମାଣ୍ଡ ବାବଦରେ ଯାହା ଜାଣେ, ତାହା କେବଳ ଏକ ଶକ୍ତି, ଯାହା ଲକ୍ଷାଧିକ ପ୍ରକାରେ ପ୍ରକଟିତ। ଏହା ଆଧୁନିକ ବିଜ୍ଞାନ ସମ୍ମତ ମଧ୍ୟ। ବିଜ୍ଞାନ ପାଇଁ ଯାହା ତଥ୍ୟ, ଜଣେ ଯୋଗୀ ପାଇଁ ତାହା ଅନୁଭବଶୀଳ ବାସ୍ତବତା। ଏକତ୍ୱକୁ ଅନୁଭବ କରୁଥିବା ମଣିଷ ହିଁ ଯୋଗୀ। ଯୋଗ ଭିନ୍ନ ଭିନ୍ନ ହୋଇପାରେ ତେବେ ଏକତ୍ୱକୁ ଅନୁଭବ କରିବା ସମସ୍ତ ଯୋଗର ମୁଖ୍ୟ ଲକ୍ଷ୍ୟ। ମହାଶିବରାତ୍ରିରେ ଏହା ଅନୁଭବ କରିବା ପାଇଁ ସୁଯୋଗ ମିଳେ।

## ଶିବ ପୂଜାରେ ନବଗ୍ରହ ଶାନ୍ତି ବିଧାନ



ପ୍ରତ୍ୟେକ ଧର୍ମ ଭଳି ଆମ ହିନ୍ଦୁଧର୍ମରେ ଭଗବାନଙ୍କୁ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରେ ବିଶ୍ଳେଷଣ କରାଯାଇଛି। ଭଗବାନ ଶବ୍ଦ ବିଶ୍ଳେଷଣରେ ସେ ଚାରୋଟି ଅକ୍ଷରର ସମାହାର। ପ୍ରତ୍ୟେକ ଅକ୍ଷର ସହ ଏକ ସ୍ୱତନ୍ତ୍ର ତତ୍ତ୍ୱ ସମ୍ବନ୍ଧ ରହିଛି। ପ୍ରଥମ ଅକ୍ଷର 'ଭ'ରେ ସେ ସମସ୍ତ ଭଲଗୁଣର ଅଧିକାରୀ, ଭକ୍ତରକ୍ଷାକାରୀ, ଭକ୍ତବତ୍ସଳ। ଦ୍ୱିତୀୟ ଅକ୍ଷର 'ଗ'ରେ ସେ ଗଗନ ଭଳି ବିସ୍ତୃତ, ଅନନ୍ତ, ଅସୀମ ଓ ପରିବ୍ୟାପ୍ତ ଏବଂ ସମସ୍ତଗଣକୁ ପ୍ରତିନିଧିତ୍ୱ କରନ୍ତି ଅର୍ଥାତ୍ ଯିଏ ଦେବଗଣ, ଦାନବଗଣ, ମାନବଗଣ ଓ ଗ୍ରହଗଣ ଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରନ୍ତି। ତୃତୀୟ ଅକ୍ଷର 'ବା'ରେ ଯାହାଙ୍କ ଠାରେ ବାଛ ବିଚାର, ପାତର ଅନ୍ତର ତିଳେମାତ୍ର ପ୍ରକାଶିତ ହୁଏ ନାହିଁ। ଚତୁର୍ଥ ଅକ୍ଷର 'ନ'ରେ ସେ ନବଗ୍ରହକୁ ପ୍ରତିନିଧିତ୍ୱ କରନ୍ତି ଏବଂ ନବନିଧିଦାତା। ସୃଷ୍ଟିର ଆରମ୍ଭ, ବିକାଶ ଏବଂ ବିଲୟ ଏହି ତିନିକାର୍ଯ୍ୟକୁ ଯିଏ ସମ୍ପାଦନ କରେ ସିଏ ହେଉଛନ୍ତି ଭଗବାନ। ଆମ ହିନ୍ଦୁଧର୍ମ ବିଶ୍ୱାସ କରେ ଏହି ତିନି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବା ଶିବ ସମ୍ପାଦନ କରିଥାନ୍ତି। ବ୍ରହ୍ମା ସୃଷ୍ଟିର ସର୍ଜନା କରନ୍ତି, ବିଷ୍ଣୁ ସୃଷ୍ଟିର ପାଳନ କରୁଥିବା ବେଳେ ଶିବ ସଂହାରକର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଗଲେ ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଯେଉଁ କାର୍ଯ୍ୟ ନିର୍ବାହ କରାଯାଏ, ତାହାକୁ ଶିବ ସଂହାର କର୍ତ୍ତା ଭାବେ ତୁଳାଇ ଥାନ୍ତି। ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ। ଯାହାଙ୍କର ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି (ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ)। ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। କୈଳାସ ପର୍ବତ ମୃତ୍ତିକାର ଉତ୍ସ, ଶିବ ସମସ୍ତ ଜୀବଜଗତର ପ୍ରାଣର ଆଧାର ଅର୍ଥାତ୍ ସେ ବାୟୁର ଉତ୍ସ, ପ୍ରକୃତିରୂପ ଶିବ ଗଗନ ଭଳି ବିସ୍ତୃ ତେଣୁ ସେ ଅନନ୍ତ ଆକାଶର ଉତ୍ସ। ଶିବଙ୍କ ବିନା ଆଧାରରେ ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର ଏବଂ ଶିବ ହିଁ ନବଗ୍ରହଙ୍କର ଏକ ଅଭିନ୍ନ ସ୍ୱରୂପ। ଶିବଙ୍କ ଠାରେ ନବଗ୍ରହଙ୍କର ପ୍ରତିଚ୍ଛବିରୂପ ପ୍ରକାଶିତ। ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଶମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ।

ସାରା ସଂସାରରେ ଏକମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ସେ ପୁଣି ସତ୍ୟ ଓ ସୁନ୍ଦର ଏଥିରେ ବୁଝିବାର କାହାର ଦ୍ୱିଧା ନାହିଁ। ଶିବ ବିଶ୍ୱବ୍ରହ୍ମାଣ୍ଡ ତଥା ସଂପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟର ପ୍ରତୀକ। ସମୁଦ୍ର ମନ୍ଥନରୁ ହଳାହଳ ଗରଳ ନିର୍ଗତ ହେବା ଦେଖି ସମସ୍ତ ଦେବମଣ୍ଡଳ, ଗ୍ରହମଣ୍ଡଳ, ଜୀବମଣ୍ଡଳ ଏପରିକି ସଂପୂର୍ଣ୍ଣ ଜଗତ କିଂକର୍ତ୍ତବ୍ୟବିମୂଢ଼ ଭାବେ ସ୍ତମ୍ଭୀଭୂତ ହୋଇଗଲା। ଶେଷରେ ଜଗତର ମଙ୍ଗଳ ନିମନ୍ତେ ମହାନ ତ୍ୟାଗୀ ଶିବ ଏହି ହଳାହଳ ବିଷ ପାନ କରି ସଂପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ଏହି ବିଷପାନରେ ଶିବଙ୍କ କଣ୍ଠ ନୀଳକଣ୍ଠ ହୋଇଗଲା। ତେଣୁ ସେ ନୀଳକଣ୍ଠ ରୂପେ ପରିଚିତ ହେଲେ। ବିଷଜ୍ୱାଳାର ଉପଶମ ହେବା ପାଇଁ ମସ୍ତକର ଜଟା ମଧ୍ୟେ ଗଙ୍ଗା, ଭାଲରେ ଶୀତଳ କିରଣ ପ୍ରଦାନ କରୁଥିବା ଚନ୍ଦ୍ର, ଗଳାରେ ସର୍ପ ଶୋଭିତ ହେଲା। କଟିରେ ବ୍ୟାଘ୍ର ଚର୍ମ, ନୀଳବର୍ଣ୍ଣ କାନ୍ତିଯୁକ୍ତ ଶରୀର, କପାଳରେ ଶ୍ମଶାନ ଭସ୍ମ, ସ୍କନ୍ଧରେ ଯଜ୍ଞପବୀତ, ହସ୍ତରେ ତ୍ରୀଶୂଳ ଓ ଡମ୍ବରୁ, ଗଳାରେ ରୁଦ୍ରାକ୍ଷମାଳା, ହସ୍ତରେ କମଣ୍ଡଳୁ ଓ ଆଶାବାଡ଼ି, ପଦଯୁଗଳରେ କଠଉ, କର୍ଣ୍ଣରେ କୁଣ୍ଡଳ, ବୃଷଭବାହନ, ବାମରେ ପ୍ରିୟତମା ପତ୍ନୀ ପାର୍ବତୀ, ପୁତ୍ର ଗଣେଶ ଓ କାର୍ତ୍ତିକ ସହ ପ୍ରକୃତି ରୂପକ କୈଳାସ ପର୍ବତରେ ଅବସ୍ଥାନ କରି ସର୍ବଦା ଧ୍ୟାନମଗ୍ନ ରହନ୍ତି। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି। ଦେବଦେବ ମହାଦେବ ରୂପେ ସେ ଖ୍ୟାତ। ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ। ଜ୍ୟୋତିଷାଚାର୍ଯ୍ୟମାନଙ୍କ ମତରେ ଶିବ ଦେବ ମଣ୍ଡଳ, ଗ୍ରହମଣ୍ଡଳ ଓ ଜୀବମଣ୍ଡଳର ଅଧୀଶ୍ୱର ଅଟନ୍ତି। ଶିବ ପ୍ରକୃତି ତଥା ଜଗତର ପ୍ରତୀକ ହେତୁ ସେ ଜଗତ ବ୍ୟାପୀ ଏବଂ ଜଗତମୟ। ସେ ନବଗ୍ରହଙ୍କ ଅଧିଷ୍ଠାତ୍ର ଅଟନ୍ତି।

## ମହାଶିବରାତ୍ରିରେ ପାଠ କରନ୍ତୁ ଶିବ ଚାଳିଶା



*ମହାଶିବରାତ୍ରିରେ ଶିବଙ୍କୁ ପୂଜା କରିବାର ସ୍ୱତନ୍ତ୍ର ବିଧି ରହିଛି। ମହାଶିବ ରାତ୍ରି ଯେକି ଏହିଦିନ ଶିବ ପାବର୍ତୀଙ୍କୁ ପୂଜା କରିବାର ବିଧାନ ରହିଛି । ତେବେ ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ, ଏହି ଦିନ ଶିବ ପାର୍ବତୀଙ୍କ ବିବାହ ହୋଇଥିଲା, ତେଣୁ ଏହି ଦିନକୁ ଶିବ ପାର୍ବତୀଙ୍କ ବିବାହ ବାର୍ଷିକୀ ଭାବେ ପାଳନ କରାଯାଉଛି । ତେଣୁ ମହାଶିବରାତ୍ରିକୁ ହିନ୍ଦୁମାନଙ୍କର ଏକ ବଡ଼ ପର୍ବ ଭାବେ ପାଳନ କରାଯାଏ । ଶିବରାତ୍ରିଟି ବିଶେଷ ଭାବରେ ଭଗବାନ ଶିବଙ୍କୁ ସମର୍ପିତ ।*

■ ଅବିବାହିତ ଯୁବକ ଓ ଯୁବତୀ ମନର ମଣିଷକୁ ପାଇବା ପାଇଁ ଶିବଙ୍କ ଉପାସନା କରନ୍ତି । ଅଧିକାଂଶ ଯୁବକ ଯୁବତୀ ନିଜ ମନର ମଣିଷ ପାଇବାକୁ ଏହିଦିନ ବ୍ରତ କରନ୍ତି । ଉପାସ ରହି ପୂଜାର୍ଚ୍ଚନା କରି ଭୋଳାନାଥଙ୍କୁ ଆଶୀର୍ବାଦ ମାଗନ୍ତି ।

■ ସେହିପରି ଯଦି ଆପଣଙ୍କ ବିବାହିତ ଜୀବନରେ ଅସୁବିଧା ଦେଖାଦେଉଛି, ତେବେ ମହାଶିବରାତ୍ରି ଦିନ ସ୍ୱାମୀ-ସ୍ତ୍ରୀ ଏକାଠି ଓଷା କରିବା ଦ୍ୱାରା ଅସୁବିଧାରୁ ମୁକ୍ତି ମିଳିଥାଏ । ବୈବାହିକ ଜୀବନରେ ଥିବା ସମସ୍ତ ସମସ୍ୟା ଦୂର ହୁଏ ।

■ ମହାଶିବରାତ୍ରି ଦିନ ସକାଳୁ ଉଠି ସ୍ନାନ କାମ ସାରି ମନ୍ଦିର ଯାଇ ଫଳ, ପୁଷ୍ପ ଦେଇ ନିଷ୍ଠାର ସହ ପୂଜାର୍ଚ୍ଚନା କରିବା ଉଚିତ । ଏହି ଦିନ ଶିବଙ୍କୁ ଦୁଦୁରା ଫୁଲ, ବେଲପତ୍ର, ଗଙ୍ଗାଜଳ, ଚନ୍ଦନ, କଞ୍ଚା କ୍ଷୀର ଦେଇ ଅଭିଷେକ କରିବା ଦ୍ୱାରା ଭଗବାନ ସନ୍ତୁଷ୍ଟ ହୋଇଥାନ୍ତି । ଏହି ଦିନ ଶିବଲିଙ୍ଗଙ୍କୁ ଏହି ସବୁ ଜିନିଷ ଅର୍ପଣ କରିବା ଦ୍ୱାରା ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ । ଶିବ ନାମ ଜପ, ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ବ୍ୟତୀତ ଶିବ ଚାଳିଶା ପାଠ କରିବା ଦ୍ୱାରା ଶିବଙ୍କଠାରୁ ବିଶେଷ କୃପା ଲାଭ ମିଳିଥାଏ ।

## ମହାଶିବରାତ୍ରିରେ ପିନ୍ଧନ୍ତୁ ଏହି ରଙ୍ଗର ପୋଷାକ

ମହାଶିବରାତ୍ରିରେ ପିନ୍ଧନ୍ତୁ ଏହି ରଙ୍ଗର ପୋଷାକ, ମିଳିବ ଶିବଙ୍କର ଅଶେଷ କୃପା। ଭଗବାନ ଶିବଙ୍କୁ ଆରାଧନା କରିବା ସମୟରେ ସବୁଜ ରଙ୍ଗର ପୋଷାକ ପିନ୍ଧିବା ଶୁଭ ହୋଇଥାଏ । ସବୁଜ ରଙ୍ଗ ବ୍ୟତୀତ ଆପଣ ଧଳା ରଙ୍ଗର ପୋଷାକ ମଧ୍ୟ ପିନ୍ଧି ପାରିବେ।

ଯଦି ଆପଣଙ୍କ ପାଖରେ ସବୁଜ କି ଧଳା ରଙ୍ଗର ପୋଷାକ ନାହିଁ କିମ୍ବା କୌଣସି କାରଣବଶତଃ ଯଦି ଆପଣ ଏହି ରଙ୍ଗର ପୋଷାକ ପିନ୍ଧିପାରୁ ନାହାନ୍ତି, ତେବେ ନାଲି, କମଳା, ହଳଦିଆ, ନାରଙ୍ଗୀ ଏବଂ ଗୋଲାପି ରଙ୍ଗର ପୋଷାକ ପିନ୍ଧି ପାରିବେ । ଏହାଦ୍ୱାରା ଆପଣ ଭୋଳାବାବାଙ୍କୁ ପ୍ରସନ୍ନ କରି ପାରିବେ । ଭଗବାନ ଶିବ କଳା ରଙ୍ଗକୁ ଆଦୌ ପସନ୍ଦ କରନ୍ତି ନାହିଁ । ବିଶ୍ୱାସ କରାଯାଏ, କଳା ରଙ୍ଗ ଅନ୍ଧକାରର ପ୍ରତୀକ । ଏଥିପାଇଁ ଭୁଲ୍‌ରେ ବି ମହାଶିବରାତ୍ରିରେ କଳା ରଙ୍ଗର ପୋଷାକ ପିନ୍ଧନ୍ତୁ ନାହିଁ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ସେନବାଡ଼ ସ୍ଥିତ ଗୁରୁକୁଳ ଶିକ୍ଷାନିକେତନର ପଞ୍ଚଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଗୁରୁକୁଳ ଶିକ୍ଷାନିକେତନର ପ୍ରଧାନ ଆଚାର୍ଯ୍ୟ ଦୈତାରୀ ଜେନାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଉପ ଅନୁଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ, ମୁଖ୍ୟବକ୍ତା ଭାବେ କବି ରବିକୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସୁପ୍ରଭା ପାଣି, ଶିକ୍ଷାକମିଟି ସଭାପତି ଶିକ୍ଷାବିତ୍ ପଦନ ଚରଣ ନାୟକ ପ୍ରମୁଖ ଯୋଗ ଦେଇ ବିଶ୍ୱ ମାତୃଦ୍ୱ ଦିବସ ଉପରେ ଆଲୋକପାତ କରିଥିବା ବେଳେ ଶିଶୁର ଶିକ୍ଷା ଓ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଗୁରୁକୁଳ ଶିକ୍ଷାନିକେତନର ସର୍ବବିଧ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଗୁରୁଜୀ ରଂଜନ କୁମାର ଶୁକ୍ଳ ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିକ୍ଷାନିକେତନର ପ୍ରାଚୀରପତ୍ର 'ଅଙ୍କୁର'କୁ ମୁଖ୍ୟ ଅତିଥି ଶ୍ରୀ ନାୟକ ଉନ୍ମୋଚନ କରି ସମ୍ପାଦକୀୟ ପାଠ କରିଥିଲେ। ଗୁରୁମା ଅନୁସୂୟା ପରିଡ଼ା ୨୧ଜଣ ଦୁଃସ୍ଥ ବୟୋଜ୍ୟେଷ୍ଠ କୃଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ସରପଞ୍ଚ ଶ୍ରୀମତୀ ପାଣି ସୁଲେଖକ, ଶିକ୍ଷାବିତ ପ୍ରଭାକର ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଜେନାଙ୍କୁ ଚାଣକ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଗୋଚର ଜମିରେ ପ୍ରଧାନମନ୍ତ୍ରୀ ଆବାସ ଘର: ସୁରକ୍ଷା ଦାବି

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଗୋଚର ଜମିରେ ଜବରଦଖଲ ଦିନକୁ ଦିନ ବଢୁଛି । ରାଜ୍ୟରେ ୧୦ ହଜାର ୯୭୧ ଏକର ଗୋଚର ଜମି ଜବରଦଖଲ ହୋଇଥିବାବେଳେ କେନ୍ଦୁଝର ଜିଲ୍ଲାରେ ୧୦୨୫ ଏକର ଗୋଚର ଜମି ଜବରଦଖଲ ହୋଇଥିବା ନେଇ ଉତ୍ତର ରଖିଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ । କେନ୍ଦୁଝର ଜିଲ୍ଲାରେ ଗୋଚର ଜମି ଜବରଦଖଲ ଦିନକୁ ଦିନ ବଢୁଥିବାବେଳେ ରାଜସ୍ୱ ବିଭାଗ କେସ କରି ଜବରଦଖଲ ଉଚ୍ଛେଦ କରୁନାହିଁ । ରାଜସ୍ୱ ବିଭାଗ ସଠିକ୍ ମାପଚୁପ କଲେ ଜିଲ୍ଲାରେ ୫ହଜାର ଏକର ରୁ ଅଧିକ ଗୋଚର ଜମି ଜବରଦଖଲ ହୋଇଥିବା ବୋଲି ଅନୁମାନ କରାଯାଉଛି । ପ୍ରତ୍ୟେକ ମୌଜାରେ ମୋଟ ଚାଷ ଯୋଗ୍ୟ ଜମିର ୫ ପ୍ରତିଶତ ଗୋଚର ଜମି ରହିବା ବାଧ୍ୟତାମୂଳକ । କେନ୍ଦୁଝର ଜିଲ୍ଲାରେ ଅନେକ ମୌଜାରେ ୫ପ୍ରତିଶତ ଗୋଚର ଜମି କେବଳ କାଗଜପତ୍ରରେ ରହିଛି । ବୋର୍ଡ ଅଫ୍ ରେଭିନ୍ୟୁ ଏହାର ଅଡିଟ୍ କରୁନଥିବାରୁ ଅନେକ ଗାଁରେ ଗୋଚର ଜମି କିସମ ପରିବର୍ତ୍ତନ ପରେ ନୂତନ ଗୋଚର ଜମି ସୃଷ୍ଟି କେବଳ କାଗଜକଲମରେ ହେଉଛି । ଗୋଚର ଜମି ଗୃହପାଳିତ ପଶୁଙ୍କ ଚରିବା ପାଇଁ ଉଦ୍ଦିଷ୍ଟ ଥିଲା । ସହର ଓ ଗ୍ରାମାଞ୍ଚଳରେ ଏହି ଜମି ଜବରଦଖଲ ହୋଇ କୋଠାଘର ନିର୍ମାଣ ହେଉଛି । ସଦର ତହସିଲ ମଣ୍ଡୁଆ ରାଜସ୍ୱ ସର୍କଲ ଅନ୍ତର୍ଗତ ଘୁଟୁରୁ ହୁଡିକୁ କେତେକ ଲୋକ ମୌଖିକ ଭାବେ ବିକ୍ରୀ କରୁଥିବା ନେଇ ଅଭିଯୋଗ ହୋଇଛି । ସଦର ତହସିଲ ଖାତା ନମ୍ବର ୧୧୪ ପ୍ଲଟ ନମ୍ବର



୧୯୧ ରେ ପ୍ରାୟ ୪ ଏକର ୮୮ ଡିସିମିଲ ଜମି ରହିଛି । ବିଭିନ୍ନ କିସମର ଜଙ୍ଗଲରେ ପରିପୂର୍ଣ୍ଣ ଏହି ଜମିକୁ ତାଡି ପଥର ଚାଲାଣ କରିବା ପରେ ଏବେ କିଛି ସ୍ଥାନୀୟ ଲୋକ ଡିସିମିଲ ପିଛା ୨ଲକ୍ଷ ଟଙ୍କାରେ ମୌଖିକ ଭାବେ ପ୍ଲଟିଂ କରି ବିକ୍ରୀ କରୁଛନ୍ତି । ଏଭଳି ଏକ ଘଟଣାକୁ ନେଇ ଗତ କିଛି ମାସ ତଳେ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ କରାଯାଇ ନିର୍ମାଣ କାମ ବନ୍ଦ କରିଥିଲେ ହେଁ ତାହାକୁ ବିଭାଗ ଉଚ୍ଛେଦ ନ କରି ଫାଇଲ କୁ ଚାପି ରଖିଥିବାରୁ ଏଭଳି ଜବରଦଖଲ ବଢ଼ିବାରେ ଲାଗିଛି । ଉଚ୍ଛେଦ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉନଥିବାରୁ ଜବରଦଖଲକାରୀଙ୍କୁ ସୁହାଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ସେପଟେ ଗୋଚର ଜମିରେ ଘର କରିବା ପରେ ସେହି ଘରକୁ ବିଦ୍ୟୁତ୍ ଓ ପାଣି ସଂଯୋଗ ଯୋଗାଇ ଦିଆଯାଉଛି । ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ଚିହ୍ନଟ କରି ଉଚ୍ଛେଦ କରାଯାଉନଥିବାରୁ ସେମାନଙ୍କର ଭୟ ରହୁନାହିଁ । କେନ୍ଦୁଝର ସଦର ତହସିଲ ମଣ୍ଡୁଆ ରାଜସ୍ୱ ନୀରିକ୍ଷକ ଅନ୍ତର୍ଗତ କେନ୍ଦୁଝର ଆକାଶବାଣୀ କେନ୍ଦ୍ର ନିକଟରେ ଥିବା ଗୋଚର ଜମି ଜବର ଦଖଲ ହୋଇ ଘର ନିର୍ମାଣ ହୋଇଛି । ସେପଟେ ଗୋଚର ଜମିରେ ଘର କରିବା ପରେ ସେହି ଘରକୁ ବିଦ୍ୟୁତ୍ ଓ ପାଣି ସଂଯୋଗ ଯୋଗାଇ ଦିଆଯାଉଛି । ଟିକରଗୁମୁରା ମୌଜାର ପ୍ଲଟ ନଂ ୨୧୧ ଖାତା ନଂ ୮୧ ରେ ଜଣେ ବ୍ୟକ୍ତି ଗୋଚର ଜମିରେ ଘର ନିର୍ମାଣ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଟିକରଗୁମୁରା ମୌଜାରେ ଜଳାଶୟ,ଆଡି ପୋଖରୀ,ଗ୍ରାମ୍ୟ ଜଙ୍ଗଲ,ମାହାରା,ଗୋଚର ଜମି ଏକର ଏକର ଜବର ଦଖଲ ହୋଇଛି । ଘୁଟୁରୁ ହୁଡିକୁ ଶହ ଶହ ଲୋକ ଜବର ଦଖଲ କରି ଗଛ କାଟି ଘର ନିର୍ମାଣ କରି ରହିଥିଲେ ହେଁ ତହସିଲ ପକ୍ଷରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉନାହିଁ । କେନ୍ଦୁଝର ସଦର ତହସିଲର ବହୁ ସ୍ଥାନରେ ରହିଥିବା ସରକାରୀ ଜମି ଏବଂ ଗୋଚର ଜମି ଜବରଦଖଲ ହୋଇ ଘର ନିର୍ମାଣ ହେଉଥିଲେ ହେଁ ତହସିଲ ନିକଟରେ ଏହାର ସୂଚନା ରହୁନାହିଁ । ଦିନକୁ ଦିନ ସରକାରୀ ଜମି ଏବଂ ଗୋଚର ଜମି ଦଖଲ ବଢ଼ିବାରେ ଲାଗିଛି । ପ୍ରଶାସନ ପକ୍ଷରୁ ଜବର ଦଖଲ କାରୀଙ୍କ ବିରୁଦ୍ଧରେ କଡା ପଦକ୍ଷେପ ନିଆଯାଉନଥିବାରୁ ସରକାରୀ ଜମି ସଙ୍କୁଚିତ ହେବାରେ ଲାଗିଛି । ବିଶେଷ କରି ଗୋଚର ଜମି ଜବର ଦଖଲ ବଢୁଥିବାରୁ ଗୋରୁ ଗାଈ ପାଳନ କରିବା କଷ୍ଟକର ହୋଇପଡିଛି । ଗୋଚର ଜମି ଅଭାବରୁ ଅନେକ ଚାଷୀ ଗୋ-ପାଳନ କରିବା ପାଇଁ ଆଗଭର ହେଉନାହାଁନ୍ତି । ଯାହାଫଳରେ ଜିଲ୍ଲାରେ ଗୃହପାଳିତ ପଶୁମାନଙ୍କ ସଂଖ୍ୟା ଦ୍ରୁତ ଭାବରେ ହ୍ରାସ ପାଇବାରେ ଲାଗିଛି । ପ୍ରତି ଗାଁରେ ଏକର ଏକର ଗୋଚର, ଗ୍ରାମ୍ୟ ଜଙ୍ଗଲ, ପତିତ, ନୟନଯୋରୀ, ମାହାରା ପ୍ରଭୃତି ଭିନ୍ନ ଭିନ୍ନ କିସମର ଜମି ରହିଥିବାବେଳେ ସେ ସବୁର ସୁରକ୍ଷା ଅଭାବରୁ ଧିରେ ଧିରେ ଜବରଦଖଲକାରୀଙ୍କ ଦ୍ୱାରା ଜବରଦଖଲ ହୋଇପଡିଛି । ଫଳରେ ପ୍ରାଣୀସମ୍ପଦ ବିକାଶରେ ବାଦକ ସୃଷ୍ଟି ହେଉଛି । ଗୃହପାଳିତ ପଶୁଙ୍କ ଚରିବା ପାଇଁ ସ୍ଥାନାଭାବ ଯୋଗୁଁ ଲୋକେ ଗୋପାଳନ ପାଇଁ ଆଗଭର ହେଉନାହାଁନ୍ତି । ଏହି କାରଣରୁ ଗୃହପାଳିତ ପଶୁଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସରକାରଙ୍କ ପକ୍ଷରୁ ଗୋଚର ଜମି ଚିହ୍ନଟ କରି ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବୀ ହୋଇଛି ।

# ସରକାରୀ ଜମିରୁ ଲୁଟିନେଲେ ଲକ୍ଷ ଲକ୍ଷ ଟଙ୍କାର ଜୀବନ୍ତ ଗଛ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ପରିବେଶର ସୁରକ୍ଷା ନିମନ୍ତେ ସରକାର ଅଧିକରୁ ଅଧିକ ବନୀକରଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ଏପରିସ୍ଥଳେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ପୋଲିସ ପ୍ରଶାସନ ସର୍ବୋପରି ବନ ବିଭାଗର ଜ୍ଞାତସାରରେ କାଠ ମାଫିଆଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି।ସ୍ୱଷ୍ଟ ଦିବାଲୋକରେ କାଠ ମାଫିଆମାନେ କିପରି ସରକାରୀ ଜମିରୁ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଜୀବନ୍ତ ଗଛକୁ କାଟି ନେଉଛନ୍ତି ତାହାର ଏକ ନଗ୍ନ ଉଦାହରଣ ରାମକୃଷ୍ଣପୁର ଗ୍ରାମପଂଚାୟତ ଅଂଚଳରେ ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ତହସିଲ ଅଂଚଳ ଦେଇ ୧୧ନମ୍ବର ପାଟନାଳୀ ପ୍ରବାହିତ ହେଉଛି। ଏହି ପାଟନାଳୀର ଦୁଇ ପାର୍ଶ୍ୱରେ ବର୍ଷ ବର୍ଷ ଧରି ବିରାଟ ବିରାଟ ଚାକୁଣ୍ଡା, ୟୁକାଲପଟାସ, ଶାଳ ସମେତ ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛ ରହିଛି। ଆଜି ସ୍ୱଷ୍ଟ ଦିବାଲୋକରେ କାଠ ମାଫିଆମାନେ ରାମକୃଷ୍ଣପୁର ଗ୍ରାମପଂଚାୟତ ନିକଟରେ ଥିବା ପାଟନାଳୀ ପାର୍ଶ୍ୱରୁ ବହୁ ପୁରାତନ ଚାକୁଣ୍ଡା, ଶାଳ, ୟୁକାଲପଟାସ ଶତାଧିକ ଜୀବନ୍ତ ଗଛକୁ ମେସିନ ସାହାଯ୍ୟରେ କାଟି ଟ୍ରାକ୍ଟର ସାହାଯ୍ୟରେ ଅନ୍ୟତ୍ର ବିକ୍ରୟ ପାଇଁ ନେଇଯାଉଥିବାର ଦେଖିବାକୁ ମିଳିଥିଲା। ଗଛକଟା ଯାଇ ଅନ୍ୟତ୍ର ଚାଲାଣ ହେଉଥିବା ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ଏହି ଘଟଣାକୁ ନେଇ କାଠ ମାଫିଆ ସ୍ଥାନୀୟ ଲୋକଙ୍କ ଭିତରେ ବହୁ ସମୟ ଧରି କଥା କଟାକଟି ହୋଇଥିଲା। ଏପରିକି ଚାଷୀମାନେ ରବି ଫସଲ କରିଥିଲେ ମଧ ଏହି ବିଲକୁ ଟ୍ରାକ୍ଟର ପ୍ରବେଶ କରିବା ଯୋଗୁ ବହୁ ରବି ଫସଲ ନଷ୍ଟ ହୋଇଯାଇଥିବାର ଚାଷୀମହଲରେ ଅଭିଯୋଗ ହୋଇଛି। ଏସମ୍ପର୍କରେ ଲୋକେ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ମୋବାଇଲ ଯୋଗେ ଜଣାଇଥିଲେ। ତେବେ ତହସିଲଦାର ଅନିତା ନାୟକ ଏହି ଘଟଣାର ତଦନ୍ତ ନିମନ୍ତେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରାଜସ୍ୱ ନିରୀକ୍ଷକ ଧର୍ମକୁ ଆଖିଠାର ଭଳି ନାମକୁ ମାତ୍ର ଘଟଣାସ୍ଥଳରେ ପହଂଚି କାଠ ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ବରଂ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ କାଠ ମାଫିଆମାନେ ଦିନକୁ ଦିନ ସକ୍ରିୟ ହେବା ସହ ସ୍ଥାନୀୟ ନଦୀ ନାଳ ପଠା ସରକାରୀ ଜମିରେ ରହିଥିବା ମୂଲ୍ୟବାନ ଗଛ ଗୁଡ଼ିକୁ ଅବାଧରେ କାଟି ନେଉଥିବାର କାହାରିକୁ ଅଛପା ନାହିଁ। ତେବେ ବନ ବିଭାଗ ତରଫରୁ ଏହି ଅଂଚଳରେ ଅବାଧରେ ଗଛକାଟୁଥିବା ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

## ଜମି ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଚାଷୀଙ୍କ ଦାବି

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ତହସିଲ ଅଧିନରେ ଥିବା ଜିଗ୍ନିପୁର ଗ୍ରାମପଂଚାୟତ ଅଞ୍ଚଳ ଜମି ମାଫିଆଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି। ଏହି ଜମି ମାଫିଆଙ୍କ ବିରୁଦ୍ଧରେ ତହସିଲ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ତହସିଲ ସମ୍ମୁଖରେ ମହାଜନପୁର ଓ ମାତକତପୁର ମୌଜା ରହିଛି। ଏହି ମୌଜାର ଚାଷ ଜମି ଗୁଡିକୁ ଜମି ମାଫିଆମାନେ କିଣି ନେଇ ପ୍ଲଟିଂ ବ୍ୟବସାୟ କରୁଛନ୍ତି। ତେବେ ଜମି ମାଫିଆଙ୍କ ଯୋଗୁ ଦିନକୁ ଦିନ ଏହି ଅଞ୍ଚଳରେ ଚାଷ ଜମି ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଅପରପକ୍ଷରେ ଗାଁ ଛାଡି ବିଭିନ୍ନ ସରକାରୀ କର୍ମଚାରୀମାନେ ଏହି ସ୍ଥାନରେ ଜମି କିଣି ଗୃହ ନିର୍ମାଣ କରିବା ନିମନ୍ତେ ପସନ୍ଦ କରୁଛନ୍ତି। ତେବେ ନିଶ୍ଚିନ୍ତକୋଇଲି ତହସିଲ ତରଫରୁ ଚାଷଜମିକୁ ଘରବାରିରେ ପରିଣତ କରିବା ନିମନ୍ତେ ଲୋକେ ବାରମ୍ବାର ଦାବି ଓ ଆବେଦନ କରିଆସୁଥିଲେ ମଧ ତହସିଲ ତରଫରୁ ସେମାନଙ୍କୁ ନା ନା ପ୍ରକାର ହଇରାଣ ହରକତ କରାଯାଉଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଚାଷ ଜମିକୁ ପ୍ଲଟିଂ କରି ବିକ୍ରୟ କରୁଥିବା ମାଫିଆ ମାନଙ୍କୁ ତହସିଲ ତରଫରୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବାର ଅଭିଯୋଗ ହୋଇଛି। ତେବେ ପ୍ରଭାବଶାଳୀ ବ୍ୟକ୍ତିମାନେ ଏହି ମୌଜାରେ ଅବାଧରେ ଗୃହ ନିର୍ମାଣ କରୁଥିବା ଯୋଗୁ ଚାଷ ଜମିକୁ ବାରମ୍ବାର ମାଲ ବୋଝେଇ ଟ୍ରାକ୍ଟର, ଟ୍ରକ ଯାଆସ କରୁଛି। ଫଳରେ ଚାଷୀଙ୍କର ଜମି ଓ ଫସଲ କ୍ଷତିଗ୍ରସ୍ତ ହେଉଛି। ଚାଷୀଙ୍କ ଜମିକୁ ଜଳ ଶେଚନ କରାଯାଇ ପାରୁନାହିଁ। ଫଳରେ ଚାଷୀ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି। ତେବେ ଜମି ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଆଜି ଜିଗ୍ନିପୁର ଅଂଚଳର ଶତାଧିକ ଚାଷୀ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଲିଖିତ ଆକାରରେ ପ୍ରତିକାର ବ୍ୟବସ୍ଥା ନିମନ୍ତେ ଦାବି ଜଣାଇଛନ୍ତି। ତେବେ ତହସିଲ ତରଫରୁ ଜମି ମାଫିଆଙ୍କ ବିରୁଦ୍ଧରେ କି ପ୍ରକାର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ମମତା ଯୋଜନାରେ ଅର୍ଥ ହରିଲୁଟ୍ ଅଭିଯୋଗ

କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ୫୧ ଓ ଏହାଠାରୁ ଅଧିକ ବୟସର ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ତାଙ୍କ ନାମରେ ମମତା ଯୋଜନାରେ ଆସୁଥିବା ଅର୍ଥ ହରିଲୁଟ୍ କରାଯାଇଥିବା ନେଇ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ତୁଡାମେଟା ପଞ୍ଚାୟତ ଅଧିନସ୍ଥ ଏମ୍‌ଭି-୨୩ ଓ ଆଖପାଖ ଗାଁରୁ କିଛି ଦିନ ପୂର୍ବେ ଏନେଇ ଏକ ସଙ୍ଗୀନ ଅଭିଯୋଗ ଆସିଥିଲା। ତେବେ ମମତା ଯୋଜନାର ପୋର୍ଟାଲରୁ ଏହାର ପ୍ରମାଣ ମଧ୍ୟ ମିଳିଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ବିସ୍ତୃତ ଭାବେ ଖବର ପ୍ରକାଶ ପାଇଥିଲା। ତେବେ ଏ ନେଇ ମାଲକାନଗିରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ନେତୃତ୍ୱରେ ଡିଏସଡବ୍ଲ୍ୟୁ ତେରେସ୍କୋଭା ମଲିକ, ଜିଲ୍ଲା ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ମମତା ଚୌଧୁରୀ, ମମତା ଯୋଜନାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସ୍ମିତା ବେହେରା ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ କୋରୁକୋଣ୍ଡାରେ ଥିବା ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟରେ ଗତ ଫେବୃଆରୀ ୨୨ରେ ପହଞ୍ଚି ଘଟଣାର ପୁଙ୍ଖାନୁ ପୁଙ୍ଖ ଭାବେ ତଦନ୍ତ କରିଥିଲେ। ତଦନ୍ତ ସମୟରେ କୋରୁକୋଣ୍ଡା ବ୍ଲକ୍ ସିଡିପିଓ ରେଖା ଶୋଭା ସୁର୍ଦ୍ଦ, ସୁପର ଭାଇଜର ରଜନୀ ବେହେରା ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ତେବେ ସେହିଦିନ ହୋଇଥିବା ପ୍ରାଥମିକ ତଦନ୍ତ ସରିବା ପରେ ଉପ ଜିଲ୍ଲାପାଳ ଶ୍ରୀ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ ଯେ, ତଦନ୍ତରୁ ୧୫ ଜଣଙ୍କୁ ଚିହ୍ନଟ କରଯାଇଛି, ଏବେ ବି ତଦନ୍ତ ପ୍ରକ୍ରିୟା ଜାରି ରହିଛି, ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନ ନିକଟରେ ଦାଖଲ କରାଯିବ, ଘଟଣା ରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପ ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ। ତେବେ ଏହି ଘଟଣାରେ ସ୍ୱତନ୍ତ୍ର କମିଟି ପକ୍ଷରୁ କରାଯାଇଥିବା ପ୍ରାଥମିକ ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନଙ୍କୁ ପ୍ରଦାନ କରାଯାଇଥିଲା। ଗତ କାଲି ସନ୍ଧ୍ୟାରେ ଉପ ଜିଲ୍ଲାପାଳ ଶ୍ରୀ ଭୋଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣାରେ ସଂପୃକ୍ତ ଥିବା କୋରୁକୋଣ୍ଡା ସିଡିପିଓଙ୍କ କାର୍ଯ୍ୟାଳୟରେ ଏକ ଏଜେନ୍ସି ମାଧ୍ୟମରେ କାର୍ଯ୍ୟରତ ଥିବା ପୋଗ୍ରାମ ଆସିଷ୍ଟାଣ୍ଟ ମନୋଜ ବାରୋଇ ମମତା ଯୋଜନାରେ ୧୫ଜଣଙ୍କୁ ହିତାଧିକାରୀ ଦର୍ଶାଇ ଟଙ୍କା ଆତ୍ମସାତ କରିଛନ୍ତି। ତେଣୁ ତାଙ୍କୁ ଚାକିରିରୁ ତୁରନ୍ତ ବହିଷ୍କୃତ କରାଯାଇଛି ଏବଂ ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କୋରୁକୋଣ୍ଡା ସିଡିପିଓ,ଆଇସିଡିଏସ୍ ସୁପର ଭାଇଜର ବାସନ୍ତୀ ଲତା ଦେଈ, ଅଙ୍ଗନୱାଡ଼ି କର୍ମୀ ସବିତା ରାଣାଙ୍କ ମାଧ୍ୟମରେ ଏଭଳି ଘଟଣା ଘଟିଥିବାରୁ ସେମାନଙ୍କୁ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ଘଟଣାରେ ଆହୁରି ତଦନ୍ତ ଜାରି ରହିଛି, ତଦନ୍ତ ଶେଷ ହେବାପରେ ଏହି ଘଟଣାରେ କେଉଁମାନଙ୍କର ସଂପୃକ୍ତି ରହିଛି ତାହା ସ୍ପଷ୍ଟ ହେବ ବୋଲି ଉପ ଜିଲ୍ଲାପାଳ ଶ୍ରୀ ଭୋଇ ଏ ସଂପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଏ ନେଇ ସିଡିପିଓ ରେଖା ଶୋଭା ସୁନ୍ଦରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ମୁଁ କୋରୁକୋଣ୍ଡା ସଦର ଥାନାରେ ପୋଗ୍ରାମ ଆସିଷ୍ଟାଣ୍ଟଙ୍କ ବିରୁଦ୍ଧ ରେ ଏହି ଘଟଣାକୁ ନେଇ ଏକ ଲିଖିତ ଏତଲା ପ୍ରଦାନ କରିଛି ବୋଲି କହିଥିଲେ। ଏ ସଂପର୍କରେ କୋରୁକୋଣ୍ଡା ଥାନା ଅଧିକାରୀ ହିଂମାଶୁ ଶେଖର ବାରିକଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସିଡିପିଓଙ୍କ କାର୍ଯ୍ୟାଳୟରୁ ଦିଆଯାଇଥିବା ଏତଲା ହସ୍ତଗତ ହୋଇଛି। ଉକ୍ତ ଏତଲାକୁ ଭିତ୍ତି କରି ଥାନରେରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରାଯିବା ବୋଲି କହିଛନ୍ତି।

## ରାସ୍ତା, ମନ୍ଦିର ପ୍ରାଙ୍ଗଣ ସଫା କଲେ ବିଧାୟକ

ନନ୍ଦାହାଣ୍ଡି(ଭାସ୍କର ନ୍ୟୁଜ): ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବି.ମାଳୀଗୁଡା ଗ୍ରାମରେ ନବରଙ୍ଗପୁର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ ମଙ୍ଗଳବାର ଦିନ ସଫେଇ କାର୍ଯ୍ୟ କରିଛନ୍ତି । ସ୍ଥାନୀୟ ଶିବ ମନ୍ଦିର ଠାରୁ ଧୋବା ସାହି ପର୍ଯ୍ୟନ୍ତ ରାସ୍ତା କଡର ଅଳିଆ ଆବର୍ଜନା ସଫା କରିଥିଲେ । ସଫେଇ ସମୟରେ ବିଧାୟକ ଶ୍ରୀ ମାଝୀଙ୍କ ସହ ସରପଞ୍ଚ ପ୍ରଫୁଲ୍ଲ ଭତରା, ସମିତି ସଭ୍ୟ ଡମ୍ବୁ ଅମନାତ୍ୟ, ନନ୍ଦାହାଣ୍ଡି ମଣ୍ଡଳ ସଭାପତି ଲକ୍ଷ୍ମଣ ନାୟକ,



ପୂର୍ବତନ ସଭାପତି ଅରୁଣ କୁମାର ଷଡଙ୍ଗୀ, ସମେତ ଅନେକ ବିଜେପିର କର୍ମକର୍ତ୍ତା ସାମିଲ ହୋଇଥିଲେ । ନିଜେ ଝାଡୁ ଧରି ସଫା କରିଥିବାରୁ ଲୋକେ ଶ୍ରୀ ମାଝୀଙ୍କୁ ପ୍ରଶଂସା କରିଥିବା ଶୁଣିବାକୁ ମିଳିପାରୁଛି । ଅପର ପକ୍ଷରେପଞ୍ଚାୟତର ଟିଲି ଗୁଡା ଗ୍ରାମର ଆମ୍ବ ତୋଟା ପାର୍ଶ୍ୱରେ ଏକ ପାର୍କ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରି ଉଦଘାଟନ କରିଛନ୍ତି । ଉଦଘାଟନ ସମୟରେ ନନ୍ଦାହାଣ୍ଡି ବ୍ଲକ କନିଷ୍ଠଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ ଓ ସୌମ୍ୟ ରଞ୍ଜନ ପଣ୍ଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଖିଳ ଭତରା ଏବଂ ବିଜେପିର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହିଥିଲେ ।

### ୫୪ ବର୍ଷରେ ଜିଲ୍ଲାସ୍ତରୀୟ ବାଦୀପାଳା ମହୋତ୍ସବ

## ମହାଶିବରାତ୍ରରେ ଉତ୍ସବ ମୁଖର ହେବ ମଞ୍ଚ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ବାଙ୍ଗୁରୀଗାଁ ଗ୍ରାମ ପଞ୍ଚାୟତ କଣିଆ ଗ୍ରାମର ଲୋକନାଥଙ୍କ ପୀଠରେ ପବିତ୍ର ଜାଗର ଉତ୍ସବ ଧୂମଧାମରେ ପାଳିତ ହେବାକୁ ଯାଉଛି । ବୁଧବାରଠାରୁ ଏହି ପୀଠରେ (୫୪) ତମ ବାର୍ଷିକ ଜିଲ୍ଲାସ୍ତରୀୟ ବାଦୀପାଳା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଉତ୍କଳୀୟ ସଂସ୍କୃତିର ପ୍ରଚାର ପ୍ରସାର କରୁଛନ୍ତି କଣିଆ ଗ୍ରାମବାସୀ । ପ୍ରତ୍ୟେକ ବର୍ଷ ଏକାଠି ହୋଇ ବାଦୀପାଳା ଆୟୋଜନ କରିଆସୁଛନ୍ତି । ପାଳା ୫ ଦିନଧରି ଅନୁଷ୍ଠିତ ହେବ ବୋଲି ଲୋକନାଥ ଜାଗର ମଞ୍ଚ ସଭ୍ୟ ଚିତ୍ରସେନ ନାୟକ ସୂଚନା ଦେଇଛନ୍ତି । ଚଳିତବର୍ଷ ଅନୁଗୁଳ ଜିଲ୍ଲା ନାଲ୍‌କୋ ନଗର ଗିରାଙ୍ଗ ଗ୍ରାମର ଗାୟକ ଛାନ୍ଦ ମାନସ ରଞ୍ଜନ କର ଓ ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ସୁନାରି ଶାସନର ଗାୟକ ବ୍ୟାସ ପୁତ୍ର ଚନ୍ଦ୍ରଶେଖର ପାଢ଼ୀ ପାଲା ପରିବେଷଣ କରିବେ । ପ୍ରତ୍ୟେକ ଦିନ ରାତ୍ର ୭ରୁ ୧୨ଟା ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ପାଲା ପରିବେଷଣ କରାଯିବ । ମହୋତ୍ସବରେ ଆଖପାଖ ଅଞ୍ଚଳର ଆଧ୍ୟାତ୍ମିକ ପ୍ରେମୀ ଯୋଗଦେବାକୁ ଜାଗର ମଞ୍ଚର କର୍ମକର୍ତ୍ତା ଅନୁରୋଧ କରିଛନ୍ତି ।

## ମାଟ୍ରିକ୍ ପରୀକ୍ଷା ନ ସରିବା ଯାଏ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନକରିବାକୁ ବିଧାୟକଙ୍କ ଚିଠି

ଛତ୍ରପୁର(ଭାସ୍କର ନ୍ୟୁଜ): ମାଟ୍ରିକ୍ ପରୀକ୍ଷା ଗତ ଫେବୃଆରୀ ୨୧ ଆରମ୍ଭ ହୋଇଛି ଏବଂ ମାର୍ଚ୍ଚ ୬ ତାରିଖରେ ଶେଷ ହେବ । ଆଜିର ସମାଜରେ ପ୍ରତ୍ୟେକ ଗରୀବ ଅବା ଧନୀ ଲୋକଙ୍କ ପାଇଁ ବିଦ୍ୟୁତ୍ ଆଲୁଅ ନିତ୍ୟାନ୍ତ ଜରୁରୀ ହୋଇପଡିଛି । ଫଳରେ ସରକାରଙ୍କ ବିଭିନ୍ନ ସ୍କିମ୍ ହେଉ କିମ୍ବା ଅର୍ଥ ପୈଠ କରି ନିଜ ଘରକୁ ବିଦ୍ୟୁତ ସଂଯୋଗ ପ୍ରାୟତଃ କରିଛନ୍ତି । କିନ୍ତୁ ଏହି ବିଦ୍ୟୁତ ଅବା ଆଲୋକ ବିଷୟ ବସ୍ତୁକୁ ନେଇ ଏକ ନୂତନ ଘଟଣା ଦେଖିବାକୁ ମିଳିଛି ଛତ୍ରପୁର ନିର୍ବାଚନମଣ୍ଡଳୀ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ କ୍ଷେତ୍ରରେ । ଅପରାହ୍ନରେ ଗଞ୍ଜାମ ବ୍ଲକରେ ବିଧାୟକଙ୍କ ନିକଟକୁ ଜଣେ ଗଞ୍ଜାମ ଗରିବ ବ୍ୟକ୍ତି ଯାହାର ନାମ ହରି ବେହେରା ଆସି ଅଭିଯୋଗ କରିଥିଲେ ଯେ, ମୋର ଝିଅ ମେଟ୍ରିକ୍ ପରୀକ୍ଷା ଦେଉଛି, ତେଣୁ ମୋର ଘର ଅନ୍ଧାର ରହିଛି । କାରଣ ଗତକାଲି ସନ୍ଧ୍ୟା ୫ ଟା ସମୟରେ ଗଞ୍ଜାମ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୋର ଘରର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି । କିନ୍ତୁ ମୋର ଝିଅର ପରୀକ୍ଷା ଥିବା ହେତୁ ମୁ ଧାର ଉଧାର କରି ମୋର ବକେୟା ୫ ହଜାର ଥିବା ବେଳେ ୩ ହଜାର ପୈଠ କରିଥିଲି ଏବଂ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ମୋତେ କହିଥିଲେ ଯାଆନ୍ତୁ ଆପଣଙ୍କ ବିଦ୍ୟୁତ୍ ସଂଯୋଗ ହୋଇଯିବ । କିନ୍ତୁ ସୋମବାର ଯାଇ ମଙ୍ଗଳବାର ଅପରାହ୍ନ ହୋଇଗଲା ବିଦ୍ୟୁତ୍ ସଂଯୋଗ ହୋଇପାରିଲା ନାହିଁ । ତେଣୁ ମୋର ଝିଅର ଭବିଷ୍ୟତ ଅନ୍ଧାର ହେବା ସଙ୍ଗେ ସଙ୍ଗେ ମୋର ହୃଦ୍ ରୋଗ ରହିଛି । ବିଧାୟକ ଏହି କେଇପଦ କଥା ଶୁଣିଲା ପରେ ବିଦ୍ୟୁତ୍ ବିଭାଗର ଉପରିସ୍ଥ ଯନ୍ତ୍ରୀଙ୍କୁ ଯଥା ଶୀଘ୍ର ସେହି ବ୍ୟକ୍ତିଙ୍କ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଟିପିଏସଓଡିଏଲ୍‌ର ଛତ୍ରପୁର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଏକ ଅନୁରୋଧ ପତ୍ର ଲେଖିଛନ୍ତି । ସେଥିରେ ଉଲ୍ଲେଖ ରହିଛି, ବର୍ତ୍ତମାନ ମାଟ୍ରିକ୍ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେଉଛନ୍ତି, ତେଣୁ ସେମାନଙ୍କ ପାଇଁ ଏହି ସମୟ ବହୁତ ମୂଲ୍ୟବାନ । ତେଣୁ ଆପଣଙ୍କୁ ଅନୁରୋଧ ଆପଣ ମେଟ୍ରିକ୍ ପରୀକ୍ଷା ସରିବା ପର୍ଯ୍ୟନ୍ତ ଛତ୍ରପୁର ନିର୍ବାଚନମଣ୍ଡଳୀର କୌଣସି ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରନ୍ତୁ ନାହିଁ । ଫଳରେ ବିନା ବାଧାବିଘ୍ନରେ ଛାତ୍ରଛାତ୍ରୀମାନେ ଆଲୋକ ବ୍ୟବସ୍ଥାରେ ପାଠ ପଢିପାରିବେ । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଏଭଳି ପଦକ୍ଷେପକୁ ବୁଦ୍ଧିଜୀବୀଙ୍କ ସମେତ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ମୟୁରଭଞ୍ଜ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟିର ଅଷ୍ଟମ ବୈଠକ

ବାରିପଦା(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟାଲୋଚନା। ମୟୁରଭଞ୍ଜ ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା)କମିଟି ର ଅଷ୍ଟମ ବୈଠକ ଆଜି ପୂର୍ବାହ୍ନ ୧୧ ଘଟିକା ସମୟ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୟୁରଭଞ୍ଜ ମାନ୍ୟବର ଲୋକସଭା ସାଂସଦ ତଥା ଜିଲ୍ଲା ଦିଶା କମିଟିର ଅଧକ୍ଷ ନବ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ, ବାଙ୍ଗିରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁ, ଜିଲ୍ଲାପାଳ ହେମ କାନ୍ତ ସଞ୍ଜୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା



ପ୍ରମୁଖ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ସାଂସଦ ନବ ଚରଣ ମାଝୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଯୋଜନା ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ପାଇଁ ଜିଲ୍ଲାସ୍ତରୀୟ ବୈଠକ ଆଲୋଚନାରେ ଜିଲ୍ଲା ଦିଶା କମିଟି ର ସମସ୍ତ ଲୋକପ୍ରତିନିଧି ସଭ୍ୟସଭ୍ୟା ଏବଂ ସମ୍ପୃକ୍ତ ସରକାରୀ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରାଯିବା ଆବଶ୍ୟକତା ଉପରେ ପରାମର୍ଶ ଦେଇଥିଲେ ।ଉକ୍ତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟ ସୂଚୀ ଅନୁସାରେ ପ୍ରଥମେ ପୂର୍ବ ଦିଶା କମିଟି ବୈଠକର ଆଲୋଚନାରେ ସାଂସଦ / ବିଧାୟକ ଓ ଅନ୍ୟାନ୍ୟ ଜନପ୍ରତିନିଧିଙ୍କ ଦ୍ୱାରା ଉତଥାପିତ ବିଭିନ୍ନ ଆପତ୍ତି ଅଭିଯୋଗ ତଥା ପ୍ରସ୍ତାବ ଉପରେ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥବା କାର୍ଯ୍ୟାନୁଷ୍ଠାନର ଅନୁପାଳନ ସମ୍ପର୍କିତ ସବିଶେଷ ସମୀକ୍ଷାମୂଳକ ଆଲୋଚନା କରାଯାଇ ବିବରଣୀକୁ ଦୃଢ଼ୀକରଣ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ତତ୍ପରେ ବିଶେଷକରି କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ଯଥା ପାନୀୟ ଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତି ଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ବେଟି ବଚାଅ ବେଟି ପଢାଅ ମଧ୍ୟାହ୍ନ ଭୋଜନ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱାଲା ଯୋଜନା, ରାଜପଥ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସଏଲ ହେଲଥ କାର୍ଡ, ଫସଲ ବୀମା ଯୋଜନା ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସ୍ଥିତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଜିଲ୍ଲାର ପଂଚାୟତ ସମିତିର ଅଧକ୍ଷ-ଅଧକ୍ଷା, ସରପଞ୍ଚ ତଥା ଅନ୍ୟାନ୍ୟ ଜନପ୍ରତିନିଧି ତଥା ଦିଶା କମିଟିର ସଦସ୍ୟ /ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସମାଜସେବୀ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଚିକିଟି(ଭାସ୍କର ନ୍ୟୁଜ): କେ. ନୂଆଗାଁ ଥାନା ଅଧିନସ୍ତ ରତନେଶ୍ୱରୀ ମନ୍ଦିର ନିକଟରେ ଅପରାହ୍ନରେ ଆନ୍ଧ୍ରପ୍ରଦେଶ ରାଜପୁର ଅଂଚଳର ଦୁଇ ଯୁବକ ନିଜର ବାଇକ ଧରି ଦିଗପହଣ୍ଡି ପଟକୁ ଯାଉଥିବା ବେଳେ ଦିଗପହଣ୍ଡି ପଟରୁ ଆସୁଥିବା ଟ୍ରକ ସହ ଧକା ହୋଇଥିଲା । ପରେ ପରେ ବାଇକ ସହ ବାଇକ ଆରୋହୀ ହଟାତ ଜଳିବାରେ ଲାଗିଲେ । ଘାଟଣା ସ୍ଥଳରେ କେ.ନୂଆଗାଁ ପୋଲିସ ଦୁଇ ଗୁରୁତରଙ୍କୁ ମେଡିକାଲ ନେଇ ଯାଇଥିଲେ । ସେପଟେ ଚିକିଟି ଦମକଳ ବାହିନୀ ପହଁଚି ନିଆକୁ ଆୟତ୍ତ କରିଥିଲେ । ଘଟଣା ସ୍ଥଳରୁ ଦୁଇ ଗରୁତରଙ୍କୁ ମେଡିକାଲ ଆଣିବା ପରେ ଜଣକୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ତିହିଡ଼ି ପଞ୍ଚାୟତ ସମିତିର ୭ମ ସ୍ୱତନ୍ତ୍ର ଅଧିବେଶନ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ପଞ୍ଚାୟତ ସମିତି ନୀଳମଣି ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତିର ୭ମ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବ୍ଲକ ଅଧକ୍ଷା ଅବନ୍ତୀ ଦାସଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବାସୁଦେବପୁର ବିଧାୟକ ପ୍ରତିନିଧି ସରୋଜ କୁମାର ଦାସ ଯୋଗ ଦେଇ ଗ୍ରାମାଞ୍ଚଳର ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକତା ରହିଛି ବୋଲି କହିଥିଲେ। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଏଥିରେ ଯୋଗ ଦେଇ କେବଳ ପ୍ରଶାସନ ଚାହିଁଲେ ବିକାଶ ସମ୍ଭବ ନୁହେଁ। ବିକାଶ ପାଇଁ ଜନସାଧାରଣଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଉପଧକ୍ଷା ଶୁଭଦ୍ରା ଶତପଥି, ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ବିଡିଓ ନିରଂଜନ ବାରିକ ଅଧିବେଶନର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ସାମାଜିକ ସୁରକ୍ଷା




ଅଧିକାରୀ ନିହାର ରଂଜନ ରାଉତ ପୂର୍ବ ବୈଠକର ବିବରଣୀ ପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସରପଞ୍ଚ ପ୍ରଦୀପ କୁମାର ବଳ ଯୋଗ ଦେଇ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବ୍ଲକକୁ ଆସିଥିବା ୪କୋଟି ୫୦ଲକ୍ଷ ଟଙ୍କା ଅନୁଦାନକୁ ପଞ୍ଚାୟତର ଲୋକସଂଖ୍ୟାକୁ ଦୃଷ୍ଟି ଦେଇ ବଣ୍ଟନ କରାଯିବ ବୋଲି ପ୍ରସ୍ତାବ ଦେଇଥିଲେ। ସରପଞ୍ଚ ସଂଜୀବ ବେହେରା ଓ ସମିତସଭ୍ୟ ଶୁକଦେବ ମଲିକ ଯୋଗ ଦେଇ ବିଗତ ବର୍ଷ ମାନଙ୍କରେ ସମିତିସଭ୍ୟ ଅଂଶକୁ ବଣ୍ଟନ କରାଯିବାରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ କରିଥିଲେ। ସମିତସଭ୍ୟ ଚିନ୍ତାମଣି ଦାସ ଯୋଗ ଦେଇ ବ୍ଲକକୁ ଆସିଥିବା ନଳକୂପ ଗୁଡ଼ିକୁ ସମିତି ସଭ୍ୟମାନଙ୍କର ଅଂଶ ଦିଆଯାଉ ବୋଲି ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଉଦ୍ଧବ ଚରଣ ନାୟକ, କୈଳାସ ପରିଡ଼ା, ଶୁଭ୍ରନାରାୟଣ ସେଠୀ, ଚକ୍ରଧର ଦାସ, ପ୍ରଶାନ୍ତ ବିଶ୍ୱାଳ, ପୁଷ୍ପାଞ୍ଜଳି ଲେଙ୍କା, ସୁପ୍ରଭା ପାଣି, କୁନ୍ତଳା ମଳିକ, ଯଶୋଦା ମଳିକ, ରୀତାଂଜଳି ଶତପଥି, ଜୟଶ୍ରୀ ବେହେରା, ମାମିନା ଜେନା, ପ୍ରଭାତ ମିଶ୍ର, ଗୌରୀମଣି ପାଣିଗ୍ରାହୀ ସମିତିସଭ୍ୟ ଭାଗିରଥି ମଲିକ, ଜୟପ୍ରକାଶ ମଲିକ, ଜୀବନଜ୍ୟୋତି ପଲେଇ, ଧର୍ମାନନ୍ଦ ବେହେରା, ନକୁଳ ବାରିକ ପ୍ରମୁଖଙ୍କ ସହିତ ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଭୀଷ୍ମଦେବ ଶତପଥି, ଲଲାଟେନ୍ଦୁ ପାଲ, ତନୁଜା ମିଶ୍ର, ସମୀର ରଂଜନ ରାଉତ, ପିଇଓ ଦୀନବନ୍ଧୁ ମହାନ୍ତି, ଡ. ଅରୁଣ ପଣ୍ଡା, ଶାରଦା ବଳ, ସସ୍ମିତା ବାରିକ, ରୁନୁରାଣୀ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା।

# ୧୬୧ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ମିଳିନି ୩ ମାସର ଦରମା, ଅଭିଯୋଗ କଲେ ମିଳୁଛି ଛଟେଇ ଧମକ

ତେନ୍ତୁଲିଖୁଣ୍ଟି(ଭାସ୍କର ନ୍ୟୁଜ): ଇନ୍ଦ୍ରାବତୀ ପ୍ରକଳ୍ପରେ ଆଉଟସୋର୍ସିଂ ଜରିଆରେ ନିୟୋଜିତ ସିକୁରିଟି ଗାର୍ଡ ମାନଙ୍କୁ ମିଳିନି ତିନି ମାସର ଦରମା । ଦରମା ବାବଦରେ ଅଭିଯୋଗ କଲେ ମିଳୁଛି ଛଟେଇ ଧମକ । ଏହି କର୍ମଚାରୀମାନେ ଦୀର୍ଘ ବର୍ଷ ଧରି କାମ କରି ଆସୁ ଥିଲେ ସୁଧା ଠିକ୍ ଭାବେ ଦରମା ପାଉନଥିବା ଅଭିଯୋଗ ହେଉଛି । ବାରମ୍ବାର ସଂସ୍ଥା ବଦଳିବା କାରଣରୁ ମନମୁଖୀ ଶାସନ ଚାଲିଥିବା ଅଭିଯୋଗ ହେଉଛି । ପୂର୍ବରୁ ମା ତାରିଣୀ ସଂସ୍ଥାରେ କର୍ମଚାରୀମାନଙ୍କୁ ୧୨ ହଜାର ଟଙ୍କା ମିଳୁଥିବା ବେଳେ ବର୍ତ୍ତମାନର ସଂସ୍ଥା କେବଳ ୯ ହଜାର ଟଙ୍କା ଦରମା ଦେଉଛି । ଏହି ବାବଦକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସମାଧାନ ହେଉନି । ଆଜି ଏନେଇ ଇନ୍ଦ୍ରାବତୀଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟରତ ସିକୁରିଟି ଗାର୍ଡ ସମୂହ ଏଭଳିଆ ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଅନୁଯାଇ ଇନ୍ଦ୍ରାବତୀ ପ୍ରକଳ୍ପରେ କାର୍ଯ୍ୟରତ ସୁରକ୍ଷା କର୍ମୀଙ୍କୁ ଦୀର୍ଘ ୬ ମାସ ହେବ ଦରମା



ମିଳିନାହିଁ । ଇନ୍ଦ୍ରାବତୀ ପ୍ରକଳ୍ପରେ ସୁରକ୍ଷା କର୍ମୀ ନିଯୁକ୍ତି ନାମରେ ବ୍ୟବସାୟ ଚଳାଇ ବେଆଇନ ଭାବରେ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଉଛି । ପ୍ରକଳ୍ପରେ ୧୪୭ ଜଣ ସୁରକ୍ଷା କର୍ମୀଙ୍କୁ ନିଯୋଜନ ପାଇଁ ପ୍ରକଳ୍ପ ସହ ରାଜିନାମା ହୋଇଥିବା ବେଳେ ତତ୍କାଳୀନ ମା ତାରିଣୀ ସୁରକ୍ଷା ସଂସ୍ଥା ବେଆଇନ ଭାବରେ ନିଯୁକ୍ତି ଦେଇ ୧୬୧ ଜଣଙ୍କୁ ନିଯୁକ୍ତି ଦେଇଥିଲା । ମାସ ତମାମ କାର୍ଯ୍ୟ କରୁଥିବା ସୁରକ୍ଷା କର୍ମୀଙ୍କୁ ଜୋର ଜବରଦସ୍ତ କିଛି ଦିନର ଅନୁପସ୍ଥିତି ଦର୍ଶାଇ ଦରମା କାଟୁଥିବା ଅଭିଯୋଗ ହେଉଛି । ସେହି ପଇସାରେ ବଳକା ୧୪ଜଣ ସୁରକ୍ଷା କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଦରମା ଦେଉଥିବା ଅଭିଯୋଗ ହେଉଛି । ଏନେଇ ମୁହଁ ଖୋଲିଲେ ସଂସ୍ଥା ପକ୍ଷରୁ କାର୍ଯ୍ୟ ବନ୍ଦ ନଚେତ ଛଟେଇ ଧମକ ମିଳୁଥିବା ଅଭିଯୋଗ ହେଉଛି । ନିକଟରେ ଜଣେ ସୁରକ୍ଷା କର୍ମୀ ମୁହଁ ଖୋଲିବାରୁ ଦୁଇମାସ ହେବ ତାଙ୍କୁ ଛଟେଇ କରି ଘରେ ବସାଇଥିବା ଅଭିଯୋଗ ମଧ୍ୟ ଆସିଛି । ଏମିତି ଅନେକ ଅଭିଯୋଗ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଙ୍ଘ ଅସନ୍ତୋଷ ପ୍ରକାଶ କରିଛି । ନୂତନ ସଂସ୍ଥା କର୍ମଚାରୀ କେବଳ ଡିସେମ୍ବର ମାସର ଦରମା ଦେଇଛି । ଏହି ନୂତନ ସଂସ୍ଥା ମାସିକ ଦରମା ଦେବାରେ ଅବହେଳା କରିବା ସହ ଶ୍ରମିକ ଦରଠାରୁ ବହୁତ କମ ଦରମା ଦେବା ଅଭିଯୋଗ ହୋଇଛି । ବିଗତ ସଂସ୍ଥା ଇପିଏଫରେ ଘୋଟାଲା କରିବା ସହ ତିନି ମାସର ଦରମା ପ୍ରଦାନ କରିନି ଅଥଚ ସଂସ୍ଥା ଦେଉଥିବା ସିକୁରିଟି ଅର୍ଥ ଆତ୍ମସାତ କରି ଥିବା ଅଭିଯୋଗ ହୋଇଛି । ଜୋର ଜବରଦସ୍ତ ସୁରକ୍ଷା କର୍ମୀଙ୍କୁ ଅନୁପସ୍ଥିତ ଦେଖାଇବା ନିୟୋଜିତ ଏଏସଓଙ୍କୁ ବଦଳି ଏବଂ ବେନିୟମ ଭାବରେ ସୃଷ୍ଟି ହୋଇଥିବା ହେଡ଼ ଗାର୍ଡ ପଦବୀ ରଦ୍ଦ କରିବାକୁ ଦାବି କରିଛି ସଂଘ । ତମାମ ଅଭିଯୋଗ ନେଇ ପ୍ରକଳ୍ପ ଅଧିକାରୀଙ୍କୁ ସଂଘ ଜଣାଇଲେ ସୁଦ୍ଧା ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି କର୍ମଚାରୀ ସଂଘ । ଆସନ୍ତା ୭ ଦିନ ମଧ୍ୟରେ ଦରମା ପ୍ରଦାନ କରି ତମାମ ସମସ୍ୟାର ସମାଧାନ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବା କୁ ଚେତାବନି ଦେଇଛି ସଂଘ । ଆୟୋଜିତ ଏହି ସମ୍ମିଳନୀରେ ସୁରକ୍ଷା କର୍ମୀ ସଂଘ ସଭାପତି ନୀଳାମ୍ବର ପରିଚ୍ଛାଙ୍କ ସମେତ ସମ୍ପାଦକ ବାବୁଲା ନାୟକ, ଉପଦେଷ୍ଟା ବୈଦ୍ୟନାଥ ହରିଜନ, ଅଜିତ ନାୟକ, ପଦ୍ମା ଗୌଡ, ଲାବନ୍ୟ ହରିଜନ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଶତାଧିକ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୟପାଟଣା ଠାରେ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ୨୪ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୨୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୧୮ ଗୋଟି ଓ ସାମୂହିକ ୫ ଗୋଟି ରହିଥିବା ବେଳେ ୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ରାଶନ କାର୍ଡ, ପୋଲିସ କେସ୍, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ଜଳସେଚନ, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ ଥିବା ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ମୀନତିଲତା ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଧର୍ମଗଡ଼ ମନୋଜ ବେହେରା, ବ୍ଲକ ଅଧକ୍ଷ ଥବିର ବାଗ, ଜିଲ୍ଲା ପରିଷଦର ସଭ୍ୟ ଅଙ୍ଗଦ ମାଝୀ, ବ୍ଲକ ଉନ୍ନୟନ ଅଧିକାରୀ ଧର୍ମରାଜ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଆ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ବିଭାଗ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କହଁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ରଙ୍କ ସହ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ସାନପୋଡାଗୁଡାରେ ମହାବିଷ୍ଣୁ ଯଜ୍ଞ ନେଇ ଭୂମିପୂଜନ



କୋକସରା, (ଭାସ୍କର ନ୍ୟୁଜ୍ ) : ସଦଗୁରୁ ଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ୪୨ତମ ବାର୍ଷିକ ମହାବିଷ୍ଣୁ ଯଜ୍ଞ ନିମନ୍ତେ କୋକସରା ବ୍ଲକ ସାନପୋଡାଗୁଡା ଠାରେ ରବିବାର ଭୂମିପୂଜନ ହୋଇଛି। ସଂଘ ସଞ୍ଚାଳକ ଜଗଦାନନ୍ଦଜୀ ମହାରାଜ ଉପସ୍ଥିତ ରହି ଭୂମି କର୍ଷଣ ଓ ଶୁଭଖମ୍ବ ସ୍ଥାପନ କରିଥିଲେ। ଯଜ୍ଞ ଦ୍ୱାରା ପରିବେଶ ସନ୍ତୁଳିତ ହୋଇଥାଏ, ଯଜ୍ଞ ମାଧ୍ୟମରେ ପୃଥିବୀ ଶସ୍ୟ ଶ୍ୟାମଳା ହୋଇଥାଏ ଓ ଯଜ୍ଞ ମାଧ୍ୟମରେ ସମଗ୍ର ଜୀବଜଗତରେ ଶାନ୍ତି, ମୈତ୍ରୀ ଓ ସଦଭାବ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ସଂଘର ବେଦବ୍ରହ୍ମା ସରୋଜାନନ୍ଦଜୀ ବୈଦିକ ବିଧି ବିଧାନରେ ପୂଜନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦାନନ୍ଦ, ଅଭୟାନନ୍ଦ, ତୋଷାନନ୍ଦ, ଶୋଭାନନ୍ଦ, ପ୍ରେମାନନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କାଳୀକୃଷ୍ଣ ସଂଘର ସଭାପତି ସଂଜୟ କୁମାର ପଣ୍ଡା ଓ ତାଙ୍କ ସହଧର୍ମିଣୀ ସରିତା ପଣ୍ଡା ଯଜମାନ ଭାବରେ କାର୍ଯ୍ୟ ସଂପାଦିତ କରିଥିଲେ। ଆଗାମୀ ମାର୍ଚ୍ଚ ମାସର ୨୮ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ମହାବିଷ୍ଣୁ ଯଜ୍ଞ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ନିଶୁଳ୍କ ସଂସ୍କାର କାର୍ଯ୍ୟକ୍ରମ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ, ଜଳ ଯଜ୍ଞ, ସେବା ଯଜ୍ଞ ଆଦି ଅନୁଷ୍ଠିତ ହେବ। ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟସଂଘ କାର୍ଯ୍ୟକର୍ତ୍ତା, ବିଭିନ୍ନ ଶାଖା ସଂଘ ଓ ଗ୍ରାମର ଶିଷ୍ୟଶିଷ୍ୟା ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ସାନପୋଡାଗୁଡା ଗ୍ରାମର ଶିଷ୍ୟଶିଷ୍ୟା ଓ ଜନସାଧାରଣ ଭୂମିପୂଜନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନୂତନ କମ୍ୟୁନିଟି ହଲ ଉଦ୍‌ଘାଟିତ

ନର୍ଲା, (ଭାସ୍କର ନ୍ୟୁଜ) ନର୍ଲା ନିର୍ବାଚନ ମଣ୍ଡଳୀର ଦେହେଲି ଶିବମନ୍ଦିର ଠାରେ ଏକ ନୂତନ କମ୍ୟୁନିଟି ହଲ୍ ନର୍ଲା ବିଧାୟିକା ମନୋରମା ମହାନ୍ତି ଏବଂ ପଞ୍ଚାୟତ ସମିତି ନର୍ଲା ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ କରକମଳରେ ଉଦ୍ଘାଟିତ ହୋଇଯାଇଛି। ଦେହେଲି ଶିବ ମନ୍ଦିରଟି ଅତି ପୁରାତନ ଶୈବ ପୀଠ ହୋଇଥିବା ବେଳେ ଏଠାରେ ଅନେକ ପୁରାତନ ମୂର୍ତ୍ତି ଗବେଷଣା ଅପେକ୍ଷାରେ ରହିଛି। ଏସବୁ ବିଧାୟିକା ଓ ବ୍ଲକ ଅଧକ୍ଷ ବୁଲି ଦେଖିବା ସହ ଗ୍ରାମବାସୀଙ୍କ ଅନେକ ସମସ୍ୟା ଶୁଣିଥିଲେ ଓ ସେମାନଙ୍କ ସହ ଆପୋଷ ଆଲୋଚନା କରିଥିଲେ। ଏହାର ସମାଧାନ କରିବା ପାଇଁ ଚେଷ୍ଟା କରାଯିବ ବୋଲି ବ୍ଲକ ଅଧକ୍ଷ ଶ୍ରୀ ମହାନ୍ତି ପ୍ରତିଶୃତି ଦେଇଛନ୍ତି।



## ନୂତନ ମନ୍ଦିର ପ୍ରତିଷ୍ଠା: ଓମ୍ ନମଃ ଶିବାୟ ଧ୍ୱନିରେ କମ୍ପିଲା ମନ୍ଦିର ବେଢ଼ା



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତର ଓଲମା ଗ୍ରାମରେ ନବ ନିର୍ମିତ କାଳେଶ୍ୱର ମହାଦେବଙ୍କ ଭବ୍ୟ ମନ୍ଦିର ସୋମବାର ପ୍ରତିଷ୍ଠା ହୋଇଛି। ଗୁରୁବାର ଦିନଠାରୁ ପ୍ରତ୍ୟେହ ବିଭିନ୍ନ ପୂଜାକାର୍ଯ୍ୟ ଚାଲିଥିବା ବେଳେ ସୋମବାର ସକାଳୁ ଶିବ ମନ୍ଦିର ତ୍ରିଶୂଳ ଧ୍ୱଜା ରୋପଣ, ଚଣ୍ଡି ମନ୍ଦିର ତ୍ରିଶୂଳ ଧ୍ୱଜା ରୋପଣ, ଦେବ ପ୍ରବେଶ ସହ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ବେଢ଼ାରେ ଶହ ଶହ ଭକ୍ତଙ୍କ ସମାଗମ ହେବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ଓମ୍ ନମଃ ଶିବାୟ ଧ୍ୱନିରେ କମ୍ପି ଉଠିଥିଲା ମନ୍ଦିର ବେଢ଼ା। ଏହି ପ୍ରତିଷ୍ଠା ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରଓ୍ୱାଲ ପ୍ରମୁଖ ସାମିଲ ହୋଇ ମନ୍ଦିର ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ନିମନ୍ତେ ମହାଦେବଙ୍କ ଠାରେ ଆଶୀର୍ବାଦ କାମନା କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିବାବେଳେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। କର୍ତ୍ତା ଭାବରେ କମଳ କୁମାର ଅଗ୍ରଓ୍ୱାଲ ଓ ତାଙ୍କ ସହଧର୍ମିଣୀ ବବିତା ଦେବୀ ଦାୟିତ୍ୱ ନିର୍ବାହ କରିଥିଲେ। ଆଚାର୍ଯ୍ୟ ଗୋପାଳଜୀ ପ୍ରସାଦ ଠାକୁର, ବ୍ରହ୍ମା ଶ୍ରୀପତି ଠାକୁର, ସ୍ୱସ୍ତିବାଚକ ଭାସ୍କର ଠାକୁର, ରୁଦ୍ରୀ ଅନିରୁଦ୍ଧ ଠାକୁର, ବିଶମ୍ଭର ଯୋଷୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କାଳେଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ଫୁଲଚନ ଶବର, ସାଧାରଣ ସମ୍ପାଦକ ସଂଜୀବ କୁମାର ପଣ୍ଡା, କୋଷାଧକ୍ଷ ଅଚ୍ୟୁତ ସାହୁ, ଧନଞ୍ଜୟ ସାହୁ, ମୁଖ୍ୟ ପୂଜକ ନିତ୍ୟାନନ୍ଦ ଶବର, ତ୍ରିନାଥ ଶବର, ଶେଷ ରଞ୍ଜନ ପଣ୍ଡା, ସୁମନ୍ତ କୁମାର ଅଗସ୍ତି, ଭୂପେନ୍ଦ୍ର ଶବର, ଉମାକାନ୍ତ ମାଝୀ, ଘାସିରାମ ମାଝୀ, ବଳଦେବ ସାହୁ, ଚକ୍ରଧର ଶବର, ବିଭୁତି ଭୂଷଣ ମାଝୀ ସମେତ ଓଲମା ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ଲାଞ୍ଜିଗଡ ପଞ୍ଚାୟତ ସମିତିର ଦଶମ ବୈଠକ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ଲାଞ୍ଜିଗଡ଼ ପଞ୍ଚାୟତ ସମିତିର ଦଶମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ବ୍ଲକ ଅଧକ୍ଷା କମଳା ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଲୋକସଭା ସାଂସଦଙ୍କ ପ୍ରତିନିଧି ଅବସର ପ୍ରାପ୍ତ ପ୍ରଶାସକ ଗଙ୍ଗାଧର ମାଝୀ, ବ୍ଲକ ଉପାଧକ୍ଷ




ସଞ୍ଜୀବ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟା ଅଞ୍ଜଳୀ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ କୁମାର ନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ରୁକ୍ଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢ଼ଳଦେବ ମୁଣ୍ଡ, ଭାରତଭୂଷଣ ସାହୁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦଶମତ ମାଝୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଭଗବାନ ଗଉଡ଼, କୃଷି ବିଭାଗର ଅଧିକାରୀ କୃଷ୍ଣଞ୍ଜନ ସେନାପତି, ଦେବୀ ପ୍ରସାଦ ପୁଷ୍ଟି, ସହକାରୀ ମତ୍ସ୍ୟ ଅଧିକାରୀ ଦେବବ୍ରତ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକର ୨୬ ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟାମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଅଲ୍ ଓଡ଼ିଶା ମାଷ୍ଟର ଚାମ୍ପିଅନସିପ୍ ବ୍ୟାଡମିଣ୍ଟନ୍
## ପୁରସ୍କାର ହାତେଇଲେ କଳାହାଣ୍ଡିର ଖେଳାଳି




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସ୍ୱୀକୃତି ପ୍ରାପ୍ତ ରାଜ୍ୟ ଭେଟେରାନ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ କଟକ ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା କଟକ ଠାରେ ତା ୨୧ ରୁ ୨୩ ଫେବୃଆରୀ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମାଷ୍ଟରସ୍ ଚାମ୍ପିଅନସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ ବର୍ଷରୁ ଅଧିକ ଡବଲ୍ସ ପ୍ରତିଯୋଗିତାରେ କଳାହାଣ୍ଡି ଭେଟେରାନ୍ ବ୍ୟାଡମିଣ୍ଟନ ଖେଳାଳି ସମୀର ସାହୁ ବିଜେତା, ଚତୁର୍ଭୁଜ ନାଏକ ଉପବିଜେତା, ୬୦ବର୍ଷରୁ ଅଧିକ ଡବଲସ୍ ପ୍ରତିଯୋଗିତାରେ ଗୌରୀ ଶଙ୍କର ବିଶି ଉପବିଜେତା ଓ ୫୦ବର୍ଷରୁ ଅଧିକ ଡବଲ୍ସ ପ୍ରତିଯୋଗିତାରେ ମହେଶ କୁକ୍ରେଜା ଉପବିଜେତା ହୋଇ ଜିଲ୍ଲାର ଗୌରବ ବଢ଼ାଇଛନ୍ତି। ତାଙ୍କର ଏହି ଉଲ୍ଲେଖଯୋଗ୍ୟ ସଫଳତା ପାଇଁ କଳାହାଣ୍ଡି ବ୍ୟାଡ଼ମିଣ୍ଟନ୍ ଏସୋସିଏସନ୍‌ର ସଭାପତି ପ୍ରଦୀପ ଦାସ ଓ କଳାହାଣ୍ଡି ବ୍ୟାଡ଼ମିଣ୍ଟନ୍ ଏସୋସିଏସନ୍‌ର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ କୃତୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମା’ ସୁବର୍ଣ୍ଣ ରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଟିଙ୍ଗିପଦର୍ ଠାରେ ମାଁ ସୁବର୍ଣ୍ଣରାଣୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଚାପ୍ରିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ନରହରି ବାଗ, ସମ୍ମାନିତ ଅତିଥି ଭାବେ ସମ୍ଭୁ ସାହୁ, ଦିନ ବାଗ, ହରେରାମ ମଲ୍ଲିକ, ପୁରୁଷୋତ୍ତମ ଭୋଇ, କପୂର୍ଚନ୍ ସେଠିଆ, ଶତ୍ରୁଘନ୍ ସେଠିଆ ପ୍ରମୁଖ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ୍‌ରେ ଗ୍ରୀଣ୍ଡୋଲ ଏକାଦଶ ସହ ଗୋଲାମୁଣ୍ଡା ଏକାଦଶର ଲଢେଇ ଥିଲା । ଏହି ମ୍ୟାଚରେ ଗ୍ରୀଣ୍ଡୋଲ ଏକାଦଶ ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୨ ଓଭରରେ ୮୨ ରନ ସଂଗ୍ରହ କରିଥିବା ବେଳେ ଗୋଲାମୁଣ୍ଡା ଏକାଦଶ ଦଳ ବ୍ୟାଟିଂ କରି ୮୩ ରନ କରି ବିଜୟ ହାସଲ କରିଥିଲେ । ଏହି ମ୍ୟାଚରେ ଗୋଲାମୁଣ୍ଡା ଏକାଦଶର ବବି ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଲୁନା ମ୍ୟାନ ଅଫ୍ ଦି ସିରିଜର ହାସିଲ କରିଥିଲେ। ବିଜୟୀ ଦଳକୁ ୨୦ ହଜାର ଟଙ୍କା ପ୍ରଥମ ପୁରସ୍କାର ଏବଂ ରନର୍ସ ଦଳକୁ ୧୫ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା । ମନୁ ବିହାରୀ ଏବଂ ସତ୍ୟ ପ୍ରଧାନୀ ଅମ୍ପାୟାର କାର୍ଯ୍ୟ ତୁଲାଇଥିବା ବେଳେ ଦେବରାଜ ଭାଟି ଏବଂ ବସୁଦେବ ମଲ୍ଲିକ୍, ପୂର୍ଣ୍ଣ ଚନ୍ଦ୍ର ସେଠିଆ ଖେଳ ଧାରାବିବରଣି ପ୍ରଦାନ କରିଥିଲେ । କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ମିଶନଶକ୍ତି ଗୃହ ଏବେ ପାଲଟିଛି ଶିଶୁ ବିକାଶ କାର୍ଯ୍ୟାଳୟ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟରୁ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ୟତମ। ଜନ୍ମରୁ ୬ବର୍ଷ ଶିଶୁ, ଗର୍ଭବତୀ, ପ୍ରସୂତି, କିଶୋରୀ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସୁଛି ବିଭାଗ। ହେଲେ ଏଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଖୋଦ ସରକାରୀ ସ୍ତରରେ ଅଣଦେଖା କରାଯିବା ଭଳି ଅଭିଯୋଗ ହେଉଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ସ୍ଥିତ ସମନ୍ୱିତ ଶିଶୁ ବିଭାଗର ନିଜସ୍ୱ କାର୍ଯ୍ୟାଳୟ ନ ଥିବା ନେଇ ସାଧାରଣରେ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଗତ ୧୯୯୨ମସିହାରେ ଧର୍ମଗଡ ବ୍ଲକରେ ଶିଶୁ ବିକାଶ ପ୍ରକଳ୍ପ ପ୍ରତିଷ୍ଠିତ ହୋଇ ୧୯୯୩ମସିହାରୁ କାର୍ଯ୍ୟକ୍ଷମ ହୋଇଥିଲା। ସେତେବେଳେ ବ୍ଲକ ପରିସରରେ ଏକ ଛୋଟ କଠୋରି ମଧ୍ୟରେ କାର୍ଯ୍ୟାଳୟ ଦୀର୍ଘ ୨-୩ ବର୍ଷ ଧରି ପରିଚାଳନା ହୋଇଥିଲା। ପରବର୍ତ୍ତୀ ସମୟରେ ଧର୍ମଗଡ କୋର୍ଟ ପାଚେରୀ ସମ୍ମୁଖରେ ଶିଶୁ ବିକାଶ କାର୍ଯ୍ୟାଳୟ ନିର୍ମାଣ ୧୯୯୪ମସିହାରେ କରାଯାଇଥିଲା। ହେଲେ ମୂଳରୁ କାର୍ଯ୍ୟାଳୟ ନିର୍ମାଣରେ ନିମ୍ନ ମାନର କାମ ହୋଇଥିବା ଯୋଗୁଁ ଅଳ୍ପ ଦିନ ମଧ୍ୟରେ ଜରାଜୀର୍ଣ୍ଣ ଅବସ୍ଥାକୁ ଫେରି ଆସିଥିଲା। ତେବେ ବିପଦ ସଂପନ୍ନ ଭାବେ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ ମାନେ ଦୀର୍ଘ ଦିନରୁ କାର୍ଯ୍ୟ କରି ଆସୁଥିଲେ। ଶେଷରେ ଗତ ୨୦୨୨ମସିହା ବେଳକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟାଳୟ ଗୃହ ପରିତ୍ୟକ୍ତ ଅବସ୍ଥାକୁ ଫେରି ଆସିବା ପରେ ବିଭାଗ ମିଶନ ଶକ୍ତି ଗୃହରେ ରହି ଆଜି ଯାଏ କାର୍ଯ୍ୟ କରି ଆସୁଛି। ତେବେ ନୂତନ କାର୍ଯ୍ୟାଳୟ ନିର୍ମାଣ ବାବଦକୁ ନେଇ ପୂର୍ବ ଶିଶୁ ବିକାଶ ଅଧିକାରିଣୀ ସୁଚରିତା ମହାପାତ୍ର ଉଚ୍ଚ କର୍ତ୍ତୃପକ୍ଷ ଓ ବିଡ଼ିଓଙ୍କୁ ବାରମ୍ବାର ଜଣାଇଥିଲେ। ହେଲେ ଆଜି ଯାଏ କୌଣସି ବ୍ୟବସ୍ଥା ହୋଇ ପାରିନାହିଁ। ଖୋଦ ସରକାରୀ ସଂସ୍ଥାର ଯଦି ଏଭଳି ଅବସ୍ଥା ବାକି ସଂସ୍ଥା ଗୁଡିକୁ କିଏ ପଚାରେ ବୋଲି ବୁଦ୍ଧିଜୀବୀ ମହଲରେ ସମାଲୋଚନା ହେଉଛି। ସେଭଳି ଧର୍ମଗଡ ଶିଶୁ ବିକାଶ ବିଭାଗ ଅଧୀନରେ ରହିଥିବା ମୋଟ ୧୯୪ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୫୪ଟି କେନ୍ଦ୍ର ନିଜସ୍ୱ ରହିଥିବା ବେଳେ ୩୬ଟି ଭଡା, ୩ଟି କମ୍ୟୁନିଟି ଓ ଗୋଟାଏ ସ୍କୁଲ ବିଲ୍ଡିଂରେ କେନ୍ଦ୍ର ପରିଚାଳନା ହେଉଛି। ୧୫୫ଟି ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ପାଇଁ ସରକାରୀ ଫଣ୍ଡ ଆସିଥିଲେ ସୁଦ୍ଧା ବର୍ତ୍ତମାନ ୪୦ଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇପାରିଥିବା ବେଳେ ୨୦ଟିରେ ଅଧାରୁ କାମ ଅଟକି ରହିଛି। ଅନ୍ୟପଟେ ନୂତନ ଭାବେ ଶିଶୁ ବିକାଶ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କ ଠାରୁ ଅନୁମୋଦନ ହୋଇ ଟଙ୍କା ଆସିଥିବା ଖବର ଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅବହେଳା ଯୋଗୁଁ ଆଜି ଯାଏ ନିର୍ମାଣ ହୋଇପାରି ନ ଥିବା କୁହାଯାଏ। ଇତି ମଧ୍ୟରେ ୩ଜଣ ବିଡ଼ିଓଙ୍କ ବଦଳି ହୋଇସାରିଛି ହେଲେ ବଦଳି ପାରୁନି ଶିଶୁ ବିକାଶ ପ୍ରକଳ୍ପର ଭାଗ୍ୟ। ବର୍ତ୍ତମାନ କିଛି ଦିନ ତଳେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ସଦାଶିବ ନାୟକ ଯୋଗ ଦେଇଛନ୍ତି। ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପ୍ରତି କେତେ ଯତ୍ନବାନ ନେବେ ତାହା ସମୟ ସାପେକ୍ଷ। ଏନେଇ ଧର୍ମଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

## ରୋଜଗାରର ମାଧ୍ୟମ ସାଜିଛି ‘ବହଲ୍ କଢ’



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକର ବିଭିନ୍ନ ପରିବା ବଜାରରେ ଏବେ କିଛି ଦିନ ହେଲା ପ୍ରବେଶ କରିଛି ‘ବହଲ କଢ’। ଋତୁକାଳୀନ ଏହି ଜଙ୍ଗଲ ଜାତ ଦ୍ରବ୍ୟ ଲୋକଙ୍କ ପ୍ରଥମ ପସନ୍ଦ ହୋଇଥିବାରୁ ଦରକୁ ଖାତିରି ନକରି ଅତି ଆଦରରେ କଣି ନେଉଛନ୍ତି ଲୋକେ। ଆଉ ଶାଗ ବିକାଳୀ ମଧ୍ୟ ଭଲ ଦୁଇ ପଇସା ପାଉଥିବାବେଳେ କିଛି ପରିବାର ପାଇଁ ‘ବହଲ୍ କଢ’ ରୋଜଗାରର ମାଧ୍ୟମ ସାଜିଛି। କୋକସରା ବ୍ଲକର ସାହାଜଖୋଲ ଜଙ୍ଗଲ ଇଲାକାରେ ଥିବା ଗାଁ ଗୁଡ଼ିକର ଲୋକେ ବିଶେଷ କରି ମହିଳା ମାନେ ଜଙ୍ଗଲରୁ ଏହାକୁ ସଂଗ୍ରହ କରି ସିଧା ବଜାରକୁ ନେଇ ଆସୁଛନ୍ତି। ବଜାରରେ ବାକି ପନିପରିବା ଅପେକ୍ଷା ବହଲ୍ କଢ଼ର ବେଶ୍ ଚାହିଦା ରହିଛି। ତେଣୁ କମ୍ ସମୟ ମଧ୍ୟରେ ଲୋକେ ବହଲ୍ କଢ଼କୁ କିଣି ନେଇଯାଉଛନ୍ତି। ବହଲ୍ କଢ଼ ପାଟିକୁ ଯେତିକି ସୁଆଦିଆ ସେତିକି ଔଷଧୀୟ ଗୁଣ ମଧ୍ୟ ଭରି ହୋଇ ରହିଛି। ବହଲ୍ କଢ ଚକ୍ଷୁ ରୋଗ ଭଲ କରିବାରେ ରାମବାଣ ସଦୃଶ୍ୟ। ଏହା ସହ ଏହା ତ୍ୱଚାର ଚମକ ଆଣିବାରେ ସାହାଯ୍ୟ କରିଥାଏ। ତେଣୁ ବଜାରରେ ଯେତେ ବହଲ୍ କଢ଼ ଆଣିଲେ ମଧ୍ୟ ଲୋକେ କିଣି ନେଇଯାଉଛନ୍ତି। ଧାନ କଟା ସରିବା ପରେ କୌଣସି କାମ ଧନ୍ଦା ନଥିବାରୁ ମହିଳା ମାନେ ଘରେ ବସି ରହୁଥିଲେ। ଠିକ୍ ଏହି ସମୟରେ ଜଙ୍ଗଲରୁ ବହଲ୍ କଢ଼କୁ ସଂଗ୍ରହ କରି ବଜାରରେ ବିକ୍ରି କରି ପ୍ରତିଦିନ ୫ଶହ ରୁ ୭ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ମହିଳା ମାନେ। ଋତୁକାଳୀନ ଏହି ଦ୍ରବ୍ୟ ମହିଳା ମାନଙ୍କ ପାଇଁ ରୋଜଗାର ଦେଇଥିବା ବେଳେ ବେଶ୍ କିଛି ଦିନ ପାଇଁ ପରିବାର ପ୍ରତିପୋଷଣର ମଧ୍ୟମ ସାଜିଛି।

## ରାଶିଫଳ

ବୁଧବାର, ୨୬ ଫେବୃଆରୀ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି ।



**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି ।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



**ସିଂହ:** ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ ।



**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ। କୈଣସି ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ ।



**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ । ଅତ୍ୟଧିକ ଭାରାକ୍ରାନ୍ତ ହେବା ଆପଣଙ୍କୁ ବ୍ୟସ୍ତ ରଖିବ ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଭ୍ରମଣରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ । ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।




ଛତ୍ରୀଜୀତ ୬ଝ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯